ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 42 ◆ISSUE-180 ◆BHUBANESWAR ◆THURSDAY ◆26 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୮୦ ◆ଭୁବନେଶ୍ୱର ◆ଗୁରୁବାର ◆୨୬ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦





କାଜାଖସ୍ତାନରେ

# ଏୟାର କ୍ରାସ୍; ୩୮ ଦଗ୍ଧ

**ପକ୍ଷୀ ସହ ଧକ୍କା ପରେ ଅବତରଣ ବେଳେ ଜଳିଗଲା ବିମାନ**



■ **ଅସ୍ତାନା, ୨୫।୧୨ (ଏଜେନ୍ସି):** କାଜାଖସ୍ତାନ ଅକ୍ତାଉ ସହର ନିକଟରେ ବୁଧବାର ସକାଳେ ଭୟଙ୍କର ବିମାନ ଦୁର୍ଘଟଣା ଘଟିଛି। ଅଜରବୈଜାନରୁ ରୁଷ୍ ଯାଉଥିବା ଏକ ବିମାନ ପକ୍ଷୀଙ୍କ ସହ ଧକ୍କାହେବାରୁ ଦୁର୍ଘଟଣାଗ୍ରସ୍ତ ହୋଇ ୩୮ ଜଣଙ୍କ ମୃତ୍ୟୁ ହୋଇଛି। ୨୯ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କୁହାଯାଉଛି। ଅଜରବୈଜାନ ଏୟାରଲାଇନ୍ସର ଏହି ଏମ୍ବ୍ରୟର-୧୯୦ ବିମାନରେ ୬୨ ଯାତ୍ରୀ ଏବଂ ୫ ଜଣ କ୍ରୁ ▶ପୃଷ୍ଠା-୭

ଆଫଗାନିସ୍ତାନରେ

# ଏୟାର ଷ୍ଟ୍ରାଇକ୍; ୪୬ ମୃତ

**ପାକିସ୍ତାନ ସେନାକୁ ପ୍ରତିଆକ୍ରମଣ ଧମକ ଦେଲା ତାଲିବାନ**



■ **କାବୁଲ, ୨୫।୧୨ (ଏଜେନ୍ସି):** ପାକିସ୍ତାନ ସେନା ମଙ୍ଗଳବାର ବିଳମ୍ବିତ ରାତିରେ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ କରିଛି। ଏହି ଆକ୍ରମଣରେ ଅତିକମରେ ୪୬ ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି। ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ର ପକ୍ଟିକା ପ୍ରଦେଶ ସ୍ଥିତ ପାହାଡ଼ିଆ ଅଞ୍ଚଳରେ ଥିବା ଠିକଣାକୁ ନିଶାଣ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ଶାହବାଜ ସରିଫଙ୍କ ସରକାର ପକ୍ଷରୁ କୁହାଯାଇଛି। ଏଥିରେ ▶ପୃଷ୍ଠା-୭

**୨୮ ବର୍ଷର 'ପ୍ରସିଦ୍ଧି ଯାତ୍ରା' ପଥରେ ବିଜେଡି**

# ଏବେ ବି ନବୀନ ପ୍ରଥମ ପସନ୍ଦ

■ **ଭୁବନେଶ୍ୱର, ୨୫।୧୨ (ସମିସ):** ୨୮ ବର୍ଷର 'ପ୍ରସିଦ୍ଧି ଯାତ୍ରା' ପଥରେ ପାଦ ଥାପି ଆସନ୍ତା କାଲି ନିଜର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି ବିଜୁ ଜନତା ଦଳ। ୨୭ ବର୍ଷର ଏହି କାଳଖଣ୍ଡରେ ଦଳ ୨୪ ବର୍ଷ ଓଡ଼ିଶା ଶାସନର ମଙ୍ଗ ଧରି ଓଡ଼ିଶାକୁ ବିକାଶର ଏକ ନୂଆ ଦିଗନ୍ତ ପ୍ରଦାନ କରିଛି। ଦଳର ମୁଖିଆ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଦିଗ୍‌ଦର୍ଶନରେ ଓଡ଼ିଶା ପ୍ରତିଦିନ ବିକାଶର ନୂଆ ନୂଆ ପଟ୍ଟକଥା ଲେଖିବାରେ ସଫଳ ହୋଇଛି। ତେବେ ଗତ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ମୁଖ୍ୟ ବିରୋଧୀ ଦଳର ଦାୟିତ୍ୱ ଦେଇଥିଲେ ହେଁ ନବୀନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଏବଂ ଭଲପାଇବା ଅତୁଟ ରହିଛି। ନବୀନଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ବିରୋଧୀ ଆସନରେ ବସିଥିଲେ ହେଁ, ଗତ ନିର୍ବାଚନରେ ବିଜେପି ଅପେକ୍ଷା ବିଜେଡି ଅଧିକ ସଂଖ୍ୟକ ଭୋଟ ପାଇଥିଲା। ନିର୍ବାଚନ କମିସନଙ୍କ ତଥ୍ୟ ଅନୁସାରେ ବିଜେପିକୁ ୪୦.୦୭ % ଭୋଟ ମିଳିଥିବାବେଳେ ବିଜେଡିକୁ ୪୦.୨୨% ଭୋଟ ମିଳିଛି। ବିରୋଧୀ ଦଳ ନେତା ଭାବରେ ନବୀନ ଯୋଗଦେଉଥିବା ପ୍ରତିଟି କାର୍ଯ୍ୟକ୍ରମରେ ଅସମ୍ଭାଳ ଭିଡ଼, ଜନଗହଳି; ସର୍ବୋପରି ନବୀନଙ୍କ ପାଇଁ ଦୁଇଟୋପା ଆନନ୍ଦାଶ୍ରୁ ନବୀନଙ୍କ ଶ୍ରେଷ୍ଠତାକୁ ପ୍ରମାଣିତ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଏପଟେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଅଥବା ବିରୋଧୀ ଦଳର ନେତା; ଜନସେବାକୁ ସର୍ବାଗ୍ରେ ରଖିଛନ୍ତି ନବୀନ। ନିଜେ ରାଜ୍ୟର ପ୍ରତିଟି ପ୍ରସଙ୍ଗରେ ମୁଖର ହେବା ସହ ଶାସକ ଦଳକୁ ଜବାବ୍ ମାଗୁଥିବାବେଳେ ଦଳୀୟ ନେତାଙ୍କୁ ଲୋକଙ୍କ ସୁଖ, ଦୁଃଖ ସହ ଯୋଡ଼ି ହୋଇ ରହିବାକୁ ସିଧା ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଷ୍ଠା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କାର୍ଯ୍ୟକର୍ତ୍ତାଙ୍କୁ ନବୀନ ଲେଖିଥିବା ଚିଠି ହିଁ ତାଙ୍କ ଦାୟିତ୍ୱବୋଧତାକୁ ସ୍ପଷ୍ଟ ଭାବେ ପ୍ରତିପାଦିତ କରୁଛି।

ରାଜନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ୨୭ ବର୍ଷର ଏହି ଦୀର୍ଘ ଯାତ୍ରାରେ ବିଜୁ ଜନତା ଦଳ କେବେ ବି ରାଜ୍ୟସ୍ୱାର୍ଥ ସହ ସାଲିସ୍ କରିନାହିଁ। ଏକ ଆଞ୍ଚଳିକ ଦଳ ଭାବେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ସବୁବେଳେ ରାଜ୍ୟସ୍ୱାର୍ଥକୁ ସର୍ବାଗ୍ରେ ରଖିଛନ୍ତି। ବ୍ୟକ୍ତିଗତ ଆକାଂକ୍ଷା, ଉଚ୍ଚାଭିଳାଷ ନବୀନଙ୍କୁ ଛୁଇଁପାରି ନାହିଁ ବୋଲି ସମୀକ୍ଷକମାନେ ମତପ୍ରକାଶ କରନ୍ତି। ନବୀନ ସବୁବେଳେ କୁହନ୍ତି, ଗଣତନ୍ତ୍ରରେ ଗଣ ହିଁ ସର୍ବୋପରି; ଜନସାଧାରଣ ହିଁ ରାଜନେତାଙ୍କ ସର୍ବମୟ କର୍ତ୍ତା। ▶ପୃଷ୍ଠା-୭



**୨୭ ବର୍ଷର ସାଲିସ୍‌ବିହୀନ ଯାତ୍ରା ଦଳକୁ ଦେଇଛି ଅପାର ସଫଳତା**

**ଦଳୀୟ କର୍ମୀଙ୍କ ପାଇଁ ନବୀନଙ୍କ ଏକସୂତ୍ରୀ ମନ୍ତ୍ର: କ୍ଷମତାରେ ଥାଅ କି ନଥାଅ, ଲୋକଙ୍କ ସେବା କରି ଚାଲ**

**ଓଡ଼ିଶାର ବିକାଶ ପାଇଁ 'ନବୀନ ମାର୍ଗ'କୁ ଅନୁସରଣ କରନ୍ତୁ ରାଜ୍ୟ ସରକାର**

**ଓଡ଼ିଶାବାସୀଙ୍କ ସେବା ପାଇଁ ସବୁବେଳେ ଦୁଇପାଦ ଆଗରେ ଥିବ ବିଜେଡି**

▶▶ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଦାବି



# ନବୀନ, ନୀତୀଶଙ୍କୁ ମିଳୁ ଭାରତରତ୍ନ

■ **ଭୁବନେଶ୍ୱର, ୨୫।୧୨ (ସମିସ):** କଥା କମ୍ କାମରେ ଅଧିକ ବିଶ୍ୱାସ ରଖୁଥିବା ନୂଆ ଓଡ଼ିଶାର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଭୂମିକାକୁ ବିରୋଧୀ ଅନେକ ସମୟରେ ସ୍ୱୀକାର କରି ଆସିଛନ୍ତି। ନବୀନଙ୍କ ବିକାଶର ରାଜନୀତିକୁ ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସ୍ୱୀକୃତି ମିଳିଛି। ରାଜ୍ୟଠାରୁ ଜାତୀୟ ରାଜନୀତି ପର୍ଯ୍ୟନ୍ତ ନିର୍ବିବାଦୀୟ ରାଜନେତା ଭାବେ ନବୀନଙ୍କର ଦଳ, ମତ ନିର୍ବିଶେଷରେ ଅନେକ ପ୍ରଶଂସକ ରହିଛନ୍ତି। ଏହିକ୍ରମରେ ବୁଧବାର ଏକ ଉଲ୍ଲେଖନୀୟ ଘଟଣା ଦେଖିବାକୁ ମିଳିଛି। ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଏକ ବଡ଼ ବୟାନ ଦେଇଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଭାରତରତ୍ନ ଦେବାକୁ ଗିରିରାଜ ପ୍ରସ୍ତାବ ଦେଇଛନ୍ତି। ଗିରିରାଜଙ୍କ ଉପରୋକ୍ତ ପ୍ରସ୍ତାବ ପରେ ନବୀନ ଭାରତରତ୍ନ ପାଇବାକୁ ସବୁଠାରୁ ପ୍ରକୃଷ୍ଟ ରାଜନେତା ବୋଲି ସାମାଜିକ ଗଣମାଧ୍ୟମରେ ମତପ୍ରକାଶ ପାଇଥିବା ବେଳେ ଏହା ବର୍ତ୍ତମାନ ଜାତୀୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ନିଜ ସଂସଦୀୟ କ୍ଷେତ୍ର ବିହାରର ବେଗୁସରାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସିଂହ କହିଛନ୍ତି ଯେ ଓଡ଼ିଶାରେ ନବୀନ ପଟ୍ଟନାୟକ ଦୀର୍ଘବର୍ଷ ଧରି ସେବା କରିଛନ୍ତି। ଏପରି ବ୍ୟକ୍ତିଙ୍କୁ ଦେଶରେ ପୁରସ୍କୃତ କରିବାର ଆବଶ୍ୟକତା ରହିଛି। ଏଭଳି ନେତାଙ୍କୁ ଭାରତରତ୍ନ ଦିଆଯିବା ଉଚିତ୍ ବୋଲି ଗିରିରାଜ ମତବ୍ୟକ୍ତ କରିଛନ୍ତି। ସେହିପରି ବିହାରର ବିକାଶରେ ନୀତିଶଙ୍କ ▶ପୃଷ୍ଠା-୭

**ଦୀର୍ଘବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କରିଛନ୍ତି ନବୀନ**

**ଭାରତରତ୍ନ ପାଇଁ ନବୀନ ସବୁଠୁ ନିର୍ବିବାଦୀୟ, ସର୍ବମାନ୍ୟ ଏବଂ ଯୋଗ୍ୟ ରାଜନେତା**



# ଗାଁରେ ପଶିଲା ଜିନତ୍

**କାମଦେଉନି ରେଡିଓ କଲାର୍; ଫେଲ୍ ମାରୁଛି ଟ୍ରାକିଂ**

■ **ବାରିପଦା, ୨୫।୧୨(ସମିସ):** ଗତ ୪ ଦିନ ଧରି ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲା ବାନ୍ଦୱାନ ବ୍ଲକ୍ ରାଇକିଆ ପାହାଡ଼ରେ ଡେରା ପକାଇଥିବା ବାଘୁଣୀ ଜିନତ୍ ଏବେ ଜନବସତିମୁହାଁ ହେଲାଣି। ପାହାଡ଼ ପାଖ ରାହାମଦା ଗ୍ରାମରେ ଆଜି ଜିନତ୍‌କୁ ଠାବ କରାଯାଇଛି। ସକାଳେ ସେ ଗାଁରେ ପଶି ଏକ ପୋଖରୀରୁ ପାଣି ପିଇବା ଗାଁ ଲୋକ ଦେଖିଛନ୍ତି। ବନ ବିଭାଗ ମଧ୍ୟ ସେଠାରୁ ତା' ପାଦଚିହ୍ନ ଠାବ କରିଛି। ଏହି ଖବର ପ୍ରଚାରିତ ହେବା ପରେ ଆଖପାଖ ଗାଁଗୁଡ଼ିକରେ ଭୟ ବଢ଼ିଛି। ଏହା ବନ ବିଭାଗର ମଧ୍ୟ ଚିନ୍ତା ବଢ଼ାଇଦେଇଛି। ଦିନକ ତଳେ ସେ ପାଖ ଜଙ୍ଗଲକୁ ଯାଇଥିବା ୪ଟି ଛେଳି ମାରି ଖାଇବା ସହ ୨ଟିକୁ ଦରମରା କରି ଛାଡ଼ିଥିଲା।

ଅପରପକ୍ଷେ, ତାକୁ କାବୁ କରିବା ପାଇଁ ନିୟୋଜିତ ହୋଇଥିବା ୩ଟି ରାଜ୍ୟର ଟିମ୍‌ଙ୍କ ସମସ୍ତ ଯୋଜନା ଫେଲ୍ ମାରିଛି। ବନ ବିଭାଗ ସହ ଲୁଚକାଳି ଖେଳୁଥିବାରୁ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇପାରୁନାହିଁ। ଜିନତର ବେକରେ ଲାଗିଥିବା ରେଡିଓ-କଲାର୍‌ର ସିଗନାଲ ବାରମ୍ବାର ବିଚ୍ଛିନ୍ନ ହେଉଥିବାରୁ ଟିମ୍ ଗୋଟିଏ ସ୍ଥାନରେ ଜଗିଥିବା ବେଳେ ଜିନତ୍ ▶ପୃଷ୍ଠା-୭

**ଟ୍ରାଙ୍କୁଲାଇଜ୍ ବିଫଳ ପରେ ଜାଲ ଭରସା**

**ଲାଗିଲା ୪ ଉଚ୍ଚ କ୍ଷମତାସଂପନ୍ନ ସିସି କ୍ୟାମେରା**



# ଆଜିଠୁ କମିବ ବର୍ଷା, କାଲହେବ ଘନ କୁହୁଡ଼ି

■ **ଭୁବନେଶ୍ୱର, ୨୫।୧୨ (ସମିସ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ ସକ୍ରିୟ ହୋଇଛି। ଆସନ୍ତା ୨୪ ଘଣ୍ଟାରେ ଏହା ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ। ପରେ ଏହା ଦକ୍ଷିଣ ଆନ୍ଧ୍ର ଏବଂ ଉତ୍ତର ତାମିଲନାଡୁ ଉପକୂଳମୁହାଁ ହେବ। ଧୀରେ ଧୀରେ ଓଡ଼ିଶା ଉପରେ ଏହାର ପ୍ରଭାବ ହ୍ରାସ ହେବାକୁ ଥିଲେ ମଧ୍ୟ ୨୭ ତାରିଖ ସକାଳ ପର୍ଯ୍ୟନ୍ତ କିଛି କିଛି ଜିଲ୍ଲାରେ ବର୍ଷା ହେବ। ଗୁରୁବାର ବିଶେଷକରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଏବଂ କଳାହାଣ୍ଡିରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପଟେ ୨୭ ତାରିଖ ବେଳକୁ ଆଉ ଏକ ପଶ୍ଚିମାଝଡ଼ ସୃଷ୍ଟି ହେବାକୁ ଯାଉଛି। ଯାହାର ପ୍ରଭାବରେ ୨୮ ଓ ୨୯ରେ ପୁଣି ରାଜ୍ୟରେ କୋହଲା ପାଗ ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ▶ପୃଷ୍ଠା-୭

**୨୮ରେ ପୁଣି ମେଘୁଆ ପାଗ**

**ଶୃଙ୍ଖଳା ରହିବ ନୂଆବର୍ଷ**

# ଓଡ଼ିଆ ଅସ୍ମିତାକୁ ରଘୁବରଙ୍କ ଚୋଟ

■ **ଭୁବନେଶ୍ୱର, ୨୫।୧୨ (ସମିସ):** ଓଡ଼ିଶା ରାଜ୍ୟପାଳ ପଦରୁ ବିଦାୟ ହୋଇଥିବା ରଘୁବର ଦାସଙ୍କ ୧୩ ମାସର କାର୍ଯ୍ୟକାଳ ବିବାଦରେ ଭରପୂର ଥିଲା। ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ସେ ବିବାଦୀୟ ହୋଇପଡ଼ିଥିଲେ। ରାଜ୍ୟପାଳ ଭଳି ସାମ୍ବିଧାନିକ ପଦବୀରେ ରହି ସେ ନିଜ ପଦମର୍ଯ୍ୟାଦାର ଯେତେ କ୍ଷତି କରିଛନ୍ତି, ଏହାପୂର୍ବରୁ ଓଡ଼ିଶାର କୌଣସି ରାଜ୍ୟପାଳଙ୍କ କ୍ଷେତ୍ରରେ କେବେ ଦେଖାଯାଇନାହିଁ। ଗତବର୍ଷ ଅକ୍ଟୋବରରେ ସେ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ତତ୍କାଳୀନ ନବୀନ ସରକାରକୁ ଟାର୍ଗେଟ କରିବା ଆରମ୍ଭ କରିଦେଇଥିଲେ। ରାଜ୍ୟପାଳ ଅପେକ୍ଷା ଦଳୀୟ କର୍ମୀ ଭାବେ ଆଚରଣ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାର ବିରୋଧରେ ପରିବେଶ ତିଆରି କରିବାକୁ ଉଦ୍ୟମ କରିଥିଲେ। ଶାସକ ବିଜେଡି ପକ୍ଷରୁ ଏହାର ବିରୋଧ କରାଯାଇଥିଲା। କିନ୍ତୁ ଲୋକଙ୍କ ସମସ୍ୟା ବୁଝିବା ଆଳରେ ଦଳୀୟ ଏଜେଣ୍ଟ ଭାବେ କାମ କରିବାକୁ ସେ ପଛାଇ ନଥିଲେ। ଏହାକୁ ସେତେବେଳେ ବିଜେପି ପକ୍ଷରୁ ଖଣ୍ଡନ କରାଯାଇଥିଲା। କିନ୍ତୁ ରାଜ୍ୟପାଳ ପଦରୁ ବିଦା ହେବା ପରେ ▶ପୃଷ୍ଠା-୭



**ଯାଉ ଯାଉ ସତ ଉଗାରିଲେ**






# ଖୁସି ଛଡ଼ାଇନେଲା ଅଦିନିଆ ବର୍ଷା

**ଉଜୁଡ଼ିଲା ଚାଷବାସ, ଫିକା ପଡ଼ିଲା ବଡ଼ଦିନ**

■ **ଭୁବନେଶ୍ୱର,୨୫।୧୨(ସମିସ):** ଦୁଇ ଦିନ ହେବ ଜାରି ରହିଥିବା ଅଦିନିଆ ବର୍ଷାରେ ସାରା ରାଜ୍ୟ ବେହାଲ ହୋଇପଡ଼ିଛି। ବିଶେଷକରି ଗୋଟିଏ ପରେ ଗୋଟିଏ ଲଘୁଚାପ ପ୍ରଭାବରେ ଜାରି ରହିଥିବା ଲଗାଣ ବର୍ଷା ଅମଳ ସମୟରେ ଫସଲ ଉଜାଡ଼ି ଦେଇ ଚାଷୀଙ୍କ ମୁହଁରୁ ଖୁସି ଛଡ଼ାଇ ନେଇଛି। ଖେତରେ ବତୁରୁଥିବା ବର୍ଷାଭିଜା ପାଚିଲା ଧାନ ଓ ଉଜୁଡ଼ା ପରିବା ବାଡ଼ିକୁ ଦେଖି ଚାଷୀ ହତବାକ୍। ପାଚିଲା ଧାନ କ୍ଷେତରେ ଧାନ ଗଜା ହେବାକୁ ବସିଥିବା ବେଳେ ମଣ୍ଡିରେ ପଡ଼ି ରହିଥିବା ଧାନ ମଧ୍ୟ ବର୍ଷାରେ ଭିଜୁଛି। ଲଗାଣ ବର୍ଷା ଯୋଗୁଁ ଝାଟିମାଟିର ଚାଳଛପର ଓ ଝୁମ୍ପୁଡ଼ି ▶ପୃଷ୍ଠା-୭



କ୍ଷେତରେ ଗଜା ମାରିଗଲା ପାଚିଲା ଧାନ

## ଉଜୁଡ଼ା କ୍ଷେତ ଦେଖି ଟଳିପଡ଼ିଲେ ଚାଷୀ

■ **ଡେରାବିଶ, ୨୫।୧୨(ସମିସ):** ଉଜୁଡ଼ା କ୍ଷେତ ଦେଖି ଟଳି ପଡ଼ିଲେ ଚାଷୀ। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ସନ୍ଥପୁର ଗ୍ରାମରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ସନ୍ଥପୁର ଗ୍ରାମରେ ଚାଷୀ ଭାବଗ୍ରାହୀ ମଳିକ(୫୨)। ▶ପୃଷ୍ଠା-୭



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରଗନ୍ତାକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମକ୍ଷେତ୍ରରେ ଉନ୍ନତି କରିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ ବର୍ଗଙ୍କ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର୍ୟାଲିର ଉଦ୍ଘାଟନ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲରୁ ମୁକ୍ତ ହେଲେ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୨୭,୦୦୦ ଲୋକଙ୍କ ପ୍ରାଣହାନି।

## ମହଙ୍ଗା ପଡ଼ିଲା ୟୁଟ୍ୟୁବ୍ ଦେଖି ନାକ ସର୍ଜରୀ

ଆଜିକାଲି ୟୁଟ୍ୟୁବ୍‌ରୁ ଲୋକେ ବହୁତ କିଛି ଶିଖୁଛନ୍ତି। ସେହିପରି ୟୁଟ୍ୟୁବ୍‌ରୁ ଲୋକମାନେ ଗୀତ, ନାଚ, ଯୋଗ, ରୋଷେଇ, କ୍ରାଫ୍ଟ ଆଦି ଶିକ୍ଷା ଲାଭ କରୁଥିବା ସମସ୍ତେ ଜାଣନ୍ତି। ଏହି କ୍ରମରେ ଜଣେ ବ୍ୟକ୍ତି ୟୁଟ୍ୟୁବ୍ ଦେଖି ନିଜ ନାକର ପ୍ଲାଷ୍ଟିକ୍ ସର୍ଜରୀ କରାଇବା କଥା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ୨୦୨୨ରେ ବ୍ରାଜିଲର ସାଓ ପାଉଲୋର ଏହି ବ୍ୟକ୍ତି ଜଣକ ତାଙ୍କ ପାଗଳାମି ପାଇଁ ଚର୍ଚ୍ଚାରେ ରହିଥିଲେ। ଅବଶ୍ୟ ଆଜି ବି ଏହି ବ୍ୟକ୍ତିଙ୍କ ଉଦାହରଣ ଦିଆଯାଉ ଲୋକଙ୍କୁ ଚାଲାକ୍, ଚତୁର ହେବା ପାଇଁ କୁହାଯାଉଛି। ଏହି ବ୍ୟକ୍ତି ଜଣକ ୟୁଟ୍ୟୁବ୍ ଭିଡିଓ ଦେଖି ନାକର ପ୍ଲାଷ୍ଟିକ୍ ସର୍ଜରୀ କରାଇ ଥିଲେ। ଏଭଳି ସର୍ଜରୀ କରାଇବା ତାଙ୍କୁ ଭାରି ପଡ଼ିଥିଲା। ଏଥିପାଇଁ ତାଙ୍କୁ ଶେଷରେ ହସ୍‌ପିଟାଲରେ ଚିକିତ୍ସିତ ହେବାକୁ ପଡ଼ିଥିଲା। ସେ ତାଙ୍କ ନାକକୁ ପତଳା କରିବାକୁ ଚାହୁଁଥିଲେ। ତେବେ ସେ ସେହି ସ୍ଥାନକୁ ସଂକ୍ରମଣରହିତ କରିବା ପାଇଁ ଆଲକହଲର ଉପଯୋଗ କରିଥିଲେ। ସେ ପ୍ରାଣୀଙ୍କୁ ଦିଆଯାଉଥିବା ଆନାସ୍ଥେସିଆ ବ୍ୟବହାର କରିବା ସହ ଅପରେସନ ପରେ ଶରୀରରେ ମିଶି ଯାଉଥିବା ସୂତା ଏବଂ ସୁପରଗ୍ଲୁ ବା ଆଠାକୁ କ୍ଷତ ବନ୍ଦ କରିବା ପାଇଁ ବ୍ୟବହାର କରିଥିଲେ। କିନ୍ତୁ ଏହି କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିଲା। ପରେ ଡାକ୍ତର ତାଙ୍କ କ୍ଷତକୁ ସଫା କଲେ ଏବଂ ତାଙ୍କ ଦ୍ୱାରା କରାଯାଇଥିବା ପ୍ଲାଷ୍ଟିକ୍ ସର୍ଜରୀକୁ ମେଡିକାଲ ପ୍ରକ୍ରିୟାନୁସାରେ ଠିକ୍ ଭାବେ କରିଥିଲେ। ଅନ୍ୟପଟେ ଏହି ଘଟଣାକୁ ଦୃଷ୍ଟିରେ ରଖି ସର୍ଜରୀ ଭଳି ମାରାତ୍ମକ କାମ ଲୋକଙ୍କୁ ନିଜେ ନ କରିବା ପାଇଁ ପରାମର୍ଶ ଦିଆଯାଇଛି। କାରଣ ଏହା ଜୀବନ ପାଇଁ ବିପଦପୂର୍ଣ୍ଣ।



## ବନ୍ଧୁକରୁ ଲୁହ ଗୁଳି



ବନ୍ଧୁକରୁ ଲୁହର ଗୁଳି ବାହାରିବା କଥାକୁ ବିଶ୍ୱାସ କରିବା ସହଜ ନୁହେଁ। ହେଲେ ତାଇୱାନର ଜଣେ କଳାକାର ଏଭଳି ଏକ ଭିନ୍ନଧରଣର ବନ୍ଧୁକ ଡିଜାଇନ୍ କରି ଏବେ ଚର୍ଚ୍ଚାରେ। ପ୍ରଥମେ ଲୁହକୁ ଏକତ୍ର କରି ତାହାକୁ ସେ ଜମାନ୍ତି। ପରେ ଏହି ବନ୍ଧୁକ ଦ୍ୱାରା କନ୍ଦାଉଥିବା ବ୍ୟକ୍ତିଙ୍କୁ ଲୁହଗୁଳିକୁ କ୍ଷେପଣ କରାଯାଏ। ଏହି ଟିୟର୍ ଗନ୍‌ଟିକୁ ୟିପେଇ ଚେନ୍ ନାମ୍ନୀ ଜଣେ ଯୁବତୀ ତିଆରି କରିଛନ୍ତି। ତାଙ୍କର ଜଣେ ଶିକ୍ଷକଙ୍କ ସହ ଯୁକ୍ତିତର୍କ ହେବା ପରେ ସେ ଏଭଳି ବନ୍ଧୁକ ଡିଜାଇନ୍ କରିବା ପାଇଁ କଳ୍ପନା କରିଥିଲେ ବୋଲି କହିଛନ୍ତି। ତେବେ ଗୋଟିଏ ଆସାଇନ୍‌ମେଣ୍ଟକୁ ନେଇ ଚେନ୍‌ଙ୍କର ତାଙ୍କ ଶିକ୍ଷକଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ସେଇଠୁ ସେ ଶିକ୍ଷକଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଏଭଳି ବନ୍ଧୁକ ତିଆରି କରିବାକୁ ଚାହିଁଲେ। ଚେନ୍‌ଙ୍କ ପିଲାଦିନ ତାଇୱାନରେ କଟିଥିବା ବେଳେ ନେଦରଲ୍ୟାଣ୍ଡସ୍‌ରେ ସେ ଶିକ୍ଷା ଗ୍ରହଣ କରିଛନ୍ତି। ୨୦୧୬ରେ ସେ ଏହାକୁ ତିଆରି କରିଥିଲେ। ଗ୍ରାଜୁଏସନ ସମୟର ଏକ ପ୍ରୋଜେକ୍ଟ ମାଧ୍ୟମରେ ସେ ଏହି ବନ୍ଧୁକକୁ ତିଆରି କରିଥିଲେ। ବନ୍ଧୁକଟି ପ୍ରଥମେ ଲୁହକୁ ଏକତ୍ର କରେ। ୧୦ ମିନିଟ୍ ପରେ ଏଥିରେ ଲୁହ ଜମାଟ ହେବାକୁ ସମୟ ନେଇଥାଏ। ଲୁହ ଜମା ହେବା ପରେ ଏହା ବୁଲେଟ୍ ବା ଗୁଳିରେ ପରିଣତ ହୋଇଥାଏ। ସେହିପରି କାର୍ବନ ଡାଇଅକ୍ସାଇଡ୍ ଯୁକ୍ତ ଉଚ୍ଚ ଚାପ ଯୁକ୍ତ ବୋତଲ ଲୁହକୁ ଫ୍ରିଜ୍ ବା ଜମା କରିବା ପାଇଁ ବ୍ୟବହାର କରାଯାଏ। ବନ୍ଧୁକରୁ ଲୁହ ଗୁଳି ଫୁଟିବା ପାଇଁ ଏଥିରେ ସ୍ପ୍ରିଙ୍ଗ ମେକାନିଜମ୍‌କୁ ବ୍ୟବହାର କରାଯାଇଛି। ଯଦିଓ ପ୍ରତିଶୋଧ ନେବା ଆଶାରେ ସେ ଏହାକୁ ତିଆରି କରିଛନ୍ତି, ତଥାପି ସେ ଏହି ବନ୍ଧୁକକୁ ନେଇ ଖୁସିଥିବା କହନ୍ତି। ଅନ୍ୟପଟେ ତାଙ୍କୁ ଦୁଃଖ ଦେଉଥିବା ଲୋକଙ୍କ ଉପରେ ସେ ଲୁହ ଗୁଳିକୁ ବ୍ୟବହାର କରିବେ ବୋଲି ଚେନ୍ କହିଛନ୍ତି।

## ‘କିଙ୍ଗ୍’ର ନିର୍ଦ୍ଦେଶନା ଦେବେ ସିଦ୍ଧାର୍ଥ

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍‌ଙ୍କ ଅଭିନୀତ ତିନୋଟି ଫିଲ୍ମ ‘ପଠାନ୍’, ‘ଯବାନ୍’, ‘ଡଙ୍କି’ ଲଗାତାର ହିଟ୍ ସାବ୍ୟସ୍ତ ହୋଇଛି। ଏବେ ଶାହାରୁଖ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଶାହାରୁଖ୍ ଏବେ ‘କିଙ୍ଗ୍’ ଫିଲ୍ମରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଭାର ସିଦ୍ଧାର୍ଥ ଆନନ୍ଦ ସମ୍ଭାଳିବେ। ଏହାପୂର୍ବରୁ ସିଦ୍ଧାର୍ଥ, ଶାହାରୁଖ୍‌ଙ୍କ ଅଭିନୀତ ‘ପଠାନ୍’ର ନିର୍ଦ୍ଦେଶନା ଦେଇଥିଲେ। ଏହା ସାରା ବିଶ୍ୱରେ ୫୦୦ କୋଟି ଆୟ କରିଥିଲା। ‘କିଙ୍ଗ୍’ରେ ଅଭିଷେକ ବଚ୍ଚନ ବି ନଜର ଆସିବେ। ସେ ଖଳନାୟକ ଭୂମିକାରେ ଦେଖାଯିବେ। ପ୍ରଥମ ଥର ପାଇଁ ‘କିଙ୍ଗ୍’ରେ ଶାହାରୁଖ୍ ତାଙ୍କ ଝିଅ ସୁହାନା ଖାନ୍‌ଙ୍କ ସହ ଦେଖାଯିବେ। ଏହା ଇଦ୍, ୨୦୨୬ରେ ରିଲିଜ୍ ହେବ। ଏହା ଏକ ଆକ୍ସନ୍ ଫିଲ୍ମ ହେବ। ଏହାର ଅଧିକାଂଶ ସୁଟିଂ ବିଦେଶରେ କରାଯିବ। ସିଦ୍ଧାର୍ଥ ଏହାର କାହାଣୀ ଉପରେ ଛଅମାସ ହେଲାଣି କାମ କରୁଛନ୍ତି। ମାର୍ଚ୍ଚ, ୨୦୨୫ରୁ ଏହାର ସୁଟିଂ ଆରମ୍ଭ ହେବ।



# ସୁଶ୍ରୀ



ମୋ ହାଣ୍ଡିଶାଳରୁ...

## ମୁଗ କୋପ୍ତା

### ଆବଶ୍ୟକ ସାମଗ୍ରୀ

ବତୁରା ମୁଗ – ୨୦୦ ଗ୍ରାମ୍, ଆଳୁ – ଦୁଇ ଗୋଟି, ପିଆଜ ପେଷ୍ଟ – ଏକ କପ୍, କଟା ପିଆଜ – ଅଧା କପ୍, ଅଦା – ଛୋଟ ଖଣ୍ଡେ, ରସୁଣ- ଚାରି ପାଞ୍ଚ କୋଲା, କଟା କଞ୍ଚାଲଙ୍କା – ଦୁଇଟି, ଜିରା- ଅଧା ଚାମଚ, ଧନିଆ ପତ୍ର – ଅଳ୍ପ, ହଳଦୀଗୁଣ୍ଡ- ଅଧା ଚାମଚ, ଲଙ୍କାଗୁଣ୍ଡ – ଅଧା ଚାମଚ, ଗରମ ମସଲା – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ରାଇଣ୍ଡରରେ ବତୁରା ମୁଗ, ରସୁଣ, ଅଦା ଦେଇ ଖଦଡ଼ିଆ କରି ବାଟି ଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢ଼ି କଞ୍ଚାଲଙ୍କା,କଟା ପିଆଜ, ଧନିଆ ପତ୍ର, ହଳଦୀଗୁଣ୍ଡ, ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ। ତେଲ ଗରମ ହୋଇଯିବା ପରେ ମୁଗବଟାରୁ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରି ଛାଣନ୍ତୁ। ବଲ୍‌ଗୁଡ଼ିକ ସୁନେଲି ରଙ୍ଗ ହୋଇଯିବା ପରେ ଗୋଟିଏ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ଏହାପରେ କଟା ଆଳୁକୁ ପକାଇ ଭଲ ଭାବେ ଛାଣି ଦିଅନ୍ତୁ। ସେହି କଡ଼େଇରେ ଜିରା ଦେଇ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ ପିଆଜ ପେଷ୍ଟ ପକାଇ ଭଲ ଭାବେ ଘାଣ୍ଟି ଦିଅନ୍ତୁ। ଏହାପରେ ଲୁଣ ପକାଇ ମସଲାକୁ କଷି ଦିଅନ୍ତୁ। ମସଲା କଷି ହୋଇଯିବା ପରେ ପାଣିଦେଇ ସେଥିରେ ମୁଗ କୋପ୍ତା ଓ ଆଳୁ ସବୁକୁ ପକାଇ ଗୋଳାନ୍ତୁ। ପରେ ପାଣି ଦେଇ ପାଞ୍ଚମିନିଟ୍ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। ଏହାପରେ ଗରମମସଲା ପକାଇ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ‘ମୁଗ କୋପ୍ତା’।

## ବୁଣାକାର୍ଯ୍ୟରୁ ସ୍ୱାବଲମ୍ବୀ ବିଜୟତା

**ଚାକିରି କରି କାହା ଅଧୀନରେ ବାନ୍ଧି ହେବାକୁ ସେ ଚାହିଁ ନଥିଲେ। ସମସ୍ତଙ୍କଠାରୁ ଭିନ୍ନ ତଥା କିଛି ନୂଆ କରିବାକୁ ସେ ଚାହୁଁଥିଲେ। ଫଳରେ ବହୁ ଭାବିଚିନ୍ତି ସେ ଉଲ୍‌କୁ ନିଜ ଜୀବିକାର ମାଧ୍ୟମ ଭାବେ ବାଛିଥିଲେ। ଉଲ୍‌ରେ ଭଳିକି ଭଳି ଖେଳନା, ଘରସଜା ଉପକରଣ ତଥା ପରିବେଶ ଅନୁକୂଳ ଜିନିଷ ତିଆରି କରି ବିକ୍ରି କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ଝାଡ଼ଖଣ୍ଡ ରାଞ୍ଚିର ବିଜୟତା।**





**ବ୍ୟବସାୟ ପ୍ରତି ଆଗ୍ରହ –** ପ୍ରଥମେ ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। କିନ୍ତୁ ସେଥିରେ ସେ ଆଦୌ ସନ୍ତୁଷ୍ଟ ନଥିଲେ। ତେଣୁ ଚାକିରି ଛାଡ଼ି ବ୍ୟବସାୟ କରିବା ପାଇଁ ଯୋଜନା କରିଥିଲେ। ହେଲେ କେଉଁ କାର୍ଯ୍ୟ କରିବେ, ସେ ନେଇ କିଛି ଭାବି ନଥିଲେ। ଥରେ ସେ ମାଆଙ୍କୁ ଘରେ ସ୍ୱେଟର ବୁଣୁଥିବାର ଦେଖିଥିଲେ। ସେଇଠୁ ସେ ଉଲ୍‌କୁ ନେଇ ବ୍ୟବସାୟ କରିବାକୁ ଚିନ୍ତା କଲେ। ସେଥିରୁ ଭଳିକି ଭଳି ଘରସଜା ଉପକରଣ ପ୍ରସ୍ତୁତ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ନିଜର ଏକ ଆକାଉଣ୍ଟ ଖୋଲି ସେଥିରେ ଏହି ଉପକରଣକୁ ପୋଷ୍ଟ କରିଥିଲେ। ଧୀରେ ଧୀରେ ସେଥିରୁ ଲୋକେ ଅର୍ଡର ଦେବା ଆରମ୍ଭ କରିଥିଲେ।

**ପରିବେଶ ଅନୁକୂଳ ଉପକରଣ -** ବିଜୟତାଙ୍କ କହିବାନୁଯାୟୀ, ସେ ପରିବେଶ ଅନୁକୂଳ ଜିନିଷ ତିଆରି କରନ୍ତି। ଉଲ୍‌ରେ ତିଆରି ଜିନିଷ ପରିବେଶକୁ ଦୂଷିତ କରେ ନାହିଁ। ଅନ୍ୟ ପ୍ଲାଷ୍ଟିକ୍ ଉପକରଣ ତୁଳନାରେ ଏହା ବେଶ୍ ଲାଭଦାୟକ। ତେଣୁ ଏହାକୁ କିଣି ଲୋକେ ଘର ସଜାଇପାରିବେ। ଅନ୍ୟ ଜିନିଷ ଭଳି ଏହା ନଷ୍ଟ ହୋଇଗଲେ ଫୋପାଡ଼ିବାକୁ ପଡ଼େନି, ବରଂ ମଇଳା ହୋଇଗଲେ ପୁଣି ଥରେ ସଫା କରି ବ୍ୟବହାର କରିପାରିବେ।

**କଷ୍ଟମାଇଜ୍‌ଡ ଜିନିଷ –** ସେ ଉଲ୍‌ରେ ଭଳିକି ଭଳି ଫୁଲ, ଝୁମର୍, ହାତୀ, ପର୍ସ, ଖେଳନା ଆଦି ତିଆରି କରନ୍ତି। ଏହାକୁ ନିଜର ଏକ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି। ଏଥି ସହିତ ଗ୍ରାହକମାନେ ମଧ୍ୟ ସେମାନଙ୍କ ପସନ୍ଦ ତଥା ଡିଜାଇନ୍ ଅନୁଯାୟୀ, ଖେଳନା ତଥା ଘରସଜା ଉପକରଣ ପ୍ରସ୍ତୁତ କରିବା ପାଇଁ ବରାଦ ଦେଇଥାନ୍ତି। ସେହି ଅନୁଯାୟୀ କଷ୍ଟମାଇଜ୍‌ଡ ଜିନିଷ ପ୍ରସ୍ତୁତ କରି ଦିଆଯାଇଥାଏ। ସେହିପରି ଚାହିଁଲେ, ଏଥିରେ ପ୍ରିୟଜନଙ୍କୁ ବାର୍ତ୍ତାଲେଖି ପଠାଇପାରିବେ।

**ବ୍ୟବସାୟରୁ ସଫଳତା -** ପ୍ରଥମରୁ ଏହି ବ୍ୟବସାୟ ତାଙ୍କ ପାଇଁ ଏତେ ସହଜ ନଥିଲା। ଅନେକ ଅର୍ଡର ଆସୁଥିବା ସତ୍ତ୍ୱେ ଏକାକୀ କରିବା ତାଙ୍କ ପାଇଁ କଠିନ ଥିଲା। ତଥାପି ସେ ଘରର ସମସ୍ତ କାର୍ଯ୍ୟ ଶେଷ କରି ଏହି କାର୍ଯ୍ୟ ଜାରି ରଖିଥିଲେ। ଧୀରେ ଧୀରେ ଏ ଦିଗରେ ସଫଳତା ହାସଲ କଲେ। ନିଜର ଦୃଢ଼ମନୋବଳ ଓ ଇଚ୍ଛାଶକ୍ତି ପାଇଁ ଏବେ ସେ ସଫଳତା ହାସଲ କରିଛନ୍ତି। ଘରେ ଏହି ବ୍ୟବସାୟରେ ସେ ରୋଜଗାରକ୍ଷମ ହୋଇପାରିଛନ୍ତି।

## ଶୀତଦିନିଆ ଜୋତା

ସାଧାରଣତଃ ଶୀତଦିନେ ପାଦ ଅଧିକ ଥଣ୍ଡା ଲାଗିଥାଏ। ଫଳରେ ଘରେ ଚାଲିବାରେ ମଧ୍ୟ ଅସୁବିଧା ହୋଇଥାଏ। ତେଣୁ ଶୀତଦିନେ ପାଦକୁ ଉଷୁମ କରି ରଖିବାକୁ ଚାହୁଁଥିଲେ, ଘରେ ଉଲେନ୍ ତଥା ସୂତାରୁ ତିଆରି ଜୋତା ପିନ୍ଧିପାରିବେ।



### ମେମୋରି ଫୋମ୍

ମେମୋରି ଫୋମ୍‌ରେ ପ୍ରସ୍ତୁତ ଏହି ଜୋତା ପାଦକୁ ଆରାମ ଦେଇଥାଏ। ଏହାକୁ ଦୀର୍ଘ ସମୟଧରି ବ୍ୟବହାର କରିପାରିବେ। ଏହା ସହଜରେ ନଷ୍ଟ ହୁଏ ନାହିଁ। ନରମ ଓ କୋମଳ ହୋଇଥିବାରୁ ପିନ୍ଧିବାକୁ ଭଲ ଲାଗେ।

### ଉଲେନ୍

ସାଧାରଣତଃ ଶୀତଦିନ ପାଇଁ ଉଲେନ ଜୋତା ଉପଯୁକ୍ତ। ଏହା ଉଲ୍ ବ୍ୟବହାର କରି ପ୍ରସ୍ତୁତ କରାଯାଇଥାଏ। ଯାହା ପାଦକୁ ଥଣ୍ଡାରୁ ସୁରକ୍ଷା ଦେଇ ଉଷୁମ ପ୍ରଦାନ କରିଥାଏ। ସେହିପରି ଏହାର ସ୍ୱତନ୍ତ୍ର ଡିଜାଇନ ପିନ୍ଧିବାକୁ ବେଶ୍ ଆରାମଦାୟକ ଲାଗିଥାଏ। ଏହା ଆର୍ଦ୍ରତାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ତେବେ ଶୀତଦିନେ ଘରେ ଆରାମଦାୟକ ଅନୁଭୂତି ପାଇଁ ଏହି ଜୋତା ପିନ୍ଧିପାରିବେ।

### ସୂତା

ଏ ପ୍ରକାର ଜୋତା ସବୁ ଋତୁରେ ପିନ୍ଧିବା ସୁବିଧାଜନକ। ଏହା ସୂତାରେ ତିଆରି ହୋଇଥିବାରୁ ପାଦକୁ ଆରାମ ଦେବା ସହ ସ୍ୱଚ୍ଛ ରଖିବାରେ ସହାୟକ ହୋଇଥାଏ। ସେହିପରି ଏଥିରେ ବାୟୁ ଚଳପ୍ରଚଳ ହୋଇଥାଏ, ଫଳରେ ପାଦରୁ କମ୍ ଝାଳ ବାହାରିଥାଏ। ଏହାକୁ ନିୟମିତ ବ୍ୟବହାର ପାଇଁ ମଧ୍ୟ ବାଛିପାରିବେ।



## ଖୋଲିଲାଣି ମଣ୍ଡି; ହୋଇପାରୁନି ଧାନ କିଣା

# ଏଫ୍ଏକ୍ୟୁ ମାନକୁ ନେଇ ଫସିଛି ଚାଷୀ

■ ମାନ ପରଖିବାକୁ ସବୁ ମଣ୍ଡିରେ ନାହିଁ ପ୍ୟାଡି କ୍ଲିନର୍
■ ମାନ ପୂରଣ ପାଇଁ ଅଧିକ ନେଉଛନ୍ତି ୪/୫ କେଜି ଧାନ
■ କ୍ଷତି ସହୁଛି ଚାଷୀ, ମିଲର୍ ମାଲେମାଲ

**କେନ୍ଦୁଝର, ୨୫।୧୨(ସମିସ):** ଏଫ୍ଏକ୍ୟୁ ମାନକୁ ନେଇ ଫସିଛି ଚାଷୀ। କେନ୍ଦୁଝର ଜିଲ୍ଲାରେ ଗତ ୧୬ତାରିଖରୁ ଧାନମଣ୍ଡି ଖୋଲିଥିଲେ ହେଁ ଅନେକ ମଣ୍ଡିରେ ଏଯାଏ ଧାନକିଣା ଆରମ୍ଭ ହୋଇପାରିନାହିଁ। ମଣ୍ଡିକୁ ଆସୁଥିବା ୯୦% ଧାନ ଏଫ୍ଏକ୍ୟୁ ମାନ ଛୁଇଁ ପାରୁନଥିବାରୁ ଏପରି



ସ୍ଥିତି ଉପୁଜିଛି। ମଣ୍ଡିଗୁଡ଼ିକରେ 'ପ୍ୟାଡି କ୍ଲିନର୍' ରହୁ ନଥିବାରୁ ଅନେକ ଚାଷୀଙ୍କ ବିକ୍ରିଯୋଗ୍ୟ ଧାନଗୁଡ଼ିକ ଏଫଏକ୍ୟୁ ମାନ ଛୁଇଁବାରେ ବିଫଳ ହେଉଛି ଏବଂ ଏଇଠୁ ଆରମ୍ଭ ହୋଇଯାଉଛି ଶୋଷଣ। ଧାନ ଉଠାଇବାକୁ ମିଲର୍ ବ୍ଲାକମେଲ୍ କରୁଛି। କ୍ୱିଣ୍ଟାଲ ପିଛା ୪/୫କେଜି କଟନି-ଛଟନି ନ କଲେ, ଧାନ ଉଠାଇବାକୁ ସିଧା ମନା କରିଦେଉଛି। ଫଳରେ ଚାଷୀ କ୍ଷତି ସହୁଥିବା ବେଳେ ମିଲର୍ ମାଲେମାଲ୍ ହେଉଛନ୍ତି।

ସୂଚନାଯୋଗ୍ୟ, ଜିଲ୍ଲାରେ ଏବର୍ଷ ୯୫ଟି ମଣ୍ଡି ଜରିଆରେ ୧୩ଲକ୍ଷ କ୍ୱିଣ୍ଟାଲ ଧାନ କିଣା ହେବା ପାଇଁ ସ୍ଥିରୀକୃତ ହୋଇଛି। ୧୬ତାରିଖରୁ ୨୩ଟି ମଣ୍ଡି ଖୋଲିଥିବା ବେଳେ ଖୁବ୍‌ଶୀଘ୍ର ବାକି ମଣ୍ଡିଗୁଡ଼ିକ ଖୋଲିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ମାତ୍ର ୨୪ତାରିଖ ସୁଦ୍ଧା ଜିଲ୍ଲାରୁ ମାତ୍ର ୮୭୬୩.୯୧ କ୍ୟୁଣ୍ଟାଲ ଏଫ୍ଏକ୍ୟୁ ମାନର ଧାନ କିଣାଯାଇଛି। ୨୩ଟି ମଣ୍ଡି ମଧ୍ୟରୁ ଅଳ୍ପ କିଛି ମଣ୍ଡିରୁ

ଏହି ଧାନକିଣା ହୋଇଥିବା ବେଳେ ଅନେକ ମଣ୍ଡିରେ ଧାନକିଣା ଆରମ୍ଭ ହୋଇପାରିନାହିଁ। ମଣ୍ଡିରେ ଗଦା ହୋଇଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଏଫ୍ଏକ୍ୟୁ ମାନ ପରୀକ୍ଷାରେ ବିଫଳ ହୋଇଥିବା ଦର୍ଶାଇ ମିଲର୍ ଧାନ ଉଠାଉନାହାନ୍ତି। ତେବେ ଧାନ ଏଫ୍ଏକ୍ୟୁ ମାନ ନ ଛୁଇଁପାରିବା ପଛରେ ଚାଷୀର ଯେତିକି ଭୁଲ, ତା' ଠାରୁ ଅଧିକ ଭୁଲ ସରକାରଙ୍କର ବୋଲି ଅଭିଯୋଗ ହୋଇଛି।

ଧାନକୁ ଏଫ୍ଏକ୍ୟୁ ମାନର କରିବା ପାଇଁ 'ପ୍ୟାଡି କ୍ଲିନର୍' ନାମକ ଏକ ମେସିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ସବୁ ମଣ୍ଡିରେ ଏହି ମେସିନ୍ ନାହିଁ। ଏହା ମିଲର୍ସମାନଙ୍କୁ ସୁହାଉଛି। ଧାନ ଏଫ୍ଏକ୍ୟୁ ମାନର ନୁହେଁ ବୋଲି କହି ମିଲର୍ସ ଧାନ ଉଠାଇବାକୁ ମନା କରିଦେଉଛି। ନିୟମ ଅନୁଯାୟୀ, ଯଦି ଧାନ ଏଫ୍ଏକ୍ୟୁ ମାନ ପାସ୍ କରିନପାରେ, ତେବେ ଚାଷୀ ଉକ୍ତ ଧାନକୁ ଫେରାଇ ନେଇ ପୁଣି ସଫାସୁତରା କରି ଆଉ ଥରେ ମଣ୍ଡିକୁ ବିକ୍ରି ପାଇଁ ଆଣିବ। ଏପରି କରିବା ବହୁ ଚାଷୀଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଥିବାରୁ ସେମାନେ ମିଲର୍‌ର ଦ୍ୱିତୀୟ ବିକଳ୍ପ (କଟନି-ଛଟନି)ରେ ବାଧ୍ୟ ହୋଇ ରାଜି ହୋଉଯାଉଛନ୍ତି। ଚାଷୀର ଅସହାୟତାର ସୁଯୋଗ ନେଇ ମିଲର୍ ଏକାବେଳକେ କ୍ୱିଣ୍ଟାଲ ପିଛା ୪/୫ କେଜି, ଏପରିକି କିଛି ଜାଗାରେ ୭/୮କେଜି ଧାନ ମଧ୍ୟ କଟନି-ଛଟନି କରିଦେଉଛି।

ସୂଚନାଯୋଗ୍ୟ, ବର୍ତ୍ତମାନ କେନ୍ଦୁଝର ଆର୍‌ଏମସିରେ କେବଳ ଗୋଟିଏ ମାତ୍ର ପ୍ୟାଡି କ୍ଲିନର୍ ମେସିନ୍ ରହିଛି। ଏହାର ମୂଲ୍ୟ ପାଖାପାଖି ୨୭ଲକ୍ଷ ଟଙ୍କା ହେବ। ଏହି ମେସିନ୍ ଘଣ୍ଟାକୁ ୨୦ କ୍ୱିଣ୍ଟାଲ ଧାନକୁ ମାନ ପର୍ଯ୍ୟନ୍ତ ଆଣିବାର କ୍ଷମତା ରହିଛି। ତେଣୁ ମେସିନ୍‌ଟି ଦିନରାତ୍ରି ଅହରହ ଚାଲିଲେ ବି ଦିନକୁ ମାତ୍ର ୪୮୦ କ୍ୱିଣ୍ଟାଲ ଧାନ କ୍ଲିନ୍ କରିପାରିବ। ଏଭଳି ହେଲେ ଜିଲ୍ଲାରେ ଏବର୍ଷର ଟାର୍ଗେଟ୍ ଥିବା ୧୩ଲକ୍ଷ କ୍ୱିଣ୍ଟାଲ ଧାନକିଣା କେବେ ହେବ ଓ ଚାଷୀ କିପରି ଏଫ୍ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ; ତାହାକୁ ନେଇ ପ୍ରଶ୍ନ ଉଠିଛି।

ଏବେ ଖୋଲା ଯାଇଥିବା ମଣ୍ଡିଗୁଡ଼ିକରେ ଚାଷୀ ଆଣିଥିବା ଧାନ ଏହି କାରଣରୁ ଘରକୁ ଫେରିବା ସମ୍ଭାବନା ଦେଖାଦେଲାଣି। ଅନେକ ବଡ଼ ବଡ଼ ଚାଷୀ ଏହି ମେସିନ କିଣିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି। କାରଣ ମେସିନ ବ୍ୟୟବହୁଳ ହୋଇଥିବା ବେଳେ ମେସିନର ଉଚ୍ଚତା ୧୭ ଫୁଟ ହୋଇଥିବାରୁ ସବୁ ସ୍ଥାନକୁ ଏହା ଯିବା କଷ୍ଟକର ବ୍ୟାପାର। ସରକାର ଚାହିଁଲେ ପ୍ରତି ମଣ୍ଡିକୁ ପାଡ଼ି କ୍ଲିନର ମେସିନ୍ ଦେଇପାରିବେ। ମାତ୍ର ତାହା ନହୋଇ ଚାଷୀଙ୍କର ଭାଗ୍ୟ ଉପରେ ଛାଡ଼ି ଦିଆଯାଇଛି। ମଣ୍ଡିଗୁଡ଼ିକରେ କେବଳ ଏଆଇ ଗ୍ରେନ ଆନାଲାଇଜର୍ ଲଗାଇ ଏଫଏକ୍ୟୁ ଧାନ ଦେବାକୁ କହୁଛନ୍ତି। ଫଳରେ ଜିଲ୍ଲାର ବଡ଼ ପଳାଶପାଳ, ହରିଚନ୍ଦନପୁର ପ୍ରଭୃତି ମଣ୍ଡିରେ ପ୍ରଥମ ଦିନରେ ଧାନ କିଣା ହୋଇପାରିନାହିଁ। ଅନ୍ୟପକ୍ଷରେ ଦୂରଦୂରାନ୍ତରୁ ଚାଷୀମାନେ ଗାଡ଼ି ମୋଟରରେ ବୋହି ଧାନ ଆର୍‌ଏମସିକୁ ଆଣି କ୍ୱିଣ୍ଟାଲ ପିଛା ୫୦ ଟଙ୍କା ଭଡ଼ା ଦେଇ ମେସିନରେ ମାନ ଠିକ କରିବା ଅସମ୍ଭବ ହୋଇପଡୁଛି। ଚାଷୀମାନଙ୍କର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରତି ମଣ୍ଡିରେ ସ୍ଥାୟୀ ଭିତ୍ତିଭୂମିର ଆବଶ୍ୟକତା ରହିଛି ବୋଲି ଦାବି ହୋଇଛି।

# ଚର୍ଚ୍ଚ ବୁଲିଲେ ନବୀନ



**ଭୁବନେଶ୍ୱର, ୨୫।୧୨(ସମିସ):** ପବିତ୍ର ଖ୍ରୀଷ୍ଟମାସ ପର୍ବରେ ସାମିଲ୍ ହୋଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୟୁନିଟ୍-୪ସ୍ଥିତ ୟୁନିୟନ୍ ଚର୍ଚ୍ଚର ପ୍ରାର୍ଥନା ସଭାରେ ଯୋଗଦେଇ ପ୍ରଭୁ ଯୀଶୁଙ୍କ ପବିତ୍ର ଜନ୍ମଦିବସରେ ଚର୍ଚ୍ଚରେ ଉପସ୍ଥିତ ଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ ବଡ଼ଦିନ ଅବସରରେ ଶ୍ରୀ ପଟ୍ଟନାୟକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଲଗାଣ ବର୍ଷା ସତ୍ତ୍ୱେ ସ୍ଥାନୀୟ କର୍ପୋରେଟର ଅଲିଅଲି ମଲ୍ଲିକଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇ ଶ୍ରୀ ପଟ୍ଟନାୟକଙ୍କୁ ଚର୍ଚ୍ଚକୁ ପାଛୋଟି ନେଇଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଫାଦର୍ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ମେୟର ସୁଲୋଚନା ଦାସ ମଧ୍ୟ ଏହି ଅବସରରେ ଚର୍ଚ୍ଚ ପରିସରରେ ଉପସ୍ଥିତ ରହି ଏହି ପବିତ୍ର ଦିନରେ ସୁଖ ସମୃଦ୍ଧି କାମନା କରିବା ସହ ପ୍ରଭୁ ଯୀଶୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ମଙ୍ଗଳ କାମରେ ନିଜକୁ ସାମିଲ୍ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ଚୋରିରେ ବିଫଳ ହେବାରୁ ବ୍ୟାଙ୍କ୍‌ରେ ନିଆଁ ଲଗାଇଦେଲେ

**ସିମୁଳିଆ, ୨୫।୧୨(ସମିସ):** ଚୋରି ଉଦ୍ୟମ କରି ବିଫଳ ହେବାରୁ ବ୍ୟାଙ୍କରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବାଲିଖଣ୍ଡ ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ




ଏପରି ଏକ ଘଟଣା ଘଟିଛି। ତେବେ ଆଜି ସକାଳେ ବ୍ୟାଙ୍କ୍ ଭିତରୁ ଧୂଆଁ ବାହାରୁଥିବା ଦେଖି କିଛି ସ୍ଥାନୀୟ ଲୋକ ଖବର ଦେବା ପରେ ଅଡ଼ା ଓ ଭଦ୍ରକରୁ ୩ଟି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ବ୍ୟାଙ୍କ ଭିତରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଯାଇଛି। କିନ୍ତୁ କ୍ଷୟକ୍ଷତି ସଂପର୍କରେ ବ୍ୟାଙ୍କ୍ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବାଲିଖଣ୍ଡ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଝରକା ଭାଙ୍ଗି କିଛି ଦୁର୍ବୃତ୍ତ ଭିତରେ ପଶିଥିଲେ। ଏହା ପୂର୍ବରୁ ସେମାନେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ କାଟ କରିଦେଇଥିଲେ। ସେମାନେ ବ୍ୟାଙ୍କରେ ଥିବା ଲକର୍‌କୁ ଭାଙ୍ଗିବାକୁ ସେମାନେ ଉଦ୍ୟମ କରିଥିଲେ ହେଁ ସେଥିରେ ବିଫଳ ହେବାରୁ ରାଗରେ ନିଆଁ ଲଗାଇ ଚାଲି ଯାଇଥିଲେ। ଗଲା ବେଳେ ବ୍ୟାଙ୍କ ଭିତରେ ଲାଗିଥିବା ୫ଟି ସିସିଟିଭି ଏବଂ ହାର୍ଡଡିସ୍କ ମଧ୍ୟ ନେଇ ଯାଇଥିଲେ। ବ୍ୟାଙ୍କ ମ୍ୟାନେଜର୍‌ଙ୍କ ଅଭିଯୋଗ ଆଧାରରେ ସିମୁଳିଆ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତମାନେ ଏକ ଗ୍ୟାସ୍ କଟର୍‌ରେ ଲକର୍ କାଟିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାସ୍ଥଳରେ ସିମୁଳିଆ ପୁଲିସ ଓ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି। ତେବେ ଲୁଟେରାମାନେ ସିସିଟିଭି ଓ ହାର୍ଡଡିସ୍କ ସାଥିରେ ନେଇ ଯାଇଥିବାରୁ ସେମାନଙ୍କୁ ଠାବ କରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୁଲିସ୍ ଆଖାପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ ପାଇଁ ଉଦ୍ୟମ ଚଳାଇଥିବା ଜଣାଯାଇଛି।

## ପାରିବାରିକ କଳହର କରୁଣ ପରିଣତି

# ଛୁଆ ଆଗରେ ମା'କୁ ମାରିଦେଲା ବାପା

**କଟକ, ୨୫।୧୨(ସମିସ):** ୩ବର୍ଷର ଶିଶୁକନ୍ୟା ଆଗରେ ସ୍ତ୍ରୀକୁ ଛୁରି ଭୁସି ହତ୍ୟା କରିବା ପରେ ନିଜ ଗଳାକାଟି ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ। ପାରିବାରିକ କଳହକୁ କେନ୍ଦ୍ର କରି ଲାଲବାଗ ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ସାହିରେ ଆଜି ଦିନ ଦି'ପହରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ବିଷ୍ଣୁପ୍ରିୟା





ମଲ୍ଲିକ(୨୭)। ସେ କଟକ ସାଇବର ଥାନାରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପଟେ ବିଷ୍ଣୁପ୍ରିୟାଙ୍କୁ ହତ୍ୟା କରିବା ପରେ ସ୍ୱାମୀ ବିଶ୍ୱଜିତ ମଲ୍ଲିକ(୩୫) ବିଷ ପିଇବା ସହ ନିଜର ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୁଲିସ୍ବି ଶ୍ୱଜିତଙ୍କୁ ଉଦ୍ଧାର କରି ବଡ଼ ମେଡିକାଲରେ ଭର୍ତ୍ତି କରାଇଛି। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘର ଭିତରୁ ରକ୍ତରେ ଭିଜି ଯାଇଥିବା ସେମାନଙ୍କ ୩ ବର୍ଷର ଶିଶୁକନ୍ୟାକୁ ଉଦ୍ଧାର କରାଯାଇ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଲାଲବାଗ ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା କହିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ପରକୀୟା ପ୍ରୀତି କାରଣ ବୋଲି ପୁଲିସ ସନ୍ଦେହ କରୁଛି।

ସୂଚନାନୁଯାୟୀ, ଏହି ମଲ୍ଲିକ ଦମ୍ପତି ସିଦ୍ଧେଶ୍ୱର ସାହିରେ ଘରଭଡ଼ା ନେଇ ରହୁଥିଲେ। ୪ ବର୍ଷର ପ୍ରେମ ସମ୍ପର୍କ ପରେ ଉଭୟ ୨୦୧୯ରେ ବିବାହ କରିଥିଲେ। ବିଷ୍ଣୁପ୍ରିୟା ପୁଲିସରେ କାର୍ଯ୍ୟ କରୁଥିବା ବେଳେ ବିଶ୍ୱଜିତ ବ୍ୟବସାୟ କରନ୍ତି। ତେବେ

■ ସ୍ତ୍ରୀକୁ ହତ୍ୟାପରେ ଗଳାକାଟି ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ
■ ମୃତା ମହିଳା ସାଇବର ଥାନାର କନେଷ୍ଟବଳ
■ ଘର ଭିତରୁ ରକ୍ତରେ ଭିଜିଥିବା ଶିଶୁକନ୍ୟା ଉଦ୍ଧାର

ଗତ କିଛି ମାସ ହେବ, ଉଭୟଙ୍କ ମଧ୍ୟରେ ନିତିଦିନ କଳିକଜିଆ ହେଉଥିଲା। ଆଜି ବିଷ୍ଣୁପ୍ରିୟା ଡ୍ୟୁଟିକୁ ଯାଇ ନଥିଲେ। ଦିନ ପ୍ରାୟ ସାଢ଼େ ୧ଟା ବେଳେ କୌଣସି କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଶ୍ୱଜିତ ଘରେ ଥିବା ଏକ ଧାରୁଆ ଛୁରିରେ ବିଷ୍ଣୁପ୍ରିୟାଙ୍କୁ ଆକ୍ରମଣ କରିଥିଲେ। ଘର କବାଟ ଖୋଲାଥିବା ବେଳେ ବିଷ୍ଣୁପ୍ରିୟାଙ୍କୁ ଘର ଭିତରେ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସିଥିଲେ। ବିଷ୍ଣୁପ୍ରିୟାଙ୍କ ଛାତି, ପେଟ, ପିଠି, ବେକର ସାମ୍ନା ଓ ପଛଭାଗ, ମୁହଁରେ ଗଭୀର ଆଘାତ ଲାଗିଥିଲା। ଚିତ୍କାର ଶୁଣି ପଡ଼ୋଶୀ ସେଠାରେ ପହଞ୍ଚି ନୃଶଂସ ବିଶ୍ୱଜିତଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ବିଶ୍ୱଜିତ୍ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବିଶ୍ୱଜିତଙ୍କ ଛୁରାଘାତରେ ଜଣେ ସ୍ଥାନୀୟ ଲୋକ ମଧ୍ୟ ଆହତ ହୋଇଥିଲେ। ଫଳରେ ଲୋକେ ଘର ଭିତରକୁ ପଶିବାକୁ ସାହସ କରିନଥିଲେ। ପରେ ବିଶ୍ୱଜିତ କବାଟ ବନ୍ଦ କରିଦେଇଥିଲେ।

ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ପହଞ୍ଚିବା ବେଳକୁ ବିଷ୍ଣୁପ୍ରିୟାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାଛଡ଼ା ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ବିଶ୍ୱଜିତଙ୍କୁ ଉଦ୍ଧାର କରାଯାଇଥିଲା। ୩ ବର୍ଷର ଝିଅକୁ ଖଟ ତଳୁ ଉଦ୍ଧାର କରିଥିଲା ପୁଲିସ। ଖଟ ତଳୁ ଏକ କୀଟନାଶକ ଡବା ମଧ୍ୟ ମିଳିଛି। ଗଳା କାଟିବା ପୂର୍ବରୁ ବିଶ୍ୱଜିତ ବିଷ ପିଇଥିବା ପୁଲିସ କହିଛି। ଅନ୍ୟପକ୍ଷରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଷ୍ଣୁପ୍ରିୟାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବିରେ ରଖାଯାଇଛି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୫.୦ | ୧୮.୩ |
| ଚାନ୍ଦବାଲି | ୨୫.୬ | ୧୭.୭ |
| କଟକ | ୨୩.୪ | ୧୬.୨ |
| ପାରାଦୀପ | ୨୬.୧ | ୧୭.୭ |
| ଭୁବନେଶ୍ୱର | ୨୫.୧ | ୧୭.୯ |
| ଗୋପାଳପୁର | ୨୪.୩ | ୧୭.୨ |
| ପୁରୀ | ୨୫.୬ | ୧୭.୯ |
| ଅନୁଗୋଳ | ୨୩.୭ | ୧୬.୦ |
| ବାରିପଦା | ୨୪.୬ | ୧୭.୬ |
| ଝାରସୁଗୁଡ଼ା | ୨୬.୫ | ୧୬.୫ |
| କେନ୍ଦୁଝର | ୨୩.୭ | ୧୭.୦ |
| ସମ୍ବଲପୁର | ୨୫.୫ | ୧୮.୬ |
| ସୁନ୍ଦରଗଡ଼ | ୨୬.୪ | ୧୪.୪ |
| ହୀରାକୁଦ | ୨୫.୩ | ୧୭.୨ |
| ତାଳଚେର | ୨୪.୬ | ୧୭.୪ |
| ଭବାନୀପାଟଣା | ୨୫.୦ | ୧୭.୫ |
| ବଲାଙ୍ଗିର | ୨୬.୩ | - |
| କୋରାପୁଟ | ୨୫.୦ | ୧୪.୪ |
| ଫୁଲବାଣୀ | ୨୫.୧ | ୧୫.୨ |
| ଟିଟିଲାଗଡ଼ | ୨୫.୫ | - |
| ମାଲକାନଗିରି | ୨୬.୮ | ୧୯.୮ |
| ସୋନପୁର | ୨୫.୫ | ୧୭.୯ |
| ଦାରିଙ୍ଗବାଡ଼ି | ୨୧.୦ | ୧୩.୫ |
| ନୟାଗଡ଼ | - | ୧୬.୨ |
| ବୌଦ୍ଧ | - | ୧୫.୫ |
| ଛତ୍ରପୁର | ୨୬.୦ | ୧୭.୦ |
| ପାରଳାଖେମୁଣ୍ଡି | ୨୩.୮ | ୧୭.୦ |
| ରାୟଗଡ଼ା | ୨୨.୦ | - |
| ଭଦ୍ରକ | ୨୪.୦ | ୧୨.୪ |
| ଯାଜପୁର | ୨୪.୮ | ୧୨.୮ |
| ଢେଙ୍କାନାଳ | ୨୬.୪ | ୧୭.୨ |
| ବରଗଡ଼ | ୨୭.୨ | ୧୬.୮ |
| ଦେବଗଡ଼ | ୨୭.୦ | ୧୬.୮ |
| ନୂଆପଡ଼ା | ୨୮.୪ | ୧୪.୦ |
| ନବରଙ୍ଗପୁର | ୨୪.୫ | ୧୭.୫ |
| ଖୋର୍ଦ୍ଧା | ୨୬.୦ | ୧୫.୦ |
| ଜଗତସିଂହପୁର | ୨୫.୬ | ୧୩.୮ |
| କେନ୍ଦ୍ରାପଡ଼ା | ୨୪.୨ | ୧୪.୬ |
| ରାଉରକେଲା | ୨୬.୭ | ୧୫.୩ |

## ପାଣି ଆଣିବାକୁ ଯାଇଥିଲେ ଦୋକାନୀ

# ଦୋକାନରେ ପଶି ଲୁଟିନେଲେ ୨୮ ଲକ୍ଷର ଗହଣା, ଟଙ୍କା

**ଭୋଗରାଇ/କମର୍ଦ୍ଦା, ୨୫।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କମର୍ଦ୍ଦା ଥାନା ଅନ୍ତର୍ଗତ କମର୍ଦ୍ଦା ଡାକ ବଙ୍ଗଳା ଛକରେ ଥିବା ଏକ ଗହଣା ଦୋକାନରୁ ବୁଧବାର ସକାଳେ ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ ହୋଇଛି। ବ୍ୟବସାୟୀଜଣଙ୍କ



ପାଣି ଆଣିବାକୁ ଯାଇଥିଲା ବେଳେ ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି ଏକ ବ୍ୟାଗ୍‌ରେ ଥିବା ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ଏହାର ଆନୁମାନିକ ମୂଲ୍ୟ ୨୮ ଲକ୍ଷ ଟଙ୍କା ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଏହି ବ୍ଲକ୍ କୁମ୍ଭାରମୂଳି ପଞ୍ଚାୟତ ଦିଗରାଶି ଗ୍ରାମର ଅନନ୍ତ ରଣାଙ୍କ ପୁଅ ମାନସ ରଣା ଦୀର୍ଘ ବର୍ଷ ହେବ କମର୍ଦ୍ଦା ଡାକବଙ୍ଗଳା ଛକ ମାଛ ମାର୍କେଟ୍ ନିକଟରେ ମାଳତୀ ଜୁଏଲାର୍ସ ନାମରେ ଗହଣା ଦୋକାନ କରିଛନ୍ତି। ଆଜି ସକାଳେ ଅନନ୍ତ ଦୋକାନ ଖୋଲି ପୂଜା କରିବା ପାଇଁ ପାଣି ଆଣିବାକୁ ବାହାରକୁ ଯାଇଥିବା ବେଳେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତମାନେ ଦୋକାନ ଭିତରକୁ ପଶିଯାଇ ଏକ ବ୍ୟାଗରେ ଥିବା ଟଙ୍କା ଏବଂ ଗହଣା ନେଇ ଚମ୍ପଟ ମାରିଥିଲେ। ଉକ୍ତ ବ୍ୟାଗ୍‌ରେ ନଗଦ ୩ ଲକ୍ଷ ଟଙ୍କା ଥିବା ବେଳେ ୪୦୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର ଥିଲା। ଏ ନେଇ ବ୍ୟବସାୟୀ ମାନସ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। କମର୍ଦ୍ଦା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଡିଲ୍ ବେଳେ ମାଡ଼ିବସିଲା ବନ ବିଭାଗ

# ୩୫୦ ବଜ୍ରକାପ୍ତା କାତି ଜବତ; ୩ଗିରଫ

**ନୂଆପଡ଼ା/ଖଡ଼ିଆଳ,୨୫।୧୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରେଞ୍ଜ ଅଧୀନ ଜୁନାପାଣି ଗାଁରେ ଖଡ଼ିଆଳ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ୩୫୦ଟି ବଜ୍ରକାପ୍ତା କାତି ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଖଡ଼ିଆଳ ବ୍ଲକ ଭୀମାଖୋଲ ଗାଁର ଲାଲମୋହନ ତାଣ୍ଡି ଓ ମହୁଲକୋଟ ଗାଁର ବଳରାମ ଭୁଏ ଏବଂ ସିନାପାଲି ବ୍ଲକ ଶାଗୁନଭାଡି ଗାଁର ମାର୍କଣ୍ଡ ବାଗ। ଅଭିଯୁକ୍ତମାନେ କାତିଗୁଡ଼ିକୁ ବିକିବା ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ସେମାନଙ୍କୁ ମାଡ଼ି ବସିଥିଲା।



ଜବତ କାତିଗୁଡ଼ିକର ହାରାହାରି ଓଜନ ୧.୮ କେଜି ହେବ ବୋଲି ଜଣାଯାଇଛି। ଅନ୍ତର୍ଜାତୀୟ ଚୋରା ବଜାରରେ ଏହାର ମୂଲ୍ୟ କୋଟିରେ ହେବ ବୋଲି କୁହାଯାଉଛି। ଗିରଫ ଅଭିଯୁକ୍ତମାନଙ୍କୁ ନେଇ ବୁଧବାର ବନ ବିଭାଗ ଆଜି ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇଛି। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ସୂଚନା ଦେଇଛନ୍ତି।

# ପରଲୋକରେ କୁଳପତି ସଞ୍ଜୟ ଶତପଥୀ

**ଭବାନୀପାଟଣା, ୨୫।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସଞ୍ଜୟ ଶତପଥୀଙ୍କ ବୁଧବାର ସକାଳ ପ୍ରାୟ ୮ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। କିଛି ଦିନ ତଳେ ତାଙ୍କର ମସ୍ତିଷ୍କାଘାତ ହେବାରୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି



କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ସେଠାରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡା. ନିବେଦିତା ନାଥ, କୁଳସଚିବ ପୀତାମ୍ବର ଭୋଇ, ଉପ କୁଳସଚିବ ଜୟଦେବ ସାହୁ, ଅଧାପିକା ପଲ୍ଲୀଶ୍ରୀ ପଟ୍ଟନାୟକ, ପ୍ରଫେସର୍ ଗୋପୋବନ୍ଧୁ ବେହେରା, ଡା. ଅଜୟ ମିଶ୍ର, ବିଜେଡି ଛାତ୍ର ଜନତା ଦଳ ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ରାଜନେତା, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ପ୍ରଫେସର୍ ଶତପଥୀ ୨୦୨୧ଏପ୍ରିଲରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଯୋଗ ଦେଇଥିଲେ। ଏକାଧାରାରେ ସେ ଜଣେ ଶିକ୍ଷାବିତ୍, ପ୍ରବଚକ, ସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବେ ବେଶ୍ ଜଣାଶୁଣା। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାଜ୍ୟ ବିଜେପିର 'ସୁଶାସନ ଦିବସ' ଓ 'ଅଟଳ ସମ୍ମାନ-୨୦୨୪' ପ୍ରଦାନ

# 'ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରି ଅଜାତଶତ୍ରୁ ହୋଇଛନ୍ତି ଅଟଳ'

**ଭୁବନେଶ୍ୱର, ୨୫।୧୨(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀରେ ବିଜେପି ପକ୍ଷରୁ 'ସୁଶାସନ ଦିବସ' ପାଳନ କରାଯିବା ସହ 'ଅଟଳ ସମ୍ମାନ -୨୦୨୪' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସହ ପ୍ରତିକୂଳ ପରିସ୍ଥିତିରେ ନିଜର ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ କରି ସମସ୍ତଙ୍କ ଅଜାତଶତ୍ରୁ ହୋଇପାରିଥିବା କହିଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଢ଼ିବା ପାଇଁ ଭିଜନ-୨୦୩୬ ଲୋକଙ୍କ ପାଖରେ ସରକାର ରଖିଛନ୍ତି ବୋଲି ସେ କହିଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୋଖରାନ




ପରମାଣୁ ପରୀକ୍ଷଣ ପରେ ସମଗ୍ର ବିଶ୍ୱରୁ ଯେଉଁ କଟକଣା ଓ ଭୟ ଆଶଙ୍କା ରହିଥିଲା, ତାକୁ ବାଜପେୟୀ ଦୃଢ଼ତାର ସହ ମୁକାବିଲା କରି ଦେଶର ପ୍ରତିଷ୍ଠା ବଢ଼ାଇଥିବା ଏବଂ ୧୯୯୯ ମହାବାତ୍ୟା ସମୟରେ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଛନ୍ତି। ତାଙ୍କ ଜନ୍ମ ଶତବାର୍ଷିକୀକୁ ଆଲୋଚନାଚକ୍ର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷସାରା ପାଳନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଅବସରପ୍ରାପ୍ତ ପ୍ରଫେସର ଡ. ନିରଞ୍ଜନ ପାଢ଼ୀ ପ୍ରମୁଖ ବାଜପେୟୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁରଙ୍କୁ ନବମ 'ଅଟଳ ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ କବିୟତ୍ରୀ କାନନବାଳା ପଟ୍ଟନାୟକଙ୍କୁ 'ଅଟଳ କବିତା ସମ୍ମାନ', ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ 'ଅଟଳ ସାମ୍ବାଦିକ ସମ୍ମାନ' ଓ ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ମହାପାତ୍ରଙ୍କୁ 'ଅଟଳ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେପି ସାଂସ୍କୃତିକ ପ୍ରକୋଷ୍ଠ ରାଜ୍ୟ ସଂଯୋଜିକା ପିଙ୍କି ପ୍ରଧାନ ଓ ପଞ୍ଚାନନ ନାୟକ ପରିଚାଳନା କରିଥିଲେ।

# ଭଗବାନଙ୍କ ଭରସାରେ ଚାନ୍ଦବାଲିର ପ୍ରାଣୀ ସମ୍ପଦ

## ଜଣେ ବ୍ଲକ ଅଫିସର, ୨ ଭିଏଏସ୍ ଓ ୬ ପ୍ରାଣୀ ସହାୟକଙ୍କ ହାତରେ ପ୍ରାଣୀ ଚିକିତ୍ସା ସେବା

ଭଦ୍ରକ, ୨୫ ।୧୨(ସମିସ)




ଖାଲି ପଡ଼ିଛି ପ୍ରାଣୀ ଚିକିତ୍ସକଙ୍କ ପଦ। ୩୬ଟି ପଞ୍ଚାୟତ ଓ ଗୋଟିଏ ଏନଏସି ପାଇଁ ରହିଛି ଗୋଟିଏ ମାତ୍ର ଆମ୍ବୁଲାନ୍ସ। ତାହା ପୁଣି କାମ କରୁଛି ଦିନରେ କେଇ ଘଣ୍ଟା ପାଇଁ। ଏମିତି ଚାଲିଛି ଭଦ୍ରକ ଜିଲ୍ଲା ଅଧୀନ ଚାନ୍ଦବାଲି ବ୍ଲକରେ ପ୍ରାଣୀ ଚିକିତ୍ସା। ଓଡ଼ିଶାର ପଶୁ ସମ୍ପଦର ବିକାଶ ଓ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କାର ବଜେଟ ଉପସ୍ଥାପନ କରୁଛନ୍ତି। ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଗୋ-ଶାଳାର ଖର୍ଚ୍ଚ ବହନ, ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ଟୀକାକରଣ ଆଦିରେ କୋଟି କୋଟି ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି; ମାତ୍ର ଚିକିତ୍ସା ପାଇଁ ଡାକ୍ତର ପଦ ଖାଲି ଥିବାରୁ ବିପଦରେ ଗୋ-ସମ୍ପଦ। କେବଳ କାଗଜପତ୍ରରେ ଗୋ ସମ୍ପଦର ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ରୋଗବ୍ୟାଧିରୁ ରକ୍ଷା କରିବା ପାଇଁ ନାହାନ୍ତି ଆବଶ୍ୟକ ସଂଖ୍ୟାରେ ଡାକ୍ତର।

୨୦୧୯ ପଶୁ ଗଣନା ଅନୁସାରେ, ଚାନ୍ଦବାଲି ବ୍ଲକରେ ମୋଟ ଗାଈ ଓ ମଇଁଷି ସଂଖ୍ୟା ୮୫, ୨୫୯। ଛେଳି ଓ ମେଣ୍ଢାଙ୍କ ସଂଖ୍ୟା ୧୭, ୪୫୭ ଓ ୫୪, ୪୭୬ଟି କୁକୁଡ଼ା ବତକ ଥିଲେ। ଏବେ ଏମାନଙ୍କ ସଂଖ୍ୟା ବଢ଼ିଥିବା ବେଳେ ସେହି ଅନୁପାତରେ ବଢ଼ି ନାହିଁ ଡାକ୍ତରଖାନା ବା ଡାକ୍ତର ପଦ। ମାତ୍ର ୩ଟି ପଶୁ ଡାକ୍ତରଖାନାରେ ଜଣେ ବ୍ଲକ ଅଫିସର, ୨ ଜଣ ଭିଏଏସ ଓ ୬ ଜଣ ପ୍ରାଣୀ ସହାୟକ। ସେଥିମଧ୍ୟରୁ କିଛି ଡାକ୍ତର ନିୟମିତ ଡାକ୍ତରଖାନା ଆସୁ ନଥିବାରୁ ପ୍ରାଣୀ ଚିକିତ୍ସାରେ ବାଧା ଉପୁଜୁଥିବା ଅଭିଯୋଗ କରିଛନ୍ତି ଗଦାଧର ପଣ୍ଡା, ପ୍ରଫୁଲ୍ଲ ଦାସ ପ୍ରମୁଖ ଗ୍ରାମବାସୀ।

ଚାନ୍ଦବାଲି ଅଞ୍ଚଳରୁ ମାସିକ ୫୦ହଜାର ଲିଟରରୁ ଊର୍ଦ୍ଧ୍ୱ ଦୁଗ୍ଧ ଉତ୍ପାଦନ ହେଉଥିବା ବେଳେ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ୩ଟି ଯାକ ଡାକ୍ତରଖାନା ମତୋ, ଚାନ୍ଦବାଲି ଓ ବାଂଶଡାରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଠିକ ଘର ନାହିଁ କି ଚିକିତ୍ସା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ନ ଥିବାରୁ ନାହିଁ ନାହିଁରେ ଚାଲିଛି ଚାନ୍ଦବାଲି ବ୍ଲକର ପ୍ରାଣୀ ଚିକିତ୍ସାଳୟ। ଚିକିତ୍ସକ ଅଭାବରୁ ଅନେକ ସମୟରେ ସଂକ୍ରାମକ ରୋଗରେ ଅନେକ ଗାଈଗୋରୁ, ମଇଁଷି, କୁକୁଡ଼ା ଆଦି ପ୍ରାଣ ହରାଉଥିବାର ଦେଖିବାକୁ ମିଳିଛି। ଚାନ୍ଦବାଲି ବ୍ଲକର ଭୌଗଳିକ ସ୍ଥିତିକୁ ଲକ୍ଷ୍ୟକରି ଧାମରା ଓ ଆରଡ଼ିରେ ଦୁଇଟି ନୂତନ ପ୍ରାଣୀ ଚିକିତ୍ସାଳୟ ଖୋଲିବା ସହ ଆବଶ୍ୟକ ଡାକ୍ତର ନିଯୁକ୍ତ କଲେ ଗୋ-ସମ୍ପଦର ସୁରକ୍ଷା ହୋଇ ପାରିବ।

## ବାଇପାସ୍ ରାସ୍ତା ନିର୍ମାଣ ଦାବି

ଭଦ୍ରକ, ୨୫।୧୨(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥର ପାୟାସାହି ଛକରୁ ଅସ୍ତକ ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଅନଲଡିହ ଗ୍ରାମ ମଧ୍ୟ ଦେଇ ଯାଇଛି। ଗ୍ରାମ ମଧ୍ୟରେ ରାସ୍ତାଟି ସଂପୂର୍ଣ୍ଣ ସଂକୀର୍ଣ୍ଣ, ଅଙ୍କାବଙ୍କା, ଜବରଦଖଲ ଓ ବେଆଇନ ନିର୍ମାଣ ହୋଇଥିବାରୁ ଉକ୍ତ ରାସ୍ତାରେ ଜରୁରୀ ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି, ଚାରିଚକିଆ ଓ ଦୁଇଚକିଆ ଯାନ ଯିବାରେ ବହୁତ ଅସୁବିଧା ହେଉଛି। ବହୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି।୨୦୦ ମିଟର ର ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ବର୍ଷା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଅସୁରାଳି, ୨୫।୧୨(ସମିସ): ଲଗାତାର ଦୁଇ ଦୁଇଟି ଲଘୁଚାପ ବର୍ଷାରେ ଉଜୁଡ଼ି ଗଲାଣି ବର୍ଷକର ଅମଳ। ଚାଷୀଙ୍କ ମୁଣ୍ଡରେ ଚଡ଼କ। ଧାମନଗର ବ୍ଲକ ଅଧିନ ଗୋବିନ୍ଦପୁର, ଗଡିଆଲି, କଟସାହି, ଖପରପଦା, କାଶିନ୍ଦପୁର, ଫତେପୁର, କୋଠାର, ଧୂଷୁରୀ, ବେତାଳିଗାଁ, ନଦିଗାଁ, ପାଳସାହି, ସାହାସପୁର, ରହିପୁର ପ୍ରମୁଖ ପଞ୍ଚାୟତର ଚାଷୀକୁଳ ମୁଣ୍ଡରେ ହାତ ଥୋଇ ବସିଛନ୍ତି। ଚାଷୀକୁଳଙ୍କ ଋଣ ଛାଡ କରିବା ପାଇଁ ଦାବି କରିବା ସହ ଚାଷୀଙ୍କ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି ଖୁବ୍ ଶୀଘ୍ର କ୍ଷତି ପୂରଣ ପ୍ରଦାନ କରିବାକୁ ବରିଷ୍ଠ କଂଗ୍ରେସନେତା ନାରାୟଣ ଚନ୍ଦ୍ର ପାଢ଼ୀ, ପୂର୍ବତନ ବ୍ଲକ ସଭାପତି ଅଭିଷେକ ରାଉତ, କଂଗ୍ରେସ ନେତା ହୃଦାନନ୍ଦ ସେଠୀ, ବିଦ୍ୟାଧର ଜେନା, ପ୍ରସନ୍ନ ଧଳ, ଅରବିନ୍ଦ ନାୟକ, ନିମାଇଁ ଜେନା, ଆଲୋକ ସ୍ୱାଇଁ, ସୁଧୀର ଖଟୁଆ, ନରେନ୍ଦ୍ର ମଲ୍ଲିକ ଓ ଯୁବ ସଭାପତି ଆଲୋକ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ଜାନୁଆରୀ ୫ରେ ଖୋଲିବ ମଣ୍ଡି

ଭଦ୍ରକ, ୨୫ ।୧୨(ସମିସ): ଗତ କିଛି ଦିନ ଧରି ଲାଗି ରହିଥିବା ଝଡ଼ି ବର୍ଷା ଜନିତ ପ୍ରତିକୂଳ ପାଗ ଯୋଗୁଁ ଭଦ୍ରକ ଜିଲ୍ଲା ପାଇଁ ୨୦୨୪-୨୫ ବର୍ଷ ନିମିତ୍ତ ସରକାରୀ ଦରରେ ଧାନକିଣା ତାରିଖକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁନଃନିର୍ଦ୍ଧାରଣ କରାଯାଇଛି। ଧାନ କିଣା ପାଇଁ ଗତ ୧୪.୧୧.୨୪ରେ ଅନୁଷ୍ଠିତ ହୋଇଯାଇଥିବା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଆସନ୍ତା ୨୭.୧୨.୨୪ ତାରିଖରୁ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ କରାଯିବା ପାଇଁ ସ୍ଥିର କରାଯାଇଥିଲା। ମାତ୍ର ବର୍ତ୍ତମାନର ପ୍ରତିକୂଳ ପାଗ ଯୋଗୁଁ ପୂର୍ବ ନିର୍ଦ୍ଧାରିତ ତାରିଖ ବଦଳରେ ଆଗାମୀ ଜାନୁଆରୀ ୫ ତାରିଖରୁ ଧାନ କ୍ରୟ ଆରମ୍ଭ କରାଯିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅଧ୍ୟକ୍ଷଙ୍କ ଗୁଣିଗାରେଡ଼ି ବଳୟରେ ଇରମ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

ଭଦ୍ରକ, ୨୫ ।୧୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ଇରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭୌତିକ କାଣ୍ଡର ମହାନାୟକ ସାଜିଛନ୍ତି ଖୋଦ୍ ଅଧ୍ୟକ୍ଷ। ଗୁଣିଗାରେଡି ବଳୟ ମଧ୍ୟରେ ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ପର୍ଯ୍ୟନ୍ତ ଭୟଭୀତ ହୋଇ ପଡ଼ିଛନ୍ତି। ବିଦ୍ୟାଳୟ ପରିସରରେ ବିଭିନ୍ନ ସ୍ଥାନରେ ଅଧ୍ୟକ୍ଷ ଗୋଟା ଗୁଆ, ଲେମ୍ବୁ ଓ ଫୁଲ ପୋତିଥିଲେ। ଯାହା ବିଦ୍ୟାଳୟର ସିସିଟିଭି ଫୁଟେଜରେ କଏଦ ହୋଇଛି ବୋଲି ଡାଟା ଏଣ୍ଟ୍ରି ଅପରେଟର କହିଛନ୍ତି। ଡାଟା ଏଣ୍ଟ୍ରି ଅପରେଟର ଗୁଣିଗାରେଡିର ଶିକାର ହେବାକୁ ପଡ଼ିଛି। କର୍ମଚାରୀଙ୍କ ସହଯୋଗରେ ତାଙ୍କ



ଚେତା ଫେରିଥିଲା। ଏହି ଗୁଣିଗାରେଡିର ମହାନାୟକ ସାଜିଛନ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭୋଳାନାଥ ବାରିକ ବୋଲି ଅଭିଯୋଗ ହୋଇଛି। ଏହି ଶିକ୍ଷାନୁଷ୍ଠାନ ୧୯୮୩ ମସିହାରେ ଆରମ୍ଭ ହୋଇ ଶହୀଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହେଲା। ଯୁକ୍ତ ୨ର କଳା ୧୫୮ ଓ ବିଜ୍ଞାନ ୧୧୪ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୬ ଜଣ କର୍ମଚାରୀଙ୍କ କାର୍ଯ୍ୟରତ ଅଛନ୍ତି। କର୍ମଚାରୀ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ମତାନ୍ତର ଲାଗିରହିଛି। ଆନ୍ତରିକତା ଅଭାବ ଯୋଗୁଁ ଖୋଦ୍ ଅଧ୍ୟକ୍ଷ ଗୁଣି ଗାରେଡିର ଆଶ୍ରୟ ନେଇଛନ୍ତି ବୋଲି କର୍ମଚାରୀ ଅଭିଯୋଗ କରିଛନ୍ତି। ଏପରିକି କର୍ମଚାରୀଙ୍କ ଉପରେ ପ୍ରୟୋଗ କରିବାକୁ ପଛାଇ ନାହାନ୍ତି। ଏସମ୍ପର୍କରେ ଅଧ୍ୟକ୍ଷ ଭୋଳାନାଥ ବାରିକ କହିଲେ, ଆମ ଭିତରେ ବୁଝାମଣା ସରିଛି ..., ଆପଣ କାହିଁକି ପଶୁଛନ୍ତି ? ତେବେ, ଅଜ୍ଞାନ ଜନିତ ଅନ୍ଧକାରକୁ ହଟାଇବା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଯଦି ସେହି ଶିକ୍ଷାନୁଷ୍ଠାନର ଗୁଣିଗାରେଡିର ବାତାବରଣ ସୃଷ୍ଟି କରାଯାଏ, ସୁସ୍ଥ ସମାଜ ଗଠନର ପରିକଳ୍ପନା କରାଯାଇ ପାରିବନାହିଁ ବୋଲି ବାସୁଦେବପୁର ଅଞ୍ଚଳର ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ସାତଭଉରୀ-ଚୁନିଦା ରାସ୍ତା ଲୋକାର୍ପିତ



ଭଦ୍ରକ, ୨୫ ।୧୨(ସମିସ): ଭଦ୍ରକ ବ୍ଲକ ଅନ୍ତର୍ଗତ କୋର୍କରା ପଞ୍ଚାୟତ ସାତାଭଉଣୀ ଠାରୁ ଚୁନିଦା ଯାଏଁ ଦୀର୍ଘ ୪କିମି ରାସ୍ତାଟି ଲୋକାର୍ପିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ହୋଇଥିବା ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତାର ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଆର୍.ଡି ବିଭାଗର ଯନ୍ତ୍ରୀମାନେ ଯୋଗ ଦେଇଥିଲେ।

## ପବିତ୍ର ତୁଳସୀ ପୂଜନ ଉତ୍ସବ

ବାରିକପୁର, ୨୫।୧୨(ସମିସ): ଡିସେମ୍ବର ୨୫ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ତୁଳସୀ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ମଞ୍ଜୁରୀ ରୋଡସ୍ଥିତ ହେଲ୍ପଲାଇନ କଂପ୍ୟୁଟର ଇନଷ୍ଟିଚ୍ୟୁଟ ଠାରେ ପରିଚାଳକ ମନୋରଞ୍ଜନ



ସାହୁଙ୍କ ସଂଯୋଜନାରେ ତୁଳସୀ ପୂଜନ ଉତ୍ସବ ଆୟୋଜନ ହୋଇଥିଲା। ଏଥିରେ ଇନଷ୍ଟିଚ୍ୟୁଟ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମା' ବୃନ୍ଦାବତୀଙ୍କୁ ଧୂପଦୀପ ନୈବେଦ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଥିଲେ। ଏହାଛଡା ତୁଳସୀ ମହିମା ସମ୍ପର୍କରେ ପୁସ୍ତକ ପଠନ କରିଥିଲେ। ଭଣ୍ଡାରିପୋଖରୀ ବଜାରସ୍ଥିତ ମା' ତାରିଣୀ ଏଣ୍ଟରପ୍ରାଇଜେସ ପକ୍ଷରୁ ମଧ୍ୟ ଭାବଭକ୍ତିର ସହ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ଶ୍ରଦ୍ଧାଳୁମାନେ ମା' ବୃନ୍ଦାବତୀଙ୍କୁ ପୂଜା ଧୂପ ଦୀପ ଦେଇ ପୂଜା କରିଥିଲେ। ବରିଷ୍ଠ ନାଗରିକ ଉଦକର ନାୟକ, ଶିକ୍ଷକ ମାନସ ସାହୁ, ପ୍ରତାପ ନାୟକ, ସାମ୍ବାଦିକ ଆକାଶ ଆଦିତ୍ୟ ବେହେରା, ବ୍ୟବସାୟୀ ସମୀର ପଣ୍ଡା, ତାପସ ନାୟକ ପ୍ରମୁଖ ଉପସ୍ଥିତ ରହି ତୁଳସୀ ଦେବୀଙ୍କ ବନ୍ଦନା କରିଥିଲେ। ଅନୁରୂପ ଭାବେ ରାଢୋ ଠାରେ ମଧ୍ୟ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ସଦସ୍ୟ ଦୁର୍ଯ୍ୟୋଧନ ଲେଙ୍କାଙ୍କ ତତ୍ତ୍ୱାବଧାନରେ ପବିତ୍ର ତୁଳସୀ ପୂଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ବାସୁଦେବପୁର, ୨୫ ।୧୨(ସମିସ): ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତ ହାଇସ୍କୁଲ ବେତଡାର ୧୯୮୫ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ବଡଦିନକୁ ଏକ ମନ୍ଦିର ପରିସରରେ ଗୁରୁଙ୍କ ଗହଣରେ ଗୁରୁ ସେବା କରି ଦିନଟିକୁ ବିତାଇବାକୁ ଏକତ୍ରିତ ହୋଇଥିଲେ। ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ଶୁଭ୍ରା ପାଣିଗ୍ରାହୀ ସଂଯୋଜନା କରିଥିଲେ। ଶିକ୍ଷାଗୁରୁ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଛବିନ୍ଦ୍ର ମହାପାତ୍ର, ଚିତରଞ୍ଜନ ମହାନ୍ତି, ଗୌରାଙ୍ଗ ଚରଣ ବେହେରା ଯୋଗ ଦେଇଥିଲେ। ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଶିକ୍ଷାଗୁରୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ହରେକୃଷ୍ଣ ପାଣିଗ୍ରାହୀ ବେଦପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧିରେନ୍ଦ୍ର ଲେଙ୍କା, ଅଜିତ ଦାସ, ଜଗନ୍ନାଥ ପଣ୍ଡା, ଯଦୁନାଥ ସାହୁ, ପଦ୍ମାଳୟା ପାଢ଼ୀ, କାନନବାଳା ପଣ୍ଡା, ଲକ୍ଷ୍ମୀବାଈ ବେହେରା, ସନ୍ଧ୍ୟାରାଣୀ ଦାଶ, କୁନ୍ତଳା ଅଗସ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ସାମଲ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାବିତ୍ ଧରଣୀଧର ପଣ୍ଡାଙ୍କ ସ୍ମୃତିସଭା ଓ ସ୍ମରଣିକା ଉନ୍ମୋଚନ



ଭଦ୍ରକ, ୨୫ ।୧୨(ସମିସ): ଶିକ୍ଷବିତ ସ୍ୱର୍ଗତ ଧରଣୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ଚଷାଖଣ୍ଡରେ ଏକ ସ୍ମୃତିସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। କବି ମନୋଜ ଭଳଙ୍କ ଦ୍ୱାରା ସମ୍ପାଦିତ 'ଧୂରିଣ ଧରଣୀ 'ନାମକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କ୍ଷାବିତ୍ ସାଧୁ ଚରଣ ନାୟକଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଇଂ ଅଭୟ ସୂତାର ମୁଖ୍ୟବକ୍ତା ଅବସରପ୍ରାପ୍ତ ଅନୁ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ, ବରେଣ୍ୟ ଅତିଥି ଭାବରେ ମନୋଜ ଭୋଳ, ଶିକ୍ଷାବିତ୍ ପ୍ରଭାତ ଜେନା ଏବଂ ଶିକ୍ଷାବିତ୍ ସନାତନ ଜେନା ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ମତୋ ଉଚ୍ଚବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ପଣ୍ଡା, ନାଲଗୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ର ତପନ ସୂତାର, ଇଟୁଆ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନୁପମା ଦାଶ, ମଉସୁଧା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିଶିତା ମହାନ୍ତି ଓ ଦୋଳମଣ୍ଡପ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅରୁଶିଖା ସାହୁଙ୍କୁ ଧରଣୀଧର ପଣ୍ଡା ମେଧା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଧରଣୀଧର ପଣ୍ଡାଙ୍କ ସାନ ଭାଇ ତଥା ଚାନ୍ଦବାଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତାରିଣୀସେନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅଶୋକ ପଣ୍ଡା, ପ୍ରଶାନ୍ତ ପାଣିଗ୍ରାହୀ, କୃତିବାସ ରାଉତ, ନବଘନ ସାମଲ, ସବ୍ୟସାଚୀ ମହାନ୍ତି, ସବିତାରାଣୀ ନାୟକ, ଜଗନ୍ନାଥ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସିରୁଚିପ୍ରଭା ଦାଶ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜାତୀୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଦୀପ୍ତିମୟୀ ଓ ଇତିଶ୍ରୀ

ଭଦ୍ରକ, ୨୫ ।୧୨(ସମିସ): ଚେନ୍ନାଇରେ ଆରମ୍ଭ ହେବାକୁ ଯାଉଥିବା ୪୬ତମ ଜାତୀୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତାଟି ୨୩ଡିସେମ୍ବରରୁ ଆରମ୍ଭ ହୋଇ ୨୮ ଡିସେମ୍ବର ୨୦୨୪ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ଖେଳାଳିଙ୍କ ନାମ



ଘୋଷଣା କରିଛି। ବାଳିକା ଦଳରେ ଭଦ୍ରକ ଜିଲ୍ଲାରୁ ଦିପ୍ତୀମୟୀ ଦାସ (ଏସବିଡି ଇଣ୍ଟରନେସନାଲ୍ ସ୍କୁଲର ଯୁକ୍ତ ୨ କଳା ଦିତୀୟ ବର୍ଷର ଛାତ୍ରୀ) ଓ ଇତିଶ୍ରୀ ପାତ୍ର (ଆଟିଆଇ, ଭଣ୍ଡାରୀପୋଖରୀ) ର ଛାତ୍ରୀଦ୍ୱୟ ସ୍ଥାନ ପାଇଛନ୍ତି। ଏହି ସଫଳତା ପଛରେ ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ୍ ର କ୍ରୀଡା ଶିକ୍ଷକ ମନୋଜ କୁମାର ସାହୁଙ୍କ ର ପ୍ରଚେଷ୍ଟା ରହିଥିବା ବେଳେ ସ୍କୁଲ ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ୍ ଓ ଭଣ୍ଡାରିପୋଖରୀ ଆଇଟିଆଇ ଅଧ୍ୟକ୍ଷ ଦୀପକ ମୁଦୁଲି ଶୁଭେଚ୍ଛା ଜଣାଇଛନ୍ତି। ଭଦ୍ରକ ଜିଲ୍ଲା ହ୍ୟାଣ୍ଡବଲ ସଂଘର ସଂପାଦକ ସିରାଜୁଦିନ୍ ଖାନ୍ କୋଚ୍ ସେକ୍ ଗୋଲାପ ଶୁଭେଚ୍ଛା ଜଣାଇଛନ୍ତି।

## ଗୁରୁଗୌରବ ସମ୍ମାନ ଓ ବନ୍ଧୁ ମିଳନ

ଅସୁରାଳି, ୨୫।୧୨(ସମିସ): ଦଇପୁର ପଞ୍ଚାୟତ ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟରେ ୧୯୭୬ ମସିହା ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁଗୌରବ ସମ୍ମାନ ଓ ବନ୍ଧୁ ମିଳନ ଉତ୍ସବ କାର୍ଯ୍ୟରତ ପ୍ରଧାନଶିକ୍ଷକ ଖଗେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଗୋବିନ୍ଦଚନ୍ଦ୍ର ନାୟକ, ରମାକାନ୍ତ ପଣ୍ଡା, ରବୀନ୍ଦ୍ରପ୍ରସାଦ ନାଥ, ବୃନ୍ଦାବନ ରାଉଳ, ଗୟାଧର ଦ୍ୱିବେଦୀ, ସୁବାସଚନ୍ଦ୍ର ବାରିକ ଓ କାର୍ଯ୍ୟରତ ସହକାରୀ ଶିକ୍ଷକ ସୀତାଂଶୁ ଶେଖର ସେଠୀ, ମମତାରାଣୀ ବେହେରା, ପଦ୍ମିନୀ ସେଠୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସୁଶାନ୍ତି ଜେନା ଅତିଥି ଭାବେ ଯୋଗଦାନ କରିଥିଲେ। ପୁରାତନ ଛାତ୍ର ରବୀନ୍ଦ୍ର ପଣ୍ଡା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ, ସୁଧାଂଶୁଶେଖର ଦେ, ବଂଶୀଧର ରାଉତ, ନିର୍ମଳଚନ୍ଦ୍ର ପଣ୍ଡା, ନିଧିରାମ୍ ଦତ, ଉମାକାନ୍ତ ଦତ, ଗଦାଧର ବସନ୍ତିଆ, ପ୍ରମୋଦ କୁମାର ଦାସ, ମାୟାଧର ଦ୍ୱିବେଦୀ,



ଦୋଳଗୋବିନ୍ଦ ଲେଙ୍କା, ହୃଦାନନ୍ଦ ଲେଙ୍କା, ନିତ୍ୟାନନ୍ଦ ଗଣ, କୃଷ୍ଣଚନ୍ଦ୍ର ନାୟକ, ଧନେଶ୍ୱର ଲେଙ୍କା, ସୁଶୀଳା ନାୟକ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ରୀ ଶାନ୍ତିଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ଭାବେ ନିର୍ମାଣ ଚାଲିଛି ଗୋଷ୍ଠୀ ପାଇଖାନା

ବାସୁଦେବପୁର, ୨୫।୧୨(ସମିସ): ବାସୁଦେବପୁର ପୌରପାଳିକା କେତେକ ସରକାରୀ ନିର୍ମାଣ କାର୍ଯ୍ୟକୁ ବେଆଇନ ଭାବେ ଚଳେଇଥିବା ଅଭିଯୋଗ ହେଉଛି। ୱାର୍ଡ ନମ୍ବର ୧୫ ଓ ୧୬ରେ ଗୋଷ୍ଠୀ ପାଇଖାନା ନିର୍ମାଣ ପାଇଁ ନିୟମର ଉଲ୍ଲଂଘନ ହେଉଛି। ଏହି ୨ଟି ସ୍ଥାନରେ ନିର୍ମାଣ କାର୍ଯ୍ୟ ଛାତ ଲେବୁଲ୍ ହେଲାଣି। ହେଲେ ଏପର୍ଯ୍ୟନ୍ତ ସୂଚନା ଫଳକ ଲାଗିନାହିଁ। ବାସୁଦେବପୁର ତହସିଲଦାରଙ୍କ ଠାରୁ ପୌରପାଳିକା ଫିଜିବିଲିଟି ରିପୋର୍ଟ ନଆଣି କେମିତି ନିର୍ମାଣ କାର୍ଯ୍ୟ କନିଷ୍ଠ ଯନ୍ତ୍ରୀ ଆରମ୍ଭ କରିବାକୁ ଲେଆଉଟ ଦେଲେ। ନିର୍ମାଣ କାର୍ଯ୍ୟ ଚାଲିଥିବା ୧୫ ନମ୍ବର ୱାର୍ଡ଼ର ଇମାମଦି ମହଲ୍ଲା ବସ୍ତିର ସାବରପୁର ମୌଜାର ଖାତା ନମ୍ବର- ୨୧୧ ଓ ପ୍ଲଟ ନମ୍ବର- ୪୮୯ ରାସ୍ତା କିସମ ଅଟେ। ଏହି ଜମିରେ କୌଣସି ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ସେହିପରି ୧୬ ନମ୍ବର ୱାର୍ଡ଼ର ସୁଙ୍ଗୁଡା ମୌଜାର ପ୍ଲଟ ନମ୍ବର- ୮୨୦ ଓ ଖାତା ନମ୍ବର- ୫୨୦ କିସମ ଗ୍ରାମ୍ୟ ଜଙ୍ଗଲ ଉପରେ ନିର୍ମାଣ କାର୍ଯ୍ୟ ଚାଲିଛି। ସରକାରୀ ନୀତିନିୟମକୁ ଚଲୁ କରି ଠିକାଦାର ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ପୌରପାଳିକାର ଅଧିକାରୀ ପିସିରେ ସଂପୃକ୍ତ ହୋଇ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଏହି ବେଆଇନ୍ ନିର୍ମାଣ ବିରୋଧ କରି ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ପୌରପାଳିକା ଅଧିକାରୀଙ୍କ ବିରୋଧରେ ନ୍ୟାୟଳୟରେ ଦ୍ୱାରସ୍ଥ ହେବାକୁ ଧମକ ଦେଇଛନ୍ତି।



# ବିଭିନ୍ନ ସ୍ଥାନରେ ବାଜପେୟୀ ଜୟନ୍ତୀ ଓ ସୁଶାସନ ଦିବସ










ଭଣ୍ଡାରିପୋଖରୀ, ୨୫।୧୨(ସମିସ)

ଭଣ୍ଡାରିପୋଖରୀ ବିଜେପି କାର୍ଯ୍ୟାଳୟରେ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଗିରିଶ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତରଣୀସେନ ଯେନା, ପ୍ରଭାତ ରାଉତ, ନବକିଶୋର ବିଶ୍ୱାଳ, ପାଟୁଳି ପଞ୍ଚାୟତ ବିଜେପି ସଭାପତି ପର୍ଶୁରାମ ପରିଡ଼ା, ବୟାବନାପୁର ସଭାପତି ଜୟଦେବ ସେନାପତି, ଶରତ ପଲାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଦିବସକୁ ସୁଶାସନ ଦିବସ ଭାବେ ମଧ୍ୟ ପାଳନ କରାଯାଇଛି। ଅଟଳଜୀଙ୍କ ଶାସନ ସମୟରେ ଗ୍ରାମ୍ୟ ପକ୍କାରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ଦେଶରେ ସ୍ୱର୍ଣ୍ଣ ଚତୁର୍ଭୁଜ ନିର୍ମାଣ ସହ ବିଭିନ୍ନ ସଂସ୍କାରମୂଳକ ଶାସନ ବ୍ୟବସ୍ଥା ପ୍ରଚଳନ କରି ଅଟଳଜୀ ରାଷ୍ଟ୍ରବାସୀଙ୍କ ହୃଦୟ ଜିଣିଥିଲେ ବୋଲି ବକ୍ତାମାନେ କହିଥିଲେ।

**ଦୋବଲ:** ଭାରତରତ୍ନ ପୂର୍ବତନ ପ୍ରଧାମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶହେତମ ଜନ୍ମତିଥି ଓ ସୁଶାସନ ଦିବସ ପାଳନ ଅବସରରେ କରଦା ପଞ୍ଚାୟତ ଖଙ୍ଗରା ବାବା ଖିଲାଟେଶ୍ୱର ମନ୍ଦିର ପରିସରରେ ମୁକୁନ୍ଦଦେବ ମଣ୍ଡଳ ତରଫରୁ ଦୀପ ପ୍ରଜ୍ୱଳନ କରାଯାଇଛି। ପୂର୍ବତନ ସରପଞ୍ଚ ପ୍ରମୋଦ ସୁତାର, ମଣ୍ଡଳ ସଭାପତି ରମେଶ ପତି, ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ନାୟକ, ଅତିଶ ନନ୍ଦ, ସୁବ୍ରତ ସାମଲ, ଶିକ୍ଷାବିତ ହୃଦାନନ୍ଦ କର, ରଂଜିତ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

**ଧାମନଗର:** ପୂର୍ବତନ ପ୍ରାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶହେତମ ଜନ୍ମତିଥି ଓ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧାମନଗର ଏନଏସି ଅଞ୍ଚଳରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ଜରାନିବାସ ରହୁଥିବା ବିଭିନ୍ନ ୱାର୍ଡ ଏବଂ ବିଭିନ୍ନ ପଞ୍ଚାୟତର ଦୃଷ୍ଟିହୀନ ଛାତ୍ରଛାତ୍ରୀ ଓ ଲୋକମାନଙ୍କୁ ଫଳ ବଣ୍ଟନ କରାଯାଇଛି। ସଂସଦ ପ୍ରତିନିଧି ସରୋଜ ମହାପାତ୍ର କାଉନସିଲର ଉତ୍ତମ ମହାନ୍ତି, ସ୍ୱାଧୀନ ସମ୍ବିତ ଦାସ, ବିଜୟ ରାମ ସହଯୋଗ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତଠାରୁ ଆରମ୍ଭ କରି ତଥ ଭଗବାନପୁର, ଚୁଡାକୁଟି, ବୟାଙ୍ଗଡ଼ିହି, ରାଧାବଲ୍ଲଭପୁର, କରଦା ଆଦି ପଞ୍ଚାୟତର ଖଙ୍ଗରା ବାବା ଖିଲାଟେଶ୍ୱର ମନ୍ଦିରରେ ମୁକୁନ୍ଦଦେବ ମଣ୍ଡଳ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଛି।

**ଅସୁରାଳି:** ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମତିଥି ସୁଶାସନ ଦିବସ ପାଳନ ଅବସରରେ ପାଳସାହି ପଞ୍ଚାୟତ ବେତାଳି ଗାଁଠାରେ ଆଞ୍ଚଳିକ ଯାଦବ କମିଟି ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଛି। ତ୍ରିଲୋଚନ ଦାସ, ମନୋଜ ବେହେରା, ଅଜୟ ବେହେରା, ପୁରୁଷୋତ୍ତମ ବେହେରା, ପ୍ରଶାନ୍ତ ବାରିକ୍, ଭାଗୀରଥି ବେହେରା, ନରହରି ବାରିକ୍, ଅଚ୍ୟୁତାନନ୍ଦ ବେହେରା, ନକୁଲ ଦାସ, ପ୍ରବୋଧ ପଲ୍ଲାଇ, ସଦାନନ୍ଦ ପରିଡ଼ା, ସୁବାସ ପରିଡ଼ା, ରମେଶ ବାରିକ୍, ଧ୍ରୁବ ବାରିକ ଓ ଅନୀଲ ଦାସ ପ୍ରମୁଖ ନିରବ ପ୍ରାର୍ଥନା କରିଥିଲେ।



## ସୁଶାସନ ଦିବସ ପାଳନ ଅବସରରେ ବିଧାୟକଙ୍କୁ ଟାର୍ଗେଟ୍ | ଧର୍ମଶାଳାରେ ନାହିଁ ସୁଶାସନ: ସ୍ମୃତିରେଖା

ଯାଜପୁର/ଜେନାପୁର, ୨୫।୧୨(ସମିସ)

ସାରା ଦେଶରେ ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଆଜି ଶହେ ତମ ଜୟନ୍ତୀ ପାଳିତ ହେଉଛି। ଏହି ଦିବସକୁ ଭାରତୀୟ ଜନତା ପାର୍ଟି ସୁଶାସନ ଦିବସ ଭାବେ ପାଳନ କରୁଛି। କିନ୍ତୁ ଧର୍ମଶାଳାରେ ଏବେ ସୁଶାସନ ଚାଲୁନଥିବା କହି

### ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଅନୁପସ୍ଥିତ

ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ନେତ୍ରୀ ସ୍ମୃତିରେଖା ପହୀ। ସାରା ଦେଶରେ ବାଜପେୟୀଙ୍କ ଜନ୍ମଦିନକୁ ଧୁମ୍‌ଧାମ୍‌ରେ ପ୍ରତ୍ୟେକ ବିଜେପି କାର୍ଯ୍ୟକର୍ତ୍ତା ଏହାକୁ ପାଳନ କରୁଥିବା ବେଳେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ନିଜ ନିର୍ବାଚନ ମଣ୍ଡଳୀ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଏହି



ଅବସରରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଜୟନ୍ତୀ ପାଳନ କରି ତାଙ୍କର ଶକ୍ତି ପ୍ରଦର୍ଶନ କରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଶ୍ରୀମତୀ ପହୀ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆରୁହାଠାରେ ଆୟୋଜିତ ସଭାରେ ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ଅଟଳ ବିହାରୀ ବାଜପେୟୀଙ୍କୁ ନୂଆ ଭାରତର ସ୍ରଷ୍ଟା ଥିଲେ ବୋଲି କହିଥିଲେ। ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆମ ସରକାର ବିଚାରଧାରାରେ ଧର୍ମଶାଳାରେ ସୁଶାସନ ମିଳୁନାହିଁ। ସମସ୍ତେ ମିଶି ଧର୍ମଶାଳାରେ ବିଜେପି ନୀତି ଆଦର୍ଶକୁ ପାଥେୟ କରି ଆଗକୁ ବଢ଼ିବା ବୋଲି କହି ଏକ ପ୍ରକାର ବିଧାୟକଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି। ଆରୁହା ମଣ୍ଡଳ ସଭାପତି ହିମାଂଶୁ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ଉମାଚରଣ ପ୍ରଧାନ ଯୋଗଦେଇ ଭାରତରତ୍ନ ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ, ତାଙ୍କ ବିଚାରଧାରାରେ ବିଜେପି ପରିଚାଳିତ ହୋଇ ଆଜି ସମଗ୍ର ଦେଶରେ ଶାସନ ଭାର ବହନ କରିଛି। ଆଜିର ସଭାରେ ବହୁ ସଂଖ୍ୟାରେ ଲୋକଙ୍କ ଉପସ୍ଥିତି ଦେଖି ସେ ସ୍ମୃତିରେଖା ପହି ହାରିକି ବି ଜିତି ଯାଇଛନ୍ତି ବୋଲି କହିଥିଲେ। କବୟିତ୍ରୀ ରୋଜାଲିନ ଜେନା ବାଜପେୟୀଙ୍କର କବିତା ପାଠ କରିଥିଲେ। ଜାରକା ଷ୍ଟାଡିୟମରେ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଅନୁପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୌତମ ରାୟ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ବହୁ ଆଗଧାଡ଼ିର ବିଜେପି ନେତା ଉପସ୍ଥିତ ଥିଲେ। ସେ ଚଳିତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବାରୁ ବାଜପେୟୀଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମକୁ ସେ ଆସିନଥିବା ପ୍ରଚାର ହେଉଛି।

## ଚଉଦସାହି ତୈଳିକ ବୈଶ୍ୟ ସଂଘର ବାର୍ଷିକ ଉତ୍ସବ



**ବ୍ରହ୍ମବରଦା, ୨୫।୧୨(ସମିସ):** କୁବେର ସମାଜର ଉନ୍ନତି ପାଇଁ ସମସ୍ତେ ଆଗଭର ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ଯାଜପୁର ଜିଲ୍ଲା ବ୍ରହ୍ମବରଦା ସାହାପଡ଼ାସ୍ଥିତ ଚଉଦସାହି ଭବନ ପରିସରରେ ଚଉଦସାହି ତୈଳିକ ବୈଶ୍ୟ ସଂଘରବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡ. ଅନନ୍ତ ଚରଣ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହି ଜାତିର ଐତିହ୍ୟ ଓ ଗୌରବ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ରାଜନ କୁମାର ସାହୁ, ଶିଳ୍ପପତି କାଳନ୍ଦି ସାହୁ, ଶିକ୍ଷାବିତ୍ ପଦ୍ମନାଭ ସାହୁ ଓ ହୃଷିକେଶ ସାହୁ ପ୍ରମୁଖ ଯୋଗ ଦେଇ କୁବେର ଜାତିର ଉନ୍ନତି ନିମନ୍ତେ ସମସ୍ତେ ଆଗଭର ହେବା ପାଇଁ ସୂଚନା ଦେବା ସହିତ ପୁରୀ ଧର୍ମଶାଳାର ପୁନରୁଦ୍ଧାର ନିମନ୍ତେ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ଏହି ପରିପ୍ରେକ୍ଷୀରେ ସଂଘର ମୁଖପତ୍ର 'ମହକ' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପଦ୍ମନାଭ ସାହୁଙ୍କ ଦ୍ୱାରା ଲିଖିତ 'ମୋ ଘର, ମୋ ସଂସାର' ଏହି ଉତ୍ସବରେ ମଧ୍ୟ ଉନ୍ମୋଚିତ କରାଯାଇଥିଲା। ସମାଜର ସବୁ କ୍ଷେତ୍ରରେ ତୈଳିକ ସମାଜର ଆହ୍ୱାନ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ନରେନ୍ଦ୍ର କୁମାର ଖୁଣ୍ଟିଆ, ଡାକ୍ତର ପ୍ରିୟଜିତ ସାହୁ, ଶ୍ରଦ୍ଧାଞ୍ଜଳି ସାହୁ, ମଧୁସୂଦନ ସାହୁ, ଶରତ ଚନ୍ଦ୍ରସାହୁ, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବିଶ୍ୱନାଥ ସାହୁ, ଡାକ୍ତର ଧର୍ମେନ୍ଦ୍ର ସାହୁ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସଂଘର ସମ୍ପାଦକ ପଦ୍ମନାଭ ସାହୁ ବିବରଣୀ ପାଠ କରିଥିବା ବେଳେ ସୁଧାଂଶୁ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଦାନଗଦି, ୨୫।୧୨(ସମିସ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳ କୁସୁନପୁର ସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ଼ ଦେବେନ୍ଦ୍ର କୁମାର ଦାସ (ୟୁନିଭର୍ସିଟି ଅଫ୍ ଆଲାସ୍କା, ୟୁଏସଏ) ନାସା ବୈଜ୍ଞାନିକ, ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ ପଦ୍ମଲତା ଭାଜେ ( ସିଇଓ ଅଫ୍ ଟଟମୋର, ୟୁଏସଏ), ସମ୍ମାନିତ ଅତିଥି ଭାବେ ରୋହିତ ଟେକରିୱାଲ (ଉପ ସଭାପତି ୟୁଲୋ, ସିଙ୍ଗାପୁର) ଏବଂ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲର ଟ୍ରଷ୍ଟି ଡ଼ ପ୍ରସନ୍ନ କୁମାର ସାହୁ ଯୋଗ ଦେବା ସହ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଉପପ୍ରଧାନାଚାର୍ଯ୍ୟ ଆର ଏନ ରୟତ ସିଂ, ଏକାଡେମୀକ କୋର୍ଡିନେଟର ସୋନିଆ ବେଦୀ, ସିସିଏ ପରିଚାଳକ ବଲବିର୍ ସିଂ ଓ କଲେଜ ଏକାଡେମୀକ କୋର୍ଡିନେଟରଚକ୍ରଧର ପାଣି ଦୀପ ପ୍ରଜ୍ଜ୍ୱଳିତ କରିବା ସହ କାର୍ଯ୍ୟକ୍ରମ ଉଦଘାଟିତ କରିଥିଲେ। ଏକାଡେମୀକ କୋର୍ଡିନେଟର ସୋନିଆ ବେଦୀ ବିଦ୍ୟାଳୟ ସମ୍ବନ୍ଧରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବାର୍ଷିକ ଉତ୍ସବର ମହତ୍ତ୍ୱ ଓ ନୃତ୍ୟ ଗୀତ ପିଲାଙ୍କ ପାଇଁ କେତେ ଜରୁରୀ ବୋଲି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଦିବସରେ ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ନୃତ୍ୟ ଗୀତରେ ଅଂଶଗ୍ରହଣ କରିଥିଲେ। ସ୍କାଉଟ ମାଷ୍ଟର ଶ୍ରୀମନ୍ତ କୁମାର ରାୟ, ଏନ୍‌ସିସି ମାଷ୍ଟର ସୁକାନ୍ତ କୁମାର ପାତ୍ରଙ୍କ ଦ୍ୱାରା ପିଲାମାନଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ମ୍ୟୁଜିକ ଶିକ୍ଷକ ତଥା ସଙ୍ଗୀତ ନିର୍ଦ୍ଦେଶକ ଭାବେ ସାରା ଓଡ଼ିଶାରେ ପରିଚିତ ସପନ ବାନାର୍ଜୀଙ୍କ ସହ କୁନିକୁନି ପିଲା ମାନେ ସ୍ୱାଗତ ଗୀତ ପରିବେଷଣ କରିଥିଲେ। ପ୍ରଥମ ଦିନରେ ଅଧ୍ୟାପିକା ଜାଗୃତି ଚାଟାର୍ଜୀ, ସାଗରିକା ଗୁରୁ ଓ ଦ୍ୱିତୀୟ ଦିନରେ ସୁଭଦ୍ରା ମହାନ୍ତି ଆଙ୍କର୍ଂ ଦାୟିତ୍ୱ ନିଭାଇଥିଲେ। ବଲବିର ସିଂ, ସତ୍ୟ ନାରାୟଣ ପଣ୍ଡା, ବିଶ୍ୱରଞ୍ଜନ ଦ୍ୱିବେଦୀ, ଶୁଭାଶିଷ ପତି, ଦୀପକ ରଞ୍ଜନ ପାଣିଗ୍ରାହୀ, ସହଦେବ ପଣ୍ଡା, ମଦନ ମୋହନ ମଲ୍ଲିକ, ସୁମନ ଧୀର, ମୁନା ସମଦ, ପୁଷ୍ପା ଶ୍ରୀରାମ, ବିଦ୍ୟାଧର ପରିଡ଼ା, ବିଶ୍ୱଜିତ୍ ପଣ୍ଡା, ଅନାମିକା ଜଗଦୀଶ, ସୁସ୍ମିତା ଚକ୍ରବର୍ତ୍ତୀଙ୍କ ଦ୍ୱାରା ମଞ୍ଚ ପରିଚାଳନା କାର୍ଯ୍ୟ ସମ୍ପାଦନ ହୋଇଥିଲା। ନୃତ୍ୟ ଶିକ୍ଷିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, କିରଣ ମ୍ୟାଡମ୍, ନୃତ୍ୟ ଗୁରୁ ଭୋଳା ସାର୍, ୱାଜିଦ୍ ସାର୍ ନୃତ୍ୟର ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କର ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ୧୭ତମ ସୁକିନ୍ଦା ପ୍ରିମିୟର ଲିଗ୍

## ସୁକିନ୍ଦା ପୁଲିସକୁ ହରାଇ ଗୋଲ୍‌ଡେନ୍ ଏରା ବିଜୟୀ

**ସୁକିନ୍ଦା, ୨୫।୧୨(ସମିସ):** ୧୭ତମ ବାର୍ଷିକ ସୁକିନ୍ଦା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଟର ଆଜି ଅନୁଷ୍ଠିତ ଏକ ପ୍ରଦର୍ଶନୀ ମ୍ୟାଚରେ ଟସ୍ ଜିତି ସୁକିନ୍ଦାର ବହୁ ପ୍ରତିଷ୍ଠିତ ପୁରାତନ ଖେଳାଳିଙ୍କୁ ନେଇ ଗଠିତ ଗୋଲ୍ଡେନ ଏରା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୩ ୱିକେଟ ହରାଇ ୧୩୮ ରନ୍ ସଂଗ୍ରହ



କରିଥିଲା। ଦଳ ପକ୍ଷରୁ ଅନ୍ତର୍ଯ୍ୟାମୀ ଦ୍ୱିବେଦୀ ସର୍ବାଧିକ ୩୮ ରନ୍ ଓ ଗ୍ୟାସୁଦ୍ଦିନ୍ ଖାଁ ୩୨ରନ ସଂଗ୍ରହ କରିଥିଲେ। ସୁକିନ୍ଦା ପୁଲିସ ପକ୍ଷରୁ ମନୋଜ ପୂର୍ତ୍ତୀ ୩ ଓଭର ବୋଲିଂ କରି ୩ଟି ଉଇକେଟ ନେଇଥିବା ବେଳେ ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠୀ ୩ ଓଭର ବୋଲିଂ କରି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ୧୩୮ ରନ୍‌ର ବିଶାଳ ସ୍କୋର ପିଛା କରି ସୁକିନ୍ଦା ପୁଲିସ ନିର୍ଦ୍ଧାରିତ ଓଭରରେ ୬ ଗୋଟି ଉଇକେଟ ହରାଇ ମୋଟ ୧୦୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆଇଆଇସି ଶ୍ରୀ ସେଠୀ ସର୍ବାଧିକ ୪୪ ରନ ସଂଗ୍ରହ ସଂଗ୍ରହ କରିଥିଲେ। ଫଳରେ ଏହି ପ୍ରଦର୍ଶନୀ ମ୍ୟାଚରେ ଗୋଲ୍‌ଡେନ୍ ଏରା ୩୦ ରନ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚକୁ ଦେବାଶିଷ ମହାପାତ୍ର ଓ ପିନାକୀ ପଟ୍ଟନାୟକ ପରିଚାଳନା କରିଥିଲେ।

## ସାବତ ମା'କୁ ଦୁଷ୍କର୍ମ ଅଭିଯୋଗ

**କୋରେଇ ୨୫।୧୨(ସମିସ):** କୋରାଇ ଥାନା ଅନ୍ତର୍ଗତ ହଳଦୀଗଡ଼ିଆ ପଞ୍ଚାୟତ ଶିଶୁଆ ଗ୍ରାମରେ ମଙ୍ଗଳବାର ରାତିରେ ସାବତ ମା'କୁ ପୁଅ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ସାବତ ମା' ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଆଇଆଇସି ସଞ୍ଜୟ ପରିଡ଼ାଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ବାସୁଦେବ ପରିଡ଼ା ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତକୁ ଥାନାରେ ଅଟକ ରଖାଯାଇଛି। ଉଭୟଙ୍କ ଡାକ୍ତରୀ ମଇନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ଅଦିନିଆ ଲଗାଣ ବର୍ଷା, ଚିନ୍ତାରେ ଚାଷୀ

**ବିଞ୍ଝାରପୁର, ୨୫।୧୨ (ସସିସ):** ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା ଯୋଗୁଁ ଚାଷ ଜମିରେ ପଡ଼ି ଗଜା ହେବାକୁ ବସିଲାଣି ପାଚିଲା ଧାନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଅନେକ ଚାଷ ଜମିରେ ଧାନ



କାଟି ଜମିରେ ପକାଇ ରଖିଥିଲେ ଚାଷୀ। ଆଉ ଏତିକି ବେଳେ ବର୍ଷା ହେବାରୁ ଜମିରେ ପାଣି ଜମି ରହିଛି। ଧାନ ଗୁଡିକ ପାଣିରେ ପଡ଼ି ପଡ଼ି ଗଜା ହେବାକୁ ବସିଛି। ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଚିଲା ଧାନ ବିଲରେ ଭାସୁଛି। ଖାଲୁଆ ଚାଷ ଜମିରେ ଧାନ କାଟିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପାଚିଲା ଧାନ କାଟି ଚାଷୀ ଘରକୁ ନେବା ସମୟରେ ପ୍ରତିବନ୍ଧକ ସାଜିଛି ଅଦିନିଆ ଲଗାଣ ବର୍ଷା। ବିଲ ବାରିରେ କଟା ହୋଇଥିବା ଧାନ କଚଡା ବର୍ଷାରେ ଭିଜୁଥିବା ବେଳେ ଖଳାକୁ ଆସିଥିବା ଧାନକୁ ଯେନତେନ ପ୍ରକାରେ ବର୍ଷା ଦାଉରୁ ଘୋଡାଇ ରଖିବା ପାଇଁ ଚାଷୀ ଉଦ୍ୟମ କରୁଛି। ବିଲରେ ଧିରେ ଧିରେ ପାଣି ଜମୁଥିବାବେଳେ ପାଚି ଯାଇଥିବା ଧାନ ଫସଲ ବର୍ଷା ପାଣିରେ ଓଜନ ହୋଇ ତଳେ ଶୋଇପଡ଼ିବା ଆରମ୍ଭ କଲାଣି। ଲହୁଲୁହ ଢାଳି କରଜ କରି ଫଳେଇ ଥିବା ଧାନ ଫସଲ ଘରକୁ ଆସିବ କି ନାହିଁ ଏହି ଚିନ୍ତାରେ ଚାଷି ମନରେ ଘାରି ହେଉଛି। ଅମଳ ଧାନକୁ ଆଣି ବର୍ଷକ ଆହାର ସହ କରଜ ଶୁଝିବା ଆଶାରେ ଥିବା ଚାଷୀ ଦୂରରୁ ବିଲକୁ ଅନାଇ ବ୍ୟତି ବ୍ୟସ୍ତ ହୋଇ ପଡୁଛି। ଦୁଇଦିନ ଧରି ଅଦିନିଆ ବର୍ଷା ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେବା ସହିତ ବିଲରୁ ଧାନ ଖଳାକୁ ଆଣିବାକୁ ତତ୍ପର ହୋଇ ପଡ଼ିଛି। ପାଚିଲା ଧାନକୁ ଅମଳ କରିବା ସମୟରେ ବର୍ଷା ହେବା କାରଣରୁ ଫସଲ ଉଜୁଡି ଯିବାର ଆଶଙ୍କା ଦେଖା ଦେଇଛି। ଚାଷୀମାନେ ବିଲରୁ ଅମଳ କରିଥିବା ଧାନ ଖଳାରେ ସାଇତି ରଖି ଥିଲେ ସୁଦ୍ଧା ଧାନ ଗଦାରେ ପାଣି, ଧାନ ନଷ୍ଟ ହେବାର ମଧ୍ୟ ସମ୍ଭାବନା ରହିଛି। ଏହି ପରିସ୍ଥିତିରେ ଚାଷୀ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଯିବ ବୋଲି ଚାଷୀକୂଳ

## ପୁସ୍ତକ ଉନ୍ମୋଚନ ଉତ୍ସବ

**ବିଞ୍ଝାରପୁର, ୨୫ ।୧୨ ( ସମିସ ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ଉଲିମଠ ସ୍ଥିତ ତୈଳିକ ସଙ୍ଘ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶିକ୍ଷାବିତ୍ ପଞ୍ଚାନନ ସାହୁଙ୍କ ଓଡ଼ିଆ-ଇଂରାଜୀ-ହିନ୍ଦୀ ତ୍ରିଭାଷୀ ବ୍ୟାକରଣ ପୁସ୍ତକ ପ୍ରକାଶନର ପ୍ରଥମ ସଂସ୍କରଣ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସମାଜସେବୀ ରାଜେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବପ୍ରସାଦ ସାମଲ, ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ ଡ.ଚତୁର୍ଭୁଜ ସାହୁ, ଶିକ୍ଷାବିତ୍ ଶ୍ରୀଯୁକ୍ତ ସୁଧୀର ଆଚାର୍ଯ୍ୟ, କବି ରମାକାନ୍ତ ନାୟକ, କବି ଶ୍ରୀଯୁକ୍ତ ନିରଞ୍ଜନ ପାତ୍ର, ସମାଜ ସେବୀ କୁଶ ଚନ୍ଦ୍ର ସାହୁ, ସାହିତ୍ୟ ପ୍ରେମୀ ଗୋକୁଳାନନ୍ଦ ସାହୁ, ଶ୍ରୀମନ୍ତ ସାହୁ, କୁଶ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ସାହୁ, ରତ୍ନାକର ସାହୁ, ମନୋଜ ସାହୁ, ମାୟାଧର ସାହୁ, ଶଙ୍କର୍ଷଣ ମିଶ୍ର ପ୍ରମୁଖ ବହୁ ସାହିତ୍ୟପ୍ରେମୀ, ସମାଜ ସେବୀ ବୁଦ୍ଧିଜୀବୀ ସଭାରେ ଯୋଗଦେଇ ଥିଲେ। ପ୍ରକାଶିତ ବ୍ୟାକରଣ ପୁସ୍ତକଟିକୁ ଶିକ୍ଷାବିତ ସଚ୍ଚିଦାନନ୍ଦଗୁରୁ ପ୍ରାଞ୍ଜଳଭାବେ ସମୀକ୍ଷା କରି ସଭାରେ ଉପସ୍ଥିତ ଅଭିଭାବକ ତଥା ଶିକ୍ଷାବିତଙ୍କୁ ପୁସ୍ତକଟିର ମହତ୍ୱବିଷୟରେ ଆଲୋକପାତ କରିଥିଲେ। ଶେଷରେ ପଞ୍ଚାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ୩ୟ ସନ୍ଧ୍ୟା

## ପୁସ୍ତକ ମଣିଷକୁ ଅନ୍ଧକାରରୁ ଆଲୋକକୁ ନେଇଯାଏ: ଭବ ପ୍ରସାଦ



**ଯାଜପୁର, ୨୫।୧୨(ସମିସ):** ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ୩ୟ ସନ୍ଧ୍ୟା ଆନୁଷ୍ଠାନିକ ଭାବରେ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଯାଜପୁର ଜିଲ୍ଲା ପ୍ରଶାସନ ଓ ଅନନ୍ୟା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ପୁସ୍ତକ ମହୋତ୍ସବକୁ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ସଂଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବାସ ମହାପାତ୍ର ମଞ୍ଚାସୀନ ଅତିଥି ମାନଙ୍କ ସ୍ୱାଗତ କରିଥିବା ବେଳେ ଉପସଭାପତି ବିଭୂତିଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ମହୋତ୍ସବ ସମ୍ପାଦକ ଡ.କାହ୍ନୁ ଚରଣ ମିଶ୍ର ପୁସ୍ତକ ମହୋତ୍ସବର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଏହି ଚଉଦ ବର୍ଷର ଟିକିନିଖି ତଥ୍ୟ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଶ୍ରୀ ଦାସ ଯୋଗଦେଇ ପୁସ୍ତକ ମଣିଷକୁ ଅନ୍ଧକାରରୁ ଆଲୋକକୁ ନେଇଯାଏ। ଜୀବନର ସବୁଠାରୁ ବିଶ୍ୱସ୍ତ ଓ ଅନ୍ତରଙ୍ଗ ବନ୍ଧୁ ପୁସ୍ତକ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଯାଜପୁର ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ସମରେନ୍ଦ୍ର ଦାସ ଯୋଗଦେଇ ପୁସ୍ତକ ମାଧ୍ୟମରେ ଏହି ସମଗ୍ର ବିଶ୍ୱକୁ ଜାଣିବାର ସୁଯୋଗ ମିଳିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ବାର କାଉନ୍‌ସିଲର ଉପାଧ୍ୟକ୍ଷ ରାଜୀବ ମହାନ୍ତି ଯୋଗଦେଇ ପୃଥିବୀରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ସଚେତନ ବ୍ୟକ୍ତି ପୁସ୍ତକର ବର୍ଣ୍ଣମାଳା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯଥା ପ୍ରାବନ୍ଧିକ ବୈଜ୍ଞାନିକ କବି, ସାରସ୍ୱତ ସାଧକ ମାନଙ୍କର ପୁସ୍ତକ ପଢ଼ି ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ସହିତ ନିଜର ଅସ୍ତିତ୍ୱ ପରିପ୍ରକାଶ କରିବାର ସୁଯୋଗ ଲାଭ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବରେ ଅବସରପ୍ରାପ୍ତ ଶିକ୍ଷାବିତ ରବି ଶତପଥୀ, କବୟିତ୍ରୀ ନିର୍ମଳା ବାଳା ମିଶ୍ର, ଶିକ୍ଷାବିତ ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାକୁ ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, କୋଷାଧ୍ୟକ୍ଷ ସୁବାସ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି, ଡ ଅକ୍ଷୟ କୁମାର ପଣ୍ଡା, ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ନୃତ୍ୟ ଶିଳ୍ପୀ ସ୍ମୃତିଲଗ୍ନା ସାମଲ ସ୍ୱାଗତ ନୃତ୍ୟ ପରିବେଷଣ କରି ଉପସ୍ଥିତ ସମସ୍ତ ଦର୍ଶକ ମାନଙ୍କର ହୃଦୟକୁ ଆକର୍ଷିତ କରିଥିଲେ। ଆହ୍ୱାନର କଳାକାର ବୃନ୍ଦ ବିଶ୍ୱଜିତ ସାହୁଙ୍କ ନେତୃତ୍ୱରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ମଳୟ କୁମାର ଜେନା, ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ବଳରାମ ମହାନ୍ତି, ଅଧ୍ୟକ୍ଷ ଅନିଲ କୁମାର ମହାନ୍ତି, ଅଧ୍ୟାପକ ଡ. ସୁଧାଂଶୁ ଶେଖର ରଥ, ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ, ଅଧ୍ୟାପକ ଗିରିଶ ବିହାରୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଭୁବନେଶ୍ୱରର ଡ. ପ୍ରମୋଦ କୁମାର ପତି ଏବଂ ସାଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସୁବାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

**କୁଆଖିଆ ୨୫ ।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ସ୍ଥିତ ଶ୍ରୀରାମ ମଣ୍ଡପରେ ଭାରତ ରତ୍ନ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ହୋଇଯାଇଛି। ଏଥିରେ ବାରବାଟୀ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ଚୈତନ୍ୟ ନାୟକ ସଭାପତିତ୍ୱ କରିଥିଲେ। ଜୟନ୍ତୀରେ ବରିଷ୍ଠ ବିଜେପି ନେତା ପବିତ୍ର ମୋହନ ଦାଶ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ସୁଧୀର ଚନ୍ଦ୍ର ନାୟକ, ଶିକ୍ଷାବିତ୍ ସୁବାଷ ନାୟକ, କୃଷକ ନେତା ଭାଗିରଥି ଜେନା ପ୍ରମୁଖ ଯୋଗ ଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ଯୁବନେତା ବିବେକ ଗନ୍ତାୟତ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବନେତା ରବୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଟଳ ବିଚାର ମଞ୍ଚର ସଦସ୍ୟ ଅମୂଲ୍ୟ ନାୟକ, ଲକ୍ଷ୍ମୀଧର ରାଉତ, ଦେବୀପ୍ରସାଦ ସାମଲ, ବିଶ୍ୱଜିତ ନାୟକ, ଅରବିନ୍ଦ ରାଉତ, ନିରଞ୍ଜନ ଖିଲାର, ସଂଗ୍ରାମ ବାରିକ, ନିରଞ୍ଜନ ପାଣି, ଉଦୟଭାନୁ ବେହେରା, ବିରାଜ ଦାଶ, ପ୍ରଶାନ୍ତ ସ୍ୱାଇଁ, ଅଶୋକ ନାୟକ, ରୁଦ୍ର ପ୍ରସାଦ ବେହେରା ଓ ଶରତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## କୋରେଇ ମହୋତ୍ସବ ଉଦ୍‌ଯାପିତ | ଓଡ଼ିଆ ଭାଷା ସାହିତ୍ୟ ଅସ୍ମିତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ

କୋରେଇ ୨୫ ।୧୨(ସମିସ)



ଯେଉଁ ଅଞ୍ଚଳର ଭାଷା ସାହିତ୍ୟ ଉନ୍ନତ; ସେ ଅଞ୍ଚଳବାସୀ ସଭ୍ୟ ଓ ଶିକ୍ଷିତ ହୋଇଥାନ୍ତି ବୋଲି କୋରାଇ ମଣ୍ଡଳ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ୪୨ତମ କୋରାଇ ମହୋତ୍ସବ-୨୦୨୪'ର ଉଦ୍‌ଯାପନୀ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଉଦ୍‌ଯାପନୀ ଅଧିବେଶନ ତଥା କବି 'ଅଭିମନ୍ୟୁ ସାମନ୍ତସିଂହାର ମଞ୍ଚ'ର ସମାବର୍ତ୍ତନ ଉତ୍ସବ ସଂସଦର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍ ଘାଟକ ଭାବେ ପ୍ରାକ୍ତନ ରାଜ୍ୟସଭା ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଉଦଘାଟନ କରି ସେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା କ୍ଷେତ୍ରରେ କରିଥିବା ପ୍ରୟାସ ଓ କୋରାଇ ଅଞ୍ଚଳର ଶିକ୍ଷା ବିକାଶରେ ତାଙ୍କ ସହଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥିଭାବେ ଭାବେ ବରିଷ୍ଠ ଗୀତିକବି ଡକ୍ଟର ଅଲେଖଚନ୍ଦ୍ର ପଢ଼ିହାରୀ ଯୋଗଦେଇ ଓଡ଼ିଶାର ମାତୃଭାଷା ଓଡ଼ିଆ; ତେଣୁ ଆମ 'ଓଡ଼ିଆ ଭାଷା ସାହିତ୍ୟ ଅସ୍ମିତା ସହ ଅଙ୍ଗାଙ୍ଗୀ ଭାବେ ଜଡିତ' ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଭାଷା ଓ ସଂସ୍କୃତିବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ କବି ରକ୍ଷକ ନାୟକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଅଗ୍ରଗତି କରାଇବାରେ ଆମ ସମସ୍ତଙ୍କର ଦାୟିତ୍ୱ ରହିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବସାହିତ୍ୟକ ଡକ୍ଟର ଚନ୍ଦ୍ରଶେଖର ହୋତା ସାହିତ୍ୟ ରଚନା ଲାଗି ଯୁବପିଢୀଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ବାର୍ଷିକ ବିବରଣୀ ପ୍ରଦାନ କରିଥିଲା ବେଳେ କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ ଅତିଥି ପରିଚୟ ଓ ସାଂସ୍କୃତିକ ସମ୍ପାଦକ ବାଇଧର ମାଝୀ ସ୍ୱା।ଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଓ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ କୋରାଇ ମହୋତ୍ସବ ସମ୍ମାନ ବରିଷ୍ଠ ରାଜନେତା ତଥା ସାରସ୍ୱତ ସାଧକ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଥିଲା ବେଳେ ସଂସଦର ମର୍ଯ୍ୟାଦା ଜନକ କସ୍ତୁରୀ ପୁରସ୍କାର ଶିଶୁସାହିତ୍ୟିକ ଡକ୍ଟର ସୁନାମଣି ରାଉତ ଓ ସ୍ୱର୍ଗତ କାହ୍ନୁଚରଣ ଖୁଣ୍ଟିଆ ସ୍ମୃତି ପୁରସ୍କାର ବରିଷ୍ଠ ନାଟ୍ୟକାରିଣୀ ପ୍ରାଧାପିକା ବିନ୍ଦୁରେଖା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଗଦାଧର ସ୍ୱାଇଁ ଶିକ୍ଷକ ଗୌରବ ପୁରସ୍କାର ନିର୍ମଳଚନ୍ଦ୍ର ରାଉତ, ସଚ୍ଚିଦେବୀ-ଇନ୍ଦୁମତୀ ଲେଖିକା ପୁରସ୍କାର ମାଙ୍ଗଳିକା ଦାସ, ଶ୍ୟାମସୁନ୍ଦର ମହାନ୍ତି ସ୍ମୃତି ପୁରସ୍କାର ଡା. ଉପେନ୍ଦ୍ର ପ୍ରସାଦ ନାୟକ, ଗଦାଧର ସାହୁ ସ୍ମୃତି ପୁରସ୍କାର ପାଲା ଗାୟକ ରଜନିକାନ୍ତ ପୃଷ୍ଟି, ଦଶରଥ ବିଶ୍ୱାଳ ସ୍ମୃତି ପୁରସ୍କାର କୃତି ଛାତ୍ର ଆଶୁତୋଷ ଦାସ, ସଂସଦ ସମ୍ମାନ ବୃନ୍ଦାବନ ସାହୁ, 'ସ୍ୱତନ୍ତ୍ର ସାମ୍ବାଦିକ ସମ୍ମାନ' ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, "ଅଚ୍ୟୁତାନନ୍ଦ ପତିଗଳ୍ପ ସମ୍ମାନ ଚିତରଞ୍ଜନ ଚିରଞ୍ଜିତ, କୈଳାସ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ନାରାୟଣ ମହାଳିକ, ରମେଶଚନ୍ଦ୍ର ମହାନ୍ତି ସାରସ୍?ତ ସମ୍ମାନ କବି ପ୍ରହଲ୍ଲାଦ ପଣ୍ଡା ପ୍ରମୁଖଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହିତ ଶିଶୁସାହିତ୍ୟ ଇ-ପତ୍ରିକା 'ମହକ ଭରା କୋରେଇ ଫୁଲ'ର 'ଦୌପଦୀ-ପ୍ରାଣକୃଷ୍ଣ ସ୍ମୃତି ସମ୍ମାନ' ଶିଶୁସାହିତ୍ୟିକ ପ୍ରଶାନ୍ତ କୁମାର ଦାଶଙ୍କୁ ପ୍ରଦାନ କରାଯାଇଥିଲା ବେଳେ ବୋଲେହୁଁଟି ପତ୍ରିକାର 'ପ୍ରତିଭା ସମ୍ମାନ' ସୁଜାତା ଗିରି ଏବଂ ଆଜ୍ଞାନମସ୍କାର ପତ୍ରିକାର ବ୍ୟଙ୍ଗମୁଣି ସମ୍ମାନ ଅନନ୍ତ ଜେନା, ଯୁବଚଳଚିତ୍ର ନିର୍ଦ୍ଦେଶକ ପ୍ରଣବ କୁମାର ଆଏଚଙ୍କୁ ସ୍ୱତନ୍ତ୍ର ସମ୍ମାନ ସ୍ୱରୂପ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅକ୍ଷୟକୁମାର ବାରିକଙ୍କ କବିତା ସଙ୍କଳନ 'ଲାଜକଥା', ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତିଙ୍କ 'ଫେରିବାର ବେଳ' ସମେତ ୪ଟି ପୁସ୍ତକ ଲୋର୍ସର୍ପିତ ହୋଇଥିଲା। ଶେଷରେ ସହସମ୍ପାଦକ ଅଧ୍ୟାପକ ମଳୟକୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ପ୍ରଥମ ଅଧିବେଶନ କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ଉପସଭାପତି ବିନୋଦ ବିହାରୀ ସାହୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁରରୋଡ ଷ୍ଟେଟ ବ୍ୟାଙ୍କର ମୁଖ୍ୟଶାଖା ପ୍ରବନ୍ଧକ ଜ୍ୟୋତିରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ବରିଷ୍ଠ"କବି ଅଶୋକ କୁମାର ସିଂହ ଓ କୋରାଇ ପ୍ରେସ କ୍ଲବର ସଭାପତି ସୁବାସ ଚନ୍ଦ୍ର ଧଳ ଯୋଗଦେଇଥିଲେ। ସହସମ୍ପାଦକ ଅଶୋକ କୁମାର ପତି ଓ ସଂଗଠନ 'ସମ୍ପାଦକ ପ୍ରଦୀପ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ନନ୍ଦ ମହାନ୍ତି, ଭୁବନମୋହନ ମହାନ୍ତି, ନବଘନ ସ୍?ାଇଁ, ଯୋଗେନ୍ଦ୍ରନାଥ ସାହୁ, ପ୍ରଭାତ ମଲ୍ଲିକ, ଜିତେନ୍ଦ୍ର ବେହେରା, ଜୟନ୍ତୀ ଜେନା, ପ୍ରଭାତ ସିହ୍ନା, ଅମ୍ବରିଶ ଖୁଣ୍ଟିଆ, ଅପର୍ଣ୍ଣା ମିଶ୍ର, 'ସରସ୍ୱତୀ ପଣ୍ଡା, ନିରଞ୍ଜନ ନାୟକ, ନୀଳମଣି ଓଝା ପ୍ରମୁଖ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସହସମ୍ପାଦକ ଅକ୍ଷୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

### ୬ ଜଣଙ୍କୁ ବିବାହ କରି ଟଙ୍କା ସୁନା ଧରି ହୋଇଥିଲେ ଫେରାର

# ସପ୍ତମ ବିବାହରେ ଧରାପଡ଼ିଲେ 'ଲୁଟେରୀ ଦୁହ୍ଲନ'



ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ବାନ୍ଦାରୁ ଚାଞ୍ଚଲ୍ୟ ଖେଳି ଯାଇଛି। ସପ୍ତମ ଥର ବିବାହ କରୁଥିବା ବେଳେ 'ଲୁଟେରୀ ଦୁହ୍ଲନ' ପୁନମ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ପୂର୍ବରୁ ସେ ୬ ଜଣଙ୍କୁ ବିବାହ କରି ସାରିଥିଲା। ଆଉ ବିବାହ ପରେ ସୁଯୋଗ ଦେଖି ବର ଘରୁ ଟଙ୍କା, ସୁନା ଧରି ଚମ୍ପଟ ମାରୁଥିଲା। ପୁଣି ନୂଆ 'ବଳି' ଖୋଜୁଥିଲା। ଏହି ଲୁଟ୍ ପାଇଁ ଏକ ର୍ୟାକେଟ ଚାଲିଥିଲା। ବିବାହ କରି ନ ଥିବା ଯୁବକଙ୍କୁ ଫସାଇବା ପାଇଁ ପୁନମକୁ ସଞ୍ଜନା ଗୁପ୍ତା, ବିମଳେଶ ବର୍ମା ଓ ଧର୍ମେନ୍ଦ୍ର ପ୍ରଜାପତି ସହଯୋଗ କରୁଥିଲେ। ବିମଳେଶ ଏବଂ ଧର୍ମେନ୍ଦ୍ର ଅବିବାହିତ ଯୁବକଙ୍କୁ ଚିହ୍ନଟ ଟଙ୍କା ଦେଲେ ବିବାହ କରିଦେବେ ବୋଲି କହୁଥିଲେ। କୋର୍ଟରେ ବିବାହ ପରେ ପୁନମ ବର ଘରକୁ ଯାଉଥିଲେ।

ଏହି ଗ୍ୟାଙ୍ଗ ସପ୍ତମ ଥର ପାଇଁ ଶଙ୍କର ଉପାଧ୍ୟାୟଙ୍କୁ ନିଜ ଜାଲରେ ଫସାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସେ ପୁଲିସ୍‌କୁ ସୂଚନା ଦେବାରୁ ସବୁ ଫସର ଫାଟି ଯାଇଥିଲା। ଅଭିଯୋଗକାରୀ ଶଙ୍କର କହିଛନ୍ତି ଯେ ଦେଢ଼ ଲକ୍ଷ ଟଙ୍କା ଦେଲେ ବାହାଘର ଠିକ୍ କରିଦେବେ ବୋଲି ବିମଳେଶ ତାଙ୍କୁ କହିଥିଲେ। ରାଜି ହେବା ପରେ ଗତ ଶନିବାର କୋର୍ଟକୁ ଡାକିଥିଲେ। ମାତ୍ର ଏଠାରେ ପୁନମଙ୍କ ମାଆ ଭୂମିକାରେ ଥିବା ସଞ୍ଜନାଙ୍କୁ ନେଇ ତାଙ୍କର ସନ୍ଦେହ ହୋଇଥିଲା। ଆଧାର କାର୍ଡ ମାଗିବାରୁ ସେମାନେ ଦେଇ ନ ଥିଲେ। ବିବାହ ନ କରିବାରୁ ହତ୍ୟା ଧମକ ଦେଇଥିଲେ। ତେଣୁ ସେ ପୁଲିସକୁ ସୂଚନା ଦେଇଥିଲେ।

### ଡବଲ୍ ଲାଭ ପାଇଁ ସ୍ୱାମୀଙ୍କ କାର୍ ଚୋରି

# ଫସିଗଲେ ମହିଳାଙ୍କ ସମେତ ଚୋର



ଲକ୍ଷ୍ନୌ, ୨୫।୧୨ (ଏଜେନ୍ସି): ଡବଲ୍ ଲାଭ ପାଇଁ ଅଭିନବ ଯୋଜନା କରିଥିଲେ। ସ୍ୱାମୀଙ୍କ କାର୍ ଚୋରି କରି ବିକ୍ରି କରିବାକୁ ଚାହୁଁଥିଲେ। ପରେ ବୀମା ଦାବି କରି କମ୍ପାନୀଠାରୁ ଟଙ୍କା ଆଣିବାକୁ ଲକ୍ଷ୍ୟ ରଖିଥିଲେ। ଏଥିପାଇଁ ୨ ବନ୍ଧୁଙ୍କୁ ଚୋର ସଜାଇ ଦେଇଥିଲେ। ଆଉ ଟଙ୍କାର ଲୋଭ ଦେଖାଇ ବଡ ଅଫର ଦେଇଥିଲେ। କାର୍ ଚୋରି ଟଙ୍କା ଭାଗବଣ୍ଟା ମଧ୍ୟ ଛିଣ୍ଡିଥିଲା। କିନ୍ତୁ ସବୁ ଯୋଜନା ଧୂଳିସାତ ହୋଇଗଲା। କାର୍ ଚୋରି ପରେ ସ୍ୱାମୀଙ୍କ ଏତଲାରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଉ ଦୁଇ ଚୋରଙ୍କୁ ଗିରଫ କରିବାରୁ ସେ ସବୁକଥା ଉଗାଳି ଦେଇଥିଲେ। ଏବେ ମାଷ୍ଟରମାଇଣ୍ଡ ମହିଳା ପବିତ୍ରା ଫେରାର ଅଛନ୍ତି। ଉତ୍ତରପ୍ରଦେଶ ଗାଜିଆବାଦର ନନ୍ଦଗ୍ରାମ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସ ସୂଚନା ଅନୁଯାୟୀ ମହିଳା ସ୍ୱାମୀଙ୍କ କାର୍ ଚୋରି ପାଇଁ ସାଙ୍ଗଙ୍କୁ ଡୁପ୍ଲିକେଟ ଚାବି ଦେଇଥିଲେ। ଏହା ମାଧ୍ୟମରେ ଗାଡ଼ି ଚୋରି କରି ନମ୍ବର ପ୍ଲେଟ ବଦଳାଇ ଦେଇଥିଲେ। ପରେ ଆଉ ଏକ ଚାବି ପ୍ରସ୍ତୁତ କରି ପୁରୁଣାକୁ ପବିତ୍ରାଙ୍କୁ ଫେରାଇ ଦେଇଥିଲେ। ଗତ ୬ ତାରିଖରେ ପବିତ୍ରାଙ୍କ ସ୍ୱାମୀ ନିତିନ କାର୍ ଚୋରି ନେଇ ଏତଲା ରୁଜୁ କରିଥିଲେ। ପୁଲିସ ତଦନ୍ତ କରି ସିସିଟିଭି ଆଧାରରେ ଗୌରବ ଶର୍ମା ଏବଂ ଆକାଶ ତ୍ୟାଗୀକୁ ଗିରଫ କରିଥିଲା। ପରେ ଉଭୟେ ପୁଲିସ ଆଗରେ ସତ ଓଗାରି ଦେଇଥିଲେ।

# ପୁଷ୍ପାରାଜଙ୍କୁ ତେଲଙ୍ଗାନା ବିଧାୟକଙ୍କ ଧମକ

ହାଇଦରାବାଦ, ୨୫।୧୨ (ଏଜେନ୍ସି): ହାଇଦରାବାଦର ସନ୍ଧ୍ୟା ଥିଏଟର ଦଳାଚକଟା ଘଟଣାରେ ମୃତ ମହିଳାଙ୍କ ପରିବାରକୁ ପୁଷ୍ପା-୨ ଟିମ୍ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ପୁଷ୍ପାରାଜ ଓରଫ ଅଲ୍ଲୁ ଅର୍ଜୁନଙ୍କ ବାପା ଏହି ସୂଚନା ଦେଇଛନ୍ତି। କେବଳ ଅଭିନେତା କୋଟିଏ ଟଙ୍କା ଏବଂ ନିର୍ଦ୍ଦେଶକ ସୁକୁମାର ଓ ମୈତ୍ରିୟ ପ୍ରଡକ୍ସନ ହାଉସ ପକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ତେଲଙ୍ଗାନା କଂଗ୍ରେସ ବିଧାୟକ ଭୁପତି ରେଡ୍ଡୀ ମଙ୍ଗଳବାର ଅଲ୍ଲୁଙ୍କୁ ଧମକ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ବିରୋଧରେ କୌଣସି ପ୍ରକାରର ସମାଲୋଚନାକୁ ବରଦାସ୍ତ କରାଯିବ ନାହିଁ। ଯଦି ମୁଖ୍ୟମନ୍ତ୍ରୀଙ୍କ ଉପରେ ମନ୍ତବ୍ୟ ଦେବେ ତେବେ ତାଙ୍କ ଚଳଚ୍ଚିତ୍ରକୁ ରାଜ୍ୟରେ ମୁକ୍ତିଲାଭ ହେବାକୁ ଦିଆଯିବ ନାହିଁ। ଆନ୍ଧ୍ରର ବାସିନ୍ଦା ଅଲ୍ଲୁ ଅର୍ଜୁନ କେବଳ କାମ ପାଇଁ ତେଲଙ୍ଗାନା ଆସୁଛନ୍ତି। ତାଙ୍କର ଏହି ଚଳଚ୍ଚିତ୍ର ସମାଜକୁ କୌଣସି ବାର୍ତ୍ତା ଦେଉନାହିଁ। ତେଲଙ୍ଗାନା ପ୍ରତି ତାଙ୍କର କୌଣସି ମଧ୍ୟ ଯୋଗଦାନ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ବିରୋଧରେ ଭାବିଚିନ୍ତି ମନ୍ତବ୍ୟ ଦିଅନ୍ତୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଅଲ୍ଲୁ ଏବଂ ରେଭନ୍ତଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ଆଶଙ୍କା କରାଯାଉଛି। ପୂର୍ବରୁ ବିଧାନସଭାରେ ବିବୃତ୍ତି ରଖି ଦଳାଚକଟା ପାଇଁ ମୁଖ୍ୟମନ୍ତ୍ରୀ ଅଭିନେତାଙ୍କୁ ଦୋଷ ଦେଇଥିଲେ। ଏହାର ଦିନକ ପରେ ଅଲ୍ଲୁ ସାମ୍ବାଦିକ ସମ୍ମିଳନୀ କରି କାହାର ନାମ ନ ନେଇ କିଛି ନେତା ତାଙ୍କ ଚରିତ୍ର ସଂହାର କରୁଥିବା କହିଥିଲେ। ତାଙ୍କ ସମ୍ମାନପ୍ରତି ଆଞ୍ଚ ଲଗାଯାଉଛି ବୋଲି ଅଭିଯୋଗ କରିଥିଲେ। ଏହା ପୂର୍ବରୁ ନିର୍ବାଚନରେ ପ୍ରଚାର କରିବା ପାଇଁ ମନା କରିଦେବାରୁ ଅଲ୍ଲୁ ଅର୍ଜୁନଙ୍କୁ କଂଗ୍ରେସ ନିଶାଣ କରୁଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିଲା।



**ମୃତ ମହିଳାଙ୍କ ପରିବାରକୁ ୨ କୋଟି ଦେଲା ପୁଷ୍ପା-୨ ଟିମ୍**

# ୭୮ କ୍ଷେପଣାସ୍ତ୍ର, ୧୦୬ ଡ୍ରୋନ୍ ମାଡ଼



## ୟୁକ୍ରେନ ଉପରେ ରୁଷର ବଡ଼ ଆକ୍ରମଣ

## ପୁଟିନ୍ ଜଣେ ଅମଣିଷ : ଜେଲେନସ୍କି

ଖାର୍କିଭ୍, ୨୫।୧୨(ଏଜେନ୍ସି): ଖ୍ରୀଷ୍ଟମାସ ବା ବଡ଼ଦିନରେ ୟୁକ୍ରେନ ଉପରେ ରୁଷିଆ କରିଛି ବଡ଼ଧରଣର ଆକ୍ରମଣ। ଏଥିରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରେ ୟୁକ୍ରେନର ବିଭିନ୍ନ ସହରକୁ ଟାର୍ଗେଟ କରାଯାଇଛି। ଋଷିଆର ଏହି ଆକ୍ରମଣରେ ୟୁକ୍ରେନର ଉତ୍ତର-ପୂର୍ବ ସହର ଖାର୍କିଭ ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ରୁଷିଆ ଜାଣିଶୁଣି ଆକ୍ରମଣ ପାଇଁ ଏହି ଦିନ ବାଛିଛି। ପୁଟିନ୍ ଜଣେ ମଣିଷ ନୁହଁନ୍ତି ବୋଲି ଭୋଲ୍‌ଡାମିର ଜେଲେନସ୍କି କହିଛନ୍ତି। ରୁଷିଆ ୟୁକ୍ରେନ୍ ଉପରେ ଆଜି ଏକାଥରକେ ୭୮ କ୍ଷେପଣାସ୍ତ୍ର ଏବଂ ୧୦୬ ଡ୍ରୋନ୍ ମାଡ଼ କରିଛି।

ରୁଷିଆ ପକ୍ଷରୁ ୟୁକ୍ରେନ୍‌ର ଅନେକ ସହର ଉପରେ ଆଜି ଏହି ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ତେବେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହିତ ରୁଷ ଏହି ଆକ୍ରମଣ କରିଛି। ଆକ୍ରମଣ ପାଇଁ ଋଷୀୟ ବୋମାବର୍ଷି ବିମାନ ଟିୟୁ-୯୫ ରାତିରେ ଉଡାଣ କରିଥିଲା। ୟୁକ୍ରେନ ବାୟୁସେନାର ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ୨୧ ଜଣ ଆହତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ୟୁକ୍ରେନ ଗଣମାଧ୍ୟମ ଅନୁଯାୟୀ, ସବୁଠାରୁ ବଡ ଆକ୍ରମଣ ଖାର୍କିଭ ସହର ଉପରେ କରାଯାଇଥିଲା। ଏହାବ୍ୟତୀତ ନିପ୍ରୋ, କ୍ରେମେଞ୍ଚୁକ୍, କ୍ରିଭି ରିହ ଏବଂ ଇଭାନୋ-ଫ୍ରାଙ୍କିଭସ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା। ରୁଷିଆ ଆକ୍ରମଣରେ ଶକ୍ତି ଭିତ୍ତିଭୂମି ସହିତ ଆବାସିକ କ୍ଷେତ୍ରଗୁଡ଼ିକୁ ଟାର୍ଗେଟ କରିଥିଲା। ରୁଷ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ କୃଷ୍ଣ ସାଗରରୁ ମାଡ଼ କରିଛି। ଖାର୍କିଭ ରାଜ୍ୟପାଳ କହିଛନ୍ତି ଯେ ରୁଷ ତାଙ୍କ ସହରରେ ଅତି କମରେ ୭ ଟି କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣ ପରେ ୟୁକ୍ରେନର ଅନେକ ସହରରେ ବିଦ୍ୟୁତ ଯୋଗାଣ ବନ୍ଦ ହୋଇଯାଇଛି। ୟୁକ୍ରେନ ରାଷ୍ଟ୍ରପତି ଏହାକୁ 'ଅମାନବୀୟ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ପୁଟିନ ଜଣେ ଅମଣିଷ। ସେମାନେ ଜାଣିଶୁଣି ଏହି ଆକ୍ରମଣ ପାଇଁ ଖ୍ରୀଷ୍ଟମାସ ଦିବସ ବାଛିଥିଲେ। ଏଥିସହିତ, ୟୁକ୍ରେନର ବୃହତ୍ତମ ଘରୋଇ ଶକ୍ତି କମ୍ପାନୀ ଡି-ଟେକ୍ କହିଛି ଯେ ୟୁକ୍ରେନ ଶକ୍ତି ବ୍ୟବସ୍ଥା ଉପରେ ଏହା ହେଉଛି ରୁଷର ୧୩ ତମ ଆକ୍ରମଣ।

ତେବେ ଆରମ୍ଭରେ ଜଣାପଡି ନ ଥିଲା ଯେ, ଋଷିଆ କେଉଁ ଆଡକୁ ୟୁକ୍ରେନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରୁଛି। ଆକ୍ରମଣ ଯୋଗୁ ଅନେକ ସ୍ଥାନରେ ନିଆଁ ଲାଗିଯାଇଛି ଓ ବ୍ୟାପକ ଭିତ୍ତିଭୂମି କ୍ଷୟକ୍ଷତି ହୋଇଛି। ଏହା ପୂର୍ବରୁ ଋଷିଆ ଡିସେମ୍ବର ୨୦ରେ ରାଜଧାନୀ କିଭ୍ ଉପରକୁ ୫ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଫଳରେ ଅନେକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା ଓ ଲୋକେ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରୁ ବିଦେଶୀ ଦୂତାବାସ ମଧ୍ୟ ବର୍ତ୍ତି ନ ଥିଲା। ୨୦୨୨ରେ ଋଷିଆ ଆକ୍ରମଣ ପରଠାରୁ ପ୍ରଥମ ଥର ପାଇଁ ବଡ଼ଦିନ ଛୁଟି ପାଇଁ ସହରକୁ ଆକର୍ଷକ ଭାବେ ସଜାଯାଇଥିଲା। ଋଷିଆ ଏବେ ୟୁକ୍ରେନର ଆଭ୍ୟନ୍ତରୀଣ ଅଞ୍ଚଳକୁ ଟାର୍ଗେଟ କରୁଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ପୁଟିନ ଯଥାଶୀଘ୍ର ସମ୍ଭବ ୟୁକ୍ରେନ କ୍ଷେତ୍ରକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରୁଛନ୍ତି।

# ସଂସଦ ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ନୂଆଦିଲ୍ଲୀ,୨୫।୧୨(ଏଜେନ୍ସି): ବୁଧବାର ଅପରାହ୍ନରେ ଦିଲ୍ଲୀର ନୂତନ ସଂସଦ ଭବନ ସମ୍ମୁଖରେ ଜଣେ ବ୍ୟକ୍ତି ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ୟୁପି ବାଗପତ୍ ବାସିନ୍ଦା ଜିତେନ୍ଦ୍ର ଦେହରେ ପେଟ୍ରୋଲ ଢ଼ାଳି ନିଆ ଲଗାଇଥିଲେ। ଦିଲ୍ଲୀ ଅଗ୍ନିଶମ ସେବା (ଡିଏଫ୍‌ଏସ) ଅଧିକାରୀଙ୍କ ଅନୁଯାୟୀ, ଅପରାହ୍ନ ୩ଟା ୩୫ ମିନିଟ୍‌ରେ ଏକ କଲ୍ ଆସିଥିଲା। ଅଧିକାରୀ କହିଛନ୍ତି ଯେ ରେଳବାଇ ନିର୍ମାଣ ସୁରକ୍ଷା କର୍ମୀ ଏବଂ ଅନ୍ୟ ଲୋକମାନେ ଏକ କମ୍ବଳ ସାହାଯ୍ୟରେ ଯୁବକଙ୍କ ଦେହରୁ ନିଆଁ ଲିଭାଇଥିଲେ। ପରେ ତାଙ୍କୁ ରାମ ମନୋହର ଲୋହିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରୁ ଦୁଇ ପୃଷ୍ଠାର ଅଧା ପୋଡିଯାଇଥିବା ଆତ୍ମହତ୍ୟା ନୋଟ୍, ପେଟ୍ରୋଲ, ପୋଡି ଯାଇଥିବା ବ୍ୟାଗ ଏବଂ ଯୋତା ଜବତ କରାଯାଇଛି। ଯୁବକ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା ସ୍ଥାନରେ ବ୍ୟାରିକେଡିଂ କରାଯାଇଛି ବୋଲି ପୋଲିସ କହିଛି। ଘରୋଇ ବିବାଦ ଯୋଗୁଁ ଜିତେନ୍ଦ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଉଛି। ଡାକ୍ତରଙ୍କ କହିବାନୁସାରେ, ଯୁବକଙ୍କ ଶରୀରର ୯୫% ପୋଡ଼ିଯାଇଛି।

### ୩୦ରେ ଇସ୍ରୋର ସ୍ୱାଡେକ୍ସ ଅଭିଯାନ

# ମହାକାଶରେ ହେବ ଶାଗ ଚାଷ

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଆସନ୍ତା ୩୦ ତାରିଖରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ଚଳିତ ବର୍ଷର ଶେଷ ଅଭିଯାନ ଉତ୍କ୍ଷେପଣ କରିବ। ଏହାର ନାମ ସ୍ପେସ୍ ଡକିଂ ଏକ୍ସପିରିମେଣ୍ଟ (ସ୍ୱାଡେକ୍ସ) ରଖାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତି ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ରାତି ୯ଟା୫୮ରେ ଏହି ଅଭିଯାନ ଆରମ୍ଭ ହେବ। ମହାକାଶରେ ଯାନକୁ ଡକ୍ ଏବଂ ଅନ୍‌ଡକ୍ କରୁଥିବା ଜ୍ଞାନକୌଶଳର ବିକାଶ ଏବଂ ପ୍ରଦର୍ଶନ ଏହି ଉତ୍କ୍ଷେପଣର ଉଦ୍ଦେଶ୍ୟ। ଚନ୍ଦ୍ର ଅଭିଯାନ, ଚନ୍ଦ୍ରରୁ ନମୁନା ସଂଗ୍ରହ ଏବଂ ମହାକାଶ ଷ୍ଟେସନ ପ୍ରସ୍ତୁତିରେ ଏହା ଗୁରୁତ୍ୱପୂର୍ଣ୍ଣ। ଏହା ସଫଳ ହେଲେ ରୁଷ, ଆମେରିକା ଏବଂ ଚୀନ୍ ପରେ ଭାରତ ଚତୁର୍ଥ ରାଷ୍ଟ୍ର ପାଲଟିବ। ସୂଚନା ଅନୁଯାୟୀ ସ୍ୱାଡେକ୍ସ ଅଭିଯାନରେ ପିଏସ୍‌ଏଲ୍‌ଭି -ସି୬୦ ରକେଟ ନିଜ ସହିତ ୨୦୦ କେଜିର ୨ଟି ଯାନ ନେଇ ମହାକାଶକୁ ଯିବ। ଏହାର ନାମ ଚେଜର ଏବଂ ଟାର୍ଗେଟ ରଖାଯାଇଛି। ଏହା ମାଧ୍ୟମରେ ଗବେଷଣା ପାଇଁ ୨୪ଟି ପେଲୋଡ ପଠାଯିବ। ଏଥିରେ ଏମିଟି ୟୁନିଭର୍ସିଟିର ଏମିଟି ପ୍ଲାଣ୍ଟ ଏକ୍ସପିରିମେଣ୍ଟାଲ ମଡ୍ୟୁଲୋ ଇନ୍ ସ୍ପେସ (ଏପିଇଏମଏସ) ପେଲୋଡ ସାମିଲ ରହିଛି। ଏହା ମାଧ୍ୟମରେ ମହାକାଶରେ ପାଳଙ୍ଗ ଶାଗ ଚାଷ କରାଯିବ। ଏହା ସହିତ ଅନ୍ୟାନ୍ୟ ମଞ୍ଜି ମଧ୍ୟ ପଠାଯାଇଛି। ମହାକାଶରେ ଏଥିରୁ ଚାରା କେମିତି ଉଠୁଛି ତାହା ପରୀକ୍ଷଣ କରାଯିବ। ଏହାକୁ ଏକ କ୍ୟାମେରା ରେକର୍ଡ କରିବ।



### ଆଇଏଏସ ଅଧିକାରୀଙ୍କ ତିନି ପତ୍ନୀ

# ସମସ୍ତେ ଦାବି କଲେ ୫୦ କୋଟି ସମ୍ପତ୍ତି

ନୋଏଡ଼ା, ୨୫।୧୨ (ଏଜେନ୍ସି): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ହରି ଶଙ୍କରଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତି ଭାଗବଣ୍ଟାକୁ ନେଇ ନୋଏଡ଼ା କର୍ତ୍ତୃପକ୍ଷ ହରଡ଼ଘଣାରେ ପଡ଼ିଛନ୍ତି। ଦିବଂଗତ ହରିଶଙ୍କର ୫୦ କୋଟିରୁ ଅଧିକ ସମ୍ପତ୍ତି ଛାଡ଼ି ଯାଇଛନ୍ତି। ଏହି ସମ୍ପତ୍ତି ପାଇଁ ଜଣେ କି ଦୁଇ ଜଣ ନୁହେଁ ତିନି ଜଣ ମହିଳା ନୋଏଡ଼ା କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମସ୍ତେ ନିଜକୁ ହରି ଶଙ୍କରଙ୍କ ପତ୍ନୀ କହୁଛନ୍ତି। ଏହାକୁ ଦର୍ଶାଇବା ନିମନ୍ତେ ବିବାହ ପ୍ରମାଣପତ୍ର ମଧ୍ୟ ଦାଖଲ କରିଛି। ଏହାକୁ ନେଇ ପ୍ରଶାସନ ଆଗରେ ଅସାମଞ୍ଜସ୍ୟ ସ୍ଥିତି ସୃଷ୍ଟି ହୋଇଛି। କିଏ ଅସଲ ଆଉ କିଏ ନକଲି ଜାଣିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁଲାଇ ୨୪ରେ ଅବସରପ୍ରାପ୍ତ ଆଇଏଏସ୍‌ଙ୍କ ମୃତ୍ୟୁ ହୋଇ ସାରିଥିଲା। ସର୍ବ ପ୍ରଥମେ ୩୦ ବର୍ଷୀୟ ଶିବା ଶିଖା ନୋଏଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ କାଗଜପତ୍ର ଦାଖଲ କରିଥିଲେ। ସେ ନୋଏଡ଼ା ସ୍ଥିତ ୧୦ କୋଟିର ଏକ ସମ୍ପତ୍ତିକୁ ନିଜ ନାମରେ ମଧ୍ୟ କରାଇ ଦେଇଥିଲେ। ତେବେ ଏହାର ୨୪ ଘଣ୍ଟା ମଧ୍ୟରେ ଆଉ ଜଣେ ୪୫ ବର୍ଷୀୟ ମହିଳା କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ସମ୍ପତ୍ତି ହସ୍ତାନ୍ତରକୁ ରଦ୍ଦ କରି ଦେଇଥିଲେ। ଏହି ମହିଳା ବିବାହ ଏବଂ ନିଜ ଶିଶୁଙ୍କ କାଗଜପତ୍ର ଦାଖଲ କରିଥିଲେ। ଏହି ମାମଲା ନ ସରିଥିବାବେଳେ ଜଣେ ଯୁବତୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିଜକୁ ହରି ଶଙ୍କରଙ୍କ ଝିଅ କହିଥିଲେ। ତାଙ୍କର ଅସଲ ପତ୍ନୀ କୁଶିନଗରରେ ରହୁଥିବା କହିଥିଲେ। ସେ ସମସ୍ତ କାଗଜପତ୍ର ଦାଖଲ କରି ସମ୍ପତ୍ତି ଉପରେ ହକ୍ ମାଗିଥିଲେ।

**ସମସ୍ତଙ୍କ ପାଖରେ ବିବାହ ପ୍ରମାଣପତ୍ର**

**ଚିନ୍ତାରେ ନୋଏଡ଼ା କର୍ତ୍ତୃପକ୍ଷ**

### 'ଧୋକାବାଜ' ସିରିଏଲ କିଲର୍ ଗିରଫ

# ଲିଫ୍ଟ ଦେଇ ୧୧ ଜଣଙ୍କୁ କରିଥିଲା ହତ୍ୟା

ଚଣ୍ଡିଗଡ଼, ୨୫।୧୨ (ଏଜେନ୍ସି): ପ୍ରଥମେ ଲିଫ୍ଟ ଦେଉଥିଲା। ପରେ ଯୌନ ସମ୍ପର୍କ ରଖି ଟଙ୍କା ସୁନା ଲୁଟ୍ କରୁଥିଲା। ଆଉ ଟଙ୍କା ଦେବାକୁ ମନା କଲେ ହତ୍ୟା ପରେ ପିଠିରେ 'ଧୋକାବାଜା' ଲେଖି ଫେରାର ହେଇ ଯାଉଥିଲା। ଏଭଳି ଭାବେ ୧୧ ଜଣଙ୍କ ହତ୍ୟାକାରୀ ସିରିଏଲ କିଲରକୁ ପଞ୍ଜାବ ପୁଲିସ ମଙ୍ଗଳବାର ରୁପନାଗର ଜିଲ୍ଲାରୁ ଗିରଫ କରିଛି। ସେ ୧୮ ମାସ ହେଲା ଫେରାର ଥିଲା। ହୋସିୟାରପୁରର ଚଉରା ଗ୍ରାମର ବାସିନ୍ଦା ଅଭିଯୁକ୍ତ ରାମ ସରୁପ (୩୩) ଶ୍ରମିକ ଭାବେ କାମ କରୁଥିଲା। ମାତ୍ର ସେ ନିଶାଡ଼ି ପାଲଟି ଯାଇଥିଲା। ପୁଲିସ ସୂଚନା ଅନୁଯାୟୀ ଅଧିକାଂଶ ପୀଡ଼ିତଙ୍କୁ ତଣ୍ଟିଚିପି ଏବଂ ମୁଣ୍ଡକୁ ମାରି ଅନ୍ୟମାନଙ୍କୁ ହତ୍ୟା କରିଥିଲା। ଜଣେ ପୂର୍ବତନ ସିକ୍ୟୁରିଟି ଗାର୍ଡକୁ ସେ ହତ୍ୟାକରି ପିଠିରେ ଧୋକାବାଜ ମଧ୍ୟ ଲେଖି ଦେଇଥିଲା।

ଗତ ଅଗଷ୍ଟରେ ଟୋଲ ପ୍ଲାଜାରେ ଚା' ବିକ୍ରି କରୁଥିବା ୩୭ ବର୍ଷୀୟ ପୁରୁଷଙ୍କୁ ହତ୍ୟା କରିବା ମାମଲାରେ ଏବେ ପୁଲିସ ସରୁପକୁ ଗିରଫ କରିଛି। ମାତ୍ର ଜେରା ସମୟରେ ସେ ଆଉ ୧୦ ଜଣଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏ ପର୍ଯ୍ୟନ୍ତ ୫ଟି ମାମଲା ସ୍ପଷ୍ଟ ହୋଇଥିବାବେଳେ ପୁଲିସ ଅନ୍ୟ ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ସ୍ୱୀକାର କରିଛି ଯେ ହତ୍ୟା ପରେ ଅନୁତପ୍ତ ହେବାରୁ ସେ ପୀଡ଼ିତଙ୍କ ଗୋଡ଼ ଧରି କ୍ଷମା ମାଗୁଥିଲା। ନିଶାରେ ସେ ଏଭଳି କରୁଥିଲା। ପରେ ସବୁକିଛି ଭୁଲି ଯାଉଥିଲା। ଅଭିଯୁକ୍ତର ପତ୍ନୀ ଏବଂ ତିନି ସନ୍ତାନ ଅଛନ୍ତି। ତେବେ ସମଲିଙ୍ଗୀ ସମ୍ପର୍କ ରଖୁଥିବାରୁ ପରିବାର ଲୋକେ ସରୁପକୁ ଦୁଇ ବର୍ଷ ତଳେ ଘରୁ ବାହାର କରି ଦେଇଥିଲେ।

### କେନ୍-ବେତୱା ନଦୀ ଲିଙ୍କ୍ ପ୍ରକଳ୍ପର ଶୁଭଦେଲେ ପ୍ରଧାନମନ୍ତ୍ରୀ

# ଦେଶର ପ୍ରଥମ ନଦୀ ସଂଯୋଗୀକରଣ ଯୋଜନା

ଭୋପାଳ, ୨୫।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଖଜୁରାହୋରେ କେନ୍-ବେତୱା ନଦୀ ଲିଙ୍କ୍ ପ୍ରକଳ୍ପର ଶୁଭ ଦେଇଛନ୍ତି। ଦେଶରେ ପ୍ରଥମ ଥର ପାଇଁ ନଦୀ ସଂଯୋଗୀକରଣ ଉପରେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ୧୯୮୦ରେ ଏହି ପ୍ରକଳ୍ପର ପ୍ରସ୍ତାବ ସାମ୍ନାକୁ ଆସିଥିଲା। ମାତ୍ର ଏବେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହା ଅଧିନରେ କେନ ନଦୀର ଅତିରିକ୍ତ ପାଣିକୁ ବେତୱା ନଦୀ ନେବା ପାଇଁ ଏକ କେନାଲ ନିର୍ମାଣ କରାଯିବ। ଏହା ସହିତ ମୋଦୀ ଓମ୍‌କାରେଶ୍ୱର ଫ୍ଲୋଟିଂ ସୋଲାର ପାୱାର ପ୍ଲାଣ୍ଟର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ଉପରେ ଆଧାରିତ ଏକ ବୃତ୍ତ ଚିତ୍ରକୁ ପ୍ରଦର୍ଶନ କରାଯାଇଛି। ବାଜପେୟୀଙ୍କ ଉପରେ ଡାକ ଟିକଟ ଜାରି କରାଯାଇଛି। ଏଠାରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରି ଦେଶର ଜଳଶକ୍ତି ଯୋଜନାର ଶ୍ରେୟ ବାବା ସାହେବ ଆମ୍ବେଦକରଙ୍କୁ ଦେଇଛନ୍ତି। କେନ୍ଦ୍ରୀୟ ଜଳ କମିଶନ ପଛରେ ବାବା ସାହେବଙ୍କ ହାତ ରହିଛି। କିନ୍ତୁ କଂଗ୍ରେସ ତାଙ୍କୁ କେବେ ଶ୍ରେୟ ଦେଇନି। ସବୁ କାମ ପାଇଁ ଜଣେ ବ୍ୟକ୍ତିକୁ ଶ୍ରେୟ ଦିଆଯାଇଛି। ରାଜ୍ୟ ରାଜ୍ୟ ମଧ୍ୟରେ ପାଣିକୁ ନେଇ ବିବାଦ ଥିଲା। ଦେଶର ଜଳ ଶକ୍ତି ପାଇଁ ବାବା ସାହେବ ପ୍ରୟାସ କରିଥିଲେ।

# ଜାଲ୍ ଅର୍ଡର ଦେଖାଇ ଥାନାରୁ ନେଇଗଲେ ଗାଡ଼ି; ଓକିଲ ଗିରଫ

ଶ୍ରୀନଗର, ୨୫।୧୨ (ଏଜେନ୍ସି): ଜାଲିଆତି କରି ବେଆଇନ ଖଣି ଖନନ ମାମଲାରେ ଜବତ ବାଇକ୍‌କୁ ଥାନାରୁ ଛଡ଼ାଇବା ଜମ୍ମୁ-କଶ୍ମୀରର ଜଣେ ଓକିଲଙ୍କୁ ମହଙ୍ଗା ପଡ଼ିଛି। ପୁଲିସ ଏହି ମାମଲାରେ ଓକିଲ ବଶାରତ ଅହମ୍ମଦ ଖାନଙ୍କୁ ଗିରଫ କରିଛି। ପୁଲିସ୍ ସୂଚନା ଅନୁଯାୟୀ ୫୦ ହଜାର ଟଙ୍କାର ନକଲି ରସିଦ ଏବଂ ଟିକେଟ ଲଗାଇ ବଶାରତ କୋର୍ଟର ମିଥ୍ୟା ଅର୍ଡର ପ୍ରସ୍ତୁତ କରିଥିଲେ। ବିଚାରପତିଙ୍କ ଜାଲ ଦସ୍ତଖତ କରିଥିଲେ। ସନ୍ଦେହ ହେବାରୁ ପୁଲିସ ଯାଞ୍ଚ ପାଇଁ ସ୍ୱତନ୍ତ୍ର ଦଳ ଗଠନ କରିଥିଲା। ତଦନ୍ତରୁ ଓକିଲ ବଶାରତ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ତାଙ୍କ ବାସଭବନରେ ଚଢ଼ାଉ କରି ଜାଲ୍ କାଗଜପତ୍ର ପ୍ରସ୍ତୁତରେ ବ୍ୟବହୃତ ମୋବାଇଲ ଫୋନ୍, ନକଲି ରସିଦ ସହ ଏକ କମ୍ପ୍ୟୁଟର ଏବଂ ପ୍ରିଣ୍ଟର ଆଦି ଉପକରଣ ଜବତ କରାଯାଇଛି। ଏହି ଜାଲିଆତିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ବି ତଦନ୍ତ କରାଯାଉଛି।

# ମହିଳାଙ୍କୁ ଟଙ୍କା ବାଣ୍ଟୁଛନ୍ତି ବିଜେପି ନେତା: ଆତିଶୀ



## ପ୍ରବେଶ ବର୍ମାଙ୍କୁ ଗିରଫ କରୁ ଇଡି-ସିବିଆଇ

## ଟଙ୍କାକୁ କେଜ୍ରିୱାଲଙ୍କ କଳାଧନ କହିଲା ବିଜେପି

ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଦଳଗୁଡିକ ମଧ୍ୟରେ ଆରୋପପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସଞ୍ଜୀବନୀ ଏବଂ ମହିଳା ସମ୍ମାନ ଯୋଜନା ପରେ ଏବେ ଟଙ୍କା ବାଣ୍ଟିବା ମାମଲା ଚର୍ଚ୍ଚାରେ ରହିଛି। ବିଜେପିର ପୂର୍ବତନ ସାଂସଦ ପ୍ରବେଶ ବର୍ମାଙ୍କ ଘରେ ମହିଳାଙ୍କୁ ଟଙ୍କା ବଣ୍ଟା ଯାଉଛି ବୋଲି ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମାର୍ଲେନା ବୁଧବାର ଅଭିଯୋଗ କରି କହିଛନ୍ତି ଯେ ପ୍ରବେଶଙ୍କ ସରକାରୀ ବାସଭବନ (୨୦ ୱିଣ୍ଡସର ପ୍ଲେସ)ରେ ମହିଳାଙ୍କୁ ୧୧୦୦ ଟଙ୍କା ସହିତ ଏକ ପତ୍ରିକା ଦିଆଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଫଟୋ ଲାଗିଛି। ହାରି ଯାଇଥିବା ନିର୍ବାଚନକୁ ବିଜେପି ଟଙ୍କା ମାଧ୍ୟମରେ ଜିତିବାକୁ ଚାହୁଁଛି। ବିଜେପିର ସତ ସାମ୍ନାକୁ ଆସିଯାଇଛି। ଏହି ଦଳ ପାଖରେ କୌଣସି ଏଜେଣ୍ଡା ନାହିଁ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ନାହାନ୍ତି। ଦିଲ୍ଲୀ ଲୋକଙ୍କ ପାଇଁ ମଧ୍ୟ କୌଣସି ପ୍ରତିଶ୍ରୁତି ଦେଉନାହାନ୍ତି। ଆତିଶୀ ଏହି ମାମଲାରେ ପ୍ରବେଶଙ୍କୁ ଗିରଫ କରିବାକୁ ଆତିଶୀ ଦାବି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ତାଙ୍କ ଘରେ ଚଢ଼ଉ କରିବା ଉଚିତ। ଏହି ମାମଲାରେ ନିର୍ବାଚନ କମିଶନ ମଧ୍ୟ ଜବାବ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ପ୍ରବେଶ ଅଭିଯୋଗକୁ ଖାରଜ କରିଦେଇଛନ୍ତି। ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ସେ କହିଛନ୍ତି ଯେ ତାଙ୍କ ବାପା ଗରିବ ଲୋକଙ୍କୁ ସହାୟତା ଦେବା ପାଇଁ ଏକ ସଂସ୍ଥା ଗଠନ କରିଥିଲେ। ଏହା ଅଧିନରେ ମହିଳାଙ୍କୁ ଟଙ୍କା ବଣ୍ଟା ଯାଉଛି। ସେ ଆତିଶୀଙ୍କୁ କଟାକ୍ଷ କରି ଦିଲ୍ଲୀର କାମଚଳା ମୁଖ୍ୟମନ୍ତ୍ରୀ କହିଛନ୍ତି। ମନ୍ତ୍ରିମଣ୍ଡଳ ଜେଲ୍‌ରେ ଥିବାବେଳେ ସେ ଦାୟିତ୍ୱ ନେଇଥିବା ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା କହିଛନ୍ତି ଯେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏହି ମହିଳାଙ୍କୁ ପ୍ରବେଶଙ୍କ ଘରକୁ ପଠାଇ ଥିଲେ। ପ୍ରବେଶ କୌଣସି ଟଙ୍କା ବାଣ୍ଟି ନାହାନ୍ତି। ଏହା ହେଉଛି କେଜ୍ରିୱାଲଙ୍କ କଳା ଧନ। ସେହିପରି ଅରବିନ୍ଦ କେଜ୍ରିୱାଲଙ୍କ ଦୁଇ ବଡ଼ ନିର୍ବାଚନ ଘୋଷଣା ଉପରେ ଦିଲ୍ଲୀ ସରକାର କଟକଣା ଲଗାଇ ଦେଇଛନ୍ତି। ରାଜ୍ୟରେ ମହିଳା ସମ୍ମାନ ଏବଂ ସଞ୍ଜୀବନୀ ଭଳି କୌଣସି ଯୋଜନା ନାହିଁ ବୋଲି ସରକାର ବିଜ୍ଞାପନ ଦେଇଛନ୍ତି। ଏହାକୁ ନେଇ ଆତିଶୀ କହିଛନ୍ତି ଯେ କିଛି ଅଧିକାରୀ ବିଜେପି ଚାପରେ ଭୁଲ୍ ସୂଚନା ଦେଇଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଆପ୍ ମୁଖ୍ୟଙ୍କୁ ଟାର୍ଗେଟ କଲା କଂଗ୍ରେସ

# କେଜ୍ରିୱାଲ ନୁହେଁ; ଫର୍ଜିୱାଲ କୁହାଯିବା ଉଚିତ



ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ହରିୟାଣା ପରେ ଦିଲ୍ଲୀ ନିର୍ବାଚନକୁ ନେଇ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି (ଆପ୍) ଏବଂ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ଅଜୟ ମାକନ ଗୁରୁବାର କେଜ୍ରିୱାଲଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ସେ ଆପ୍ ମୁଖ୍ୟଙ୍କୁ ଦେଶର ସବୁଠୁ ବଡ଼ ଠକ (ଠକଙ୍କ ରାଜା) ତଥା ଧୋକାବାଜ କହିଛନ୍ତି। କେଜ୍ରିୱାଲ ନୁହେଁ, ବରଂ ତାଙ୍କୁ ଫର୍ଜିୱାଲ ଡକାଯିବା ଉଚିତ। ଯେଉଁ ଜନଲୋକପାଳ ଆନ୍ଦୋଳନରେ ସାମିଲ ହୋଇ କେଜ୍ରିୱାଲ କ୍ଷମତାସୀନ ହେଲେ ତାହାକୁ ସେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି। ୧୦ ବର୍ଷ ହେଲା ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଛନ୍ତି। ଯେଉଁ ଜନଲୋକପାଳ ନାମରେ ସରକାର ଗଠନ କଲେ ତାକୁ ଭୁଲି ଯାଇଛନ୍ତି। ଦିଲ୍ଲୀ କଂଗ୍ରେସ ପକ୍ଷରୁ ବୁଧବାର ଆପ୍ ଏବଂ ବିଜେପି ବିରୋଧରେ ୧୨ ପଏଣ୍ଟର ଶ୍ୱେତପତ୍ର ଜାରି କରି ମାକନ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ଶ୍ୱେତ ପତ୍ରର ଶିରୋନାମା 'ମୌକା ମୌକା, ପ୍ରତି ଥର ଧୋକା' ରଖାଯାଇଛି। ସେହିପରି ମାକନ କହିଛନ୍ତି ଯେ ଲୋକସଭା ନିର୍ବାଚନରେ ଆପ୍ ସହ ମେଣ୍ଟ କରିବା କଂଗ୍ରେସର ଭୁଲ୍ ଥିଲା। ସେ ଦିଲ୍ଲୀ କଂଗ୍ରେସର ଆଜିର ସ୍ଥିତି ପାଇଁ ଆପ୍‌କୁ ଦାୟୀ କରିଛନ୍ତି।

# ବରତୁଣ୍ଡାରେ ହାତୀ ଉପଦ୍ରବ

## ଧାନ ଖରି ଓ ପରିବା ଚାଷ ଉଜାଡ଼ିଲେ



**ପାଇକମାଳ/ମାଣ୍ଡୋସିଲ,୨୫।୧୨(ସମିସ):** ପାଇକମାଳ ବ୍ଲକ୍ ଜାମସେଠ ବରତୁଣ୍ଡା ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଗତ ରାତିରେ ଡୁଡୁକିଝରିଆ ଜଙ୍ଗଲ ଦେଇ ଖପ୍ରାଖୋଲ ଭେରୁଆମୁଣ୍ଡା ପଟରୁ ହାତୀପଲ ଆସି ଗାଁ ପାର୍ଶ୍ୱ ଦେଇ ଖରାମାଳ, ଭେରୁଆମୁଣ୍ଡା, ଚେରେଙ୍ଗାଝାଞ୍ଜି, ବରତୁଣ୍ଡା କଲୋନୀ ଦେଇ ପୁଣି ଖରାମାଳ ଜଙ୍ଗଲ ପଟକୁ ଯାଇଛନ୍ତି। ଭେରୁଆମୁଣ୍ଡା ଗାଁର ଜଣେ ଚାଷୀଙ୍କ ଧାନ ଖରିକୁ ଉଜାଡ଼ି ଦେଇଥିବା ବେଳେ ଚେରେଙ୍ଗାଝାଞ୍ଜିର କିଛି ଚାଷୀଙ୍କ ପରିବା କିଆରି ଦଳିଚକଟି ନଷ୍ଟ କରିଛନ୍ତି। ଏନେଇ ବନ ବିଭାଗ କର୍ମଚାରୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିଛନ୍ତି। ପଦାକୁ ନବାହାରିବା ପାଇଁ ଅନୁରୋଧ କରିଛନ୍ତି। ହାତୀ ଘଉଡ଼ାଇବାକୁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଜାମସେଠ ବିଟ୍ ଫରେଷ୍ଟର୍ ରମେଶ କୁମାର ପ୍ରଧାନ କହିଛନ୍ତି।

■ କଙ୍ଗାରୁ କୋର୍ଟରେ ଯୁବକଙ୍କୁ ପିଟି ପିଟି ହତ୍ୟା ଘଟଣା

# ସାର୍ଥା ଫାଣ୍ଡି ଅଧିକାରୀ ନିଲମ୍ବିତ

**ବସ୍ତା ବ୍ଲକ, ୨୫।୧୨ (ସମିସ):** ଚୋରି ଅଭିଯୋଗରେ କଙ୍ଗାରୁ କୋର୍ଟରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା ଓ ଅନ୍ୟ ୩ଜଣ ଗୁରୁତର ଆହତ ହେବା ଘଟଣାରେ ସାର୍ଥା ଫାଣ୍ଡି ଅଧିକାରୀ ଚନ୍ଦ୍ରଶେଖର ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। କର୍ତ୍ତବ୍ୟରେ



ଅବହେଳା ପାଇଁ ବାଲେଶ୍ୱର ଏସ୍‌ପି ତାଙ୍କ ବିରୋଧରେ ଆଜି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ସାର୍ଥା ଫାଣ୍ଡି ଅନ୍ତର୍ଗତ ଓଡ଼ିଶାଳ ଛକରେ କିଛି ଦିନ ତଳେ ଚୋରି ଅଭିଯୋଗରେ ୪ଜଣ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମରାଯାଇଥିଲା। ଚୋରି ସନ୍ଦେହରେ ଗାଁର ଅଜୟ ଦାସ ଓ ତାଙ୍କ ପୁଅ ଏହି କାଣ୍ଡ ଭିଆଇଥିଲେ। ଏଥିରେ ୪ଯୁବକଙ୍କ ମଧ୍ୟରୁ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା। ଏହି ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା। ଏଭଳି ଏକ ଅମାନବୀୟ ଘଟଣା ଘଟୁଥିବା ବେଳେ ସାର୍ଥା ଫାଣ୍ଡି ଅଧିକାରୀ ଚନ୍ଦ୍ରଶେଖର ମହାନ୍ତି ଖବର ପାଇ ନଥିଲେ ନା ଜାଣିଶୁଣି ଘଟଣାସ୍ଥଳକୁ ଯାଇ ନଥିଲେ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ପ୍ରସଙ୍ଗ

# ମନମୋହନ- ପ୍ରସନ୍ନ ମୁହାଁମୁହିଁ

**ଭୁବନେଶ୍ୱର,୨୫।୧୨ (ସମିସ):** ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର ଟଙ୍କା ଫେରସ୍ତ ନେଇ ନିଷ୍ପତ୍ତି ନିଆଯିବ। ଏଥିପାଇଁ ସରକାରୀସ୍ତରରେ ଚିନ୍ତନ ଚାଲିଛି। ଶୀଘ୍ର ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ନିଆଯାଇ କାମ ଆରମ୍ଭ ହେବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି।

■ କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର ଟଙ୍କା ଫେରସ୍ତ: ମନମୋହନ
■ ବିଚାର କରୁକରୁ ସରକାରଙ୍କ କାର୍ଯ୍ୟକାଳ ସରିଯିବ: ପ୍ରସନ୍ନ

ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ ବାବଦରେ ସରକାର ଅନୁଧ୍ୟାନ କରୁଛନ୍ତି। ରିପୋର୍ଟ କିପରି ଉପସ୍ଥାପନ ହେବ, ସରକାର ଚିନ୍ତା କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପୂର୍ବ ସରକାରଙ୍କ ଦାୟିତ୍ୱ ଥିଲା। ମାତ୍ର ସେମାନେ ନିଜ ଦାୟିତ୍ୱ ନିର୍ବାହ କଲେ ନାହିଁ ବୋଲି ମନମୋହନ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ମନମୋହନଙ୍କୁ କଡ଼ା ଜବାବ୍ ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି ଯେ ସରକାର ବିଚାର କରୁକରୁ ବୋଧେ ତାଙ୍କ କାର୍ଯ୍ୟକାଳ ସରିଯାଇଥିବ। ସରକାରଙ୍କ ପାଖରେ କ୍ଷମତା ଏବଂ ଅଧିକାର ଅଛି। କିନ୍ତୁ, ଏନେଇ ସେମାନେ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ପ୍ରସନ୍ନ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ଆଜି ସରକାର ପରିବର୍ତ୍ତନ ହୋଇଛି। ସରକାର ପରିବର୍ତ୍ତନ ହୋଇଛି, ଓଡ଼ିଶାବାସୀ ଆପଣଙ୍କୁ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ସରକାର କେତେ ଦିନ ପୂର୍ବ ସରକାର ଉପରେ ସବୁ ଦୋଷ ଲଦି ଏମିତି ବାହାନା କରୁଥିବେ। ସରକାର ନିଜର ପ୍ରତିଶ୍ରୁତି ପୂରଣ କରନ୍ତୁ। କ୍ଷମତାକୁ ଆସିବା ମାତ୍ରେ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନକୁ ୬ମାସ ଅତିକ୍ରାନ୍ତ ହୋଇଗଲାଣି। ସରକାର ନିଜ କଥାକୁ କାର୍ଯ୍ୟରେ ପରିଣତ କରନ୍ତୁ ବୋଲି ପ୍ରସନ୍ନ ଆହ୍ୱାନ ଦେଇଛନ୍ତି।

**SALE**

1 Number of EICHER (TAFE) 551, Registration No - NA, Model - 2023, ENGINE NO - 532626471556, CHASSIS NO - 932614576068, For Details Contact -9437094716, SUNDARAM FINANCE LTD., 1ST FLOOR MEHER BUILDING, NEAR AMBEDKAR CHOWK, DIST : SONEPUR, ODISHA-767017

**AFFIDAVIT**

I, **Yasin Khan**, F/o-Nilofer Sultana, Resident of At: Ward No: 8, Bhabanipur, PO/PS: Pipili, Dist.: Puri, PIN-752104, Odisha, declare b this affidavit No.: 41691 dated: 24/12/2024, that now onwards I shall be known as **YASEEN KHAN** for all future purposes.

**AFFIDAVIT**

I, **Prasanta Kumar S ain**, S/o.: Fakira Swain, Resident of At: Sanagara, Bilikana, P.O.:Chandannagar, P.S.:Pattamundai, Dist.: Kendrapara,PIN-754217 Odisha,declare b this affidavit No.41639, dated: 24.12.2024,that now onwards I shall be known as **PRASANTA SWAIN** for all future purposes.

**AFFIDAVIT**

I, **Mohammed Akh ar**, H/o:Nilofer Sultana, Resident of At: Ward No-8, Bhabanipur, PO/PS: Pipili, Dist.: Puri, PIN-752104, Odisha,declare b this affidavit No. 41692 dated: 24/12/2024,that now onwards I shall be known as **MAHAMMED AKHTAR** for all future purposes.

**AFFIDAVIT**

I, Bijoy Kumar Pattanayak, S/o- Naba Kishore Pattanayak, resident of At- 65, Nabinabag, Gandhipadia, Dist- Khordha, Pin- 752055, Odisha declared by this affidavit No. 797, dtd- 24/12/2024 that now onwards I shall be known as **BIJAY KUMAR PATTANAYAK** for all future purposes.

**AFFIDAVIT**

I, Bairamma, W/o- Madayya Bora, resident of At- Bhejipadar, Berhampur, Dist- Ganjam, Pin-761006 declared by this affidavit No. 2367, dtd- 21/12/2024 that now onwards I shall be known as **BAIRAMMA BORA** for all future purposes.

**AFFIDAVIT**

I, Tarakkeswara Reddy Bora, S/o- Madayya Bora, resident of At- Bhejipadar, Berhampur, Dist- Ganjam, Pin- 761006 declared by this affidavit No. 2366, dtd- 21/12/2024 that now onwards I shall be known as **BORA TARAKESWAR REDDY** for all future purposes.

**AFFIDAVIT**

I, Prasanna Kumar Prahallad Khuntia, S/o- Prahallad Khuntia, resident of Plot No- 629, Ranipada, Ranipada, Po- K.Sikharpur, Dist- Nayagarh, Pin- 752077, Odisha declared by this affidavit No. 2406, dtd- 24/12/2024 that now onwards I shall be known as **PRASANNA KUMAR KHUNTIA** for all future purposes.

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏୟାର କ୍ରାସ୍...

ସଦସ୍ୟ ଥିଲେ। ଏହି ଯାତ୍ରୀଙ୍କ ମଧ୍ୟରେ ଅଜରବୈଜାନର ୩୭ ଜଣ, ରୁଷ୍‌ର ୧୬ ଜଣ, କାଜାଖସ୍ତାନର ୬ ଜଣ ଏବଂ କିର୍ଗିସ୍ତାନର ୩ ଜଣ ସାମିଲ ଥିଲେ।

ସୂଚନା ଅନୁଯାୟୀ ଏହି ବିମାନ ଅଜରବୈଜାନର ରାଜଧାନୀ ବାକୁରୁ ରୁଷ୍‌ର ଚେଚେନ୍ୟା ପ୍ରଦେଶ ସ୍ଥିତ ଗ୍ରୋଜନିକୁ ଯାଉଥିଲା। ମାତ୍ର ପକ୍ଷୀଙ୍କ ଏକ ଦଳ ସହ ମାଡ଼ ହେବା ଯୋଗୁଁ ବିମାନ ନିୟନ୍ତ୍ରଣ ହରାଇ ଥିଲା। ପରେ ଏହାର ମାର୍ଗ ବଦଳାଇ ଦିଆଯାଇଥିଲା। ଏହା ରୁଷ୍ ସୀମାରୁ ଫେରି ଆସିଥିଲା। କଜାଖ ସହରର ଅକ୍ତାଉରୁ ପ୍ରାୟ ୩ କିମି ଦୂରରେ ଥିବା ବିମାନବନ୍ଦରରେ ଜରୁରୀ ଅବତରଣ ପାଇଁ ପାଇଲଟ୍ ଅନୁମତି ମାଗିଥିଲେ। ଅନୁମତି ମିଳିବା ପୂର୍ବରୁ ଏହି ବିମାନ ବିମାନବନ୍ଦର ଚାରିପଟେ ଚକ୍କର ଲଗାଇ ଥିଲା। ଶେଷରେ ନିକଟସ୍ଥ ବେଳାଭୂମିରେ ଅବତରଣ କରିବାକୁ ପାଇଲଟ ନିଷ୍ପତ୍ତି ନେଇଥିଲେ। ତେବେ ଏହି ସମୟରେ ବିମାନର ବେଗ ହ୍ରାସ ପାଇ ନ ଥିଲା। ବିମାନ ଉପରୁ ପାଇଲଟ୍ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇ ଦେଇଥିଲେ। ଏହା ସିଧା ତଳକୁ ମୁହଁ କରି ମାଡ଼ି ଆସିଥିଲା। ଭୂମି ସ୍ପର୍ଶ କରିବା ସମୟରେ ବିମାନ ପ୍ରଚଣ୍ଡ ଶବ୍ଦ କରି ଭାଙ୍ଗି ଯାଇଥିଲା। ବିମାନ ଦୁଇ ଖଣ୍ଡ ହୋଇ ଯାଇଥିଲା। ପରେ ବିସ୍ଫୋରଣ ହୋଇ ନିଆଁ ଲାଗି ଯାଇଥିଲା। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏଥିପାଇଁ ମୃତାହତଙ୍କ ସଂଖ୍ୟା କ୍ରମାଗତ ଭାବେ ବଦଳିବାରେ ଲାଗିଛି। ପ୍ରଥମେ ୨୫ ଜଣ ପକ୍ଷା ପାଇ ଯାଇଥିବା କୁହାଯାଇଥିଲା। ମାତ୍ର ପରେ ୨୯ ଜଣ ସୁରକ୍ଷିତ ଥିବା ରିପୋର୍ଟ ଆସିଛି।

## ଏୟାର ଷ୍ଟ୍ରାଇକ୍...

ଟିଟିପିର ପ୍ରଶିକ୍ଷଣ କେନ୍ଦ୍ର ଧ୍ୱଂସ ହୋଇଯାଇଛି। ଅନେକ ଆତଙ୍କବାଦୀ ନିହତ ହୋଇଥିବା ଅଧିକାରୀ ଦାବି କରିଛନ୍ତି। ତେବେ ପାକିସ୍ତାନ ବିମାନ ଆଫଗାନ ସୀମାର କେତେ ଭିତରକୁ ଯାଇଥିଲେ ତାହା ଜଣାପଡ଼ି ନାହିଁ। ବର୍ଷକେ ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଏପରି ଆକ୍ରମଣ କରିଛି। ଅନ୍ୟପଟେ ଏହି ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଛି। ପ୍ରତି ଆକ୍ରମଣ କରିବା ପାଇଁ ତାଲିବାନ ପାକିସ୍ତାନକୁ ଧମକ ଦେଇଛି। ଆଫଗାନ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ଆକ୍ରମଣକୁ ନିନ୍ଦା କରିଛି। ଏହି ବୋମାମାଡ଼ରେ ମହିଳା, ଶିଶୁଙ୍କ ସମେତ ଅନେକ ସାଧାରଣ ନାଗରିକଙ୍କୁ ନିଶାଣ କରାଯାଇଥିଲା ବୋଲି କୁହାଯାଇଛି। ଏପରି କରି ପାକିସ୍ତାନ ଅନ୍ତର୍ଜାତୀୟ ନିୟମ ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରାଯାଇଛି। ଏୟାର ଷ୍ଟ୍ରାଇକ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଏଭଳି ଏକପାଖିଆ ପଦକ୍ଷେପ ଦ୍ୱାରା ସମସ୍ୟା ସମାଧାନ ହେବନି ବୋଲି କୁହାଯାଇଛି। ଅଫଗାନିସ୍ତାନ ଏହାର ଦୃଢ଼ ଜବାବ ଦେବ। ନିଜ ମାତୃଭୂମିର ସୁରକ୍ଷା ଆମର ଅଧିକାର। ପାକିସ୍ତାନର ଏହି ଭିରୁତାପୂର୍ଣ୍ଣ କାର୍ଯ୍ୟର ପ୍ରତିଶୋଧ ନିଆଯିବ।

## ଏବେ ବି ନବୀନ...

ନିର୍ବାଚନ ହେଉଛି ଗଣତନ୍ତ୍ରର ଏକ ଆବଶ୍ୟକ ପ୍ରକ୍ରିୟା। ଆମେ ନିର୍ବାଚିତ ହୋଇଥାଉ ଲୋକଙ୍କ ସେବା କରିବା ପାଇଁ। ସରକାରରେ ଆମେ ଥାଉ କି ନଥାଉ, ଜନସେବା ହିଁ ଆମର ଏକମାତ୍ର ଲକ୍ଷ୍ୟ ହେବା ଉଚିତ୍ ବୋଲି ତାଙ୍କର ବିଚାର, ତାଙ୍କୁ ଅନ୍ୟଙ୍କ ତୁଳନାରେ ଶ୍ରେଷ୍ଠ ଭାବେ ଗଢ଼ିତୋଳିଛି।

ପ୍ରତିଟି କ୍ଷେତ୍ରରେ ଓଡ଼ିଶା ଗତ ଅଢ଼େଇ ଦଶନ୍ଧିରେ ବେଶ୍ ଅଗ୍ରଗତି ହାସଲ କରିପାରିଛି। ଗତ ୨୪ ବର୍ଷର କାର୍ଯ୍ୟକାଳ ମଧ୍ୟରେ ୪ଟି କ୍ଷେତ୍ରରେ ନବୀନଙ୍କ ଅବଦାନ ତାଙ୍କୁ ଶ୍ରେଷ୍ଠତା ପ୍ରଦାନ କରୁଛି ବୋଲି ରାଜନୀତିକ ସମୀକ୍ଷକମାନେ ମତପ୍ରକାଶ କରନ୍ତି। ରାଜନୀତିରେ ସଂସ୍କାର, ରାଜ୍ୟର ଅର୍ଥନୈତିକ ପ୍ରଗତି, ବିପର୍ଯ୍ୟୟ ପରିଚାଳନା ଏବଂ ମହିଳା ଶସକ୍ତୀକରଣ କ୍ଷେତ୍ରରେ ନବୀନଙ୍କ ପଦକ୍ଷେପ ବିରଳ ଏବଂ ସର୍ବୋତ୍ତମ ବୋଲି ସେମାନେ ମତପ୍ରକାଶ କରନ୍ତି। ଇତିହାସ ସାକ୍ଷୀ ରହିଛି। ଦଳ ହେଉ ଅଥବା ସରକାର; ଦୁର୍ନୀତି କିମ୍ବା ଅପକର୍ମରେ ସଂପୃକ୍ତି ରହିଲେ ନବୀନ କାହାକୁ ଛାଡ଼ିନାହାନ୍ତି। ଏପରିକି ନିଜ ସରକାର, ଦଳକୁ ବାଜିରେ ଲଗାଇ ବିଜେପି ସହ ନବୀନ ମେଣ୍ଟ ସରକାରକୁ ଭାଙ୍ଗି ଦେଇଛନ୍ତି। ସେଥିପାଇଁ ଏକ ଆଞ୍ଚଳିକ ଦଳ ବାବେ ବିଜେଡି ଏତେ ସଫଳ ବୋଲି ସାଧାରଣରେ ମତପ୍ରକାଶ ପାଏ। ସେହିପରି ଆର୍ଥିକ ଭାବେ ନିଅଣ୍ଟିଆ ରାଜ୍ୟକୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିବା, ବିପର୍ଯ୍ୟୟ ମୁକାବିଲାରେ ସାରା ଦେଶ ପାଇଁ ଆଲୋକବର୍ତ୍ତିକା ସାଜିବା ଏବଂ ରାଜ୍ୟର ୭୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସମ୍ମାନ ଏବଂ ସ୍ୱାଭିମାନର ସହ ବଞ୍ଚିବା ପାଇଁ ନବୀନ ଯେଉଁ ଭଳି ପଥ ତିଆରି କରିଛନ୍ତି, ତାହା ଏବର ସରକାରଙ୍କ ପାଇଁ ବେଶ୍ ଅନୁକରଣୀୟ। ୨୪ ବର୍ଷର ଶାସନ କାଳରେ ଦୁର୍ବଳ ଓଡ଼ିଶାକୁ ସବଳ କରିବା ସହ ଓଡ଼ିଶାକୁ ବିକାଶ ପଥରେ ଅଗ୍ରସର ହେବା ପାଇଁ ନବୀନ ଯେଉଁ ରାସ୍ତା ତିଆରି କରିଛନ୍ତି, ସେହି ରାସ୍ତାରେ ଏବର ସରକାର ଅଗ୍ରସର ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

୨୪ ବର୍ଷର ଶାସନ ପରେ ଓଡ଼ିଶାବାସୀ ନବୀନଙ୍କ ବିଜୁ ଜନତା ଦଳକୁ ମୁଖ୍ୟ ବିରୋଧୀ ଦଳ ଭାବେ ଦାୟିତ୍ୱ ଦେଇଛନ୍ତି। ବିରୋଧୀ ଦଳ ନେତା ଭାବେ ମଧ୍ୟ ନବୀନ ପ୍ରତିଦିନ ବିଭିନ୍ନ ନିର୍ବାଚନମଣ୍ଡଳୀର ଦଳୀୟ ନେତାଙ୍କୁ ଭେଟୁଛନ୍ତି। ସଭିଙ୍କୁ ସେଇ ଗୋଟିଏ ମନ୍ତ୍ର, ଉପଦେଶ ଦେଉଛନ୍ତି। ଲୋକଙ୍କ ପାଖକୁ ଯାଅ, ସେମାନଙ୍କ ସହ ଯୋଡ଼ି ହୋଇ ରୁହ, ସେମାନଙ୍କର ସେବା କର। ଶାସନରେ ଥିବା ବେଳେ ମଧ୍ୟ ନବୀନ ଏଭଳି ପରାମର୍ଶ ଦେଉଥିଲେ। ନବୀନଙ୍କ ପାଇଁ କ୍ଷମତା ଏକ ମାଧ୍ୟମ ମାତ୍ର। କ୍ଷମତାରେ ଥାଆନ୍ତୁ ଅଥବା ନଥାନ୍ତୁ, ଓଡ଼ିଶବାସୀଙ୍କ ସେବା ପାଇଁ ତାଙ୍କ ଓଡ଼ିଆପ୍ରାଣ ଏବଂ ତାଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ସବୁବେଳେ ଅନ୍ୟଙ୍କଠାରୁ ଆଗରେ ସବୁବେଳେ ଥିବ ବୋଲି ଦଳୀୟ ନେତାଏ ଦୃଢ଼ୋକ୍ତି ପ୍ରକାଶ କରନ୍ତି।

## ନବୀନ, ନୀତୀଶଙ୍କୁ ...

ଭୂମିକାକୁ ସେ ପ୍ରଶଂସା କରିବା ସହ ତାଙ୍କ ପାଇଁ ମଧ୍ୟ ସମାନ ଦାବି ରଖିଛନ୍ତି। ଗିରିରାଜଙ୍କ ଏପରି ମନ୍ତବ୍ୟକୁ ନେଇ ଏବେ ଦେଶବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି। ନବୀନଙ୍କ କ୍ଷେତ୍ରରେ ଗିରିରାଜଙ୍କ ଦାବି ସମ୍ପୂର୍ଣ୍ଣ ଭାବେ ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ବେଳେ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ରଗ୍ଣ ଏବଂ ନିଅଣ୍ଟିଆ ରାଜ୍ୟ ଥିଲା ଓଡ଼ିଶା। ମାତ୍ର କେଇବର୍ଷ ମଧ୍ୟରେ ନବୀନ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ କରିଥିବା ବେଳେ ଆର୍ଥିକ ପରିଚାଳନାରେ ଓଡ଼ିଶା ଦେଶର ବହୁ ବଡ଼ ବଡ଼ ଏବଂ ସମୃଦ୍ଧିଶାଳୀ ରାଜ୍ୟକୁ ପଛରେ ପକାଇ ଦେଇଛି। ସେହିପରି ନବୀନଙ୍କ ଶାସନ କାଳରେ ଓଡ଼ିଶା ଭୋକର ଭୂଗୋଳର ଅପବାଦରୁ ମୁକୁଳି ଖାଦ୍ୟଶସ୍ୟ ବଳକା ରାଜ୍ୟ ଭାବେ ପରିଣତ ହୋଇ ପାରିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସମଗ୍ର ବିଶ୍ୱରେ ପ୍ରଶଂସା ସାଉଁଟି ପାରିଥିବା ବେଳେ ଅନେକ ରାଜ୍ୟ ଓଡ଼ିଶାଠାରୁ ବିପର୍ଯ୍ୟୟ ମୁକାବିଲା କୌଶଳ ଶିଖୁଛନ୍ତି। ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଏବେ ଅନେକ ଆଗକୁ ଯାଇପାରିଛି। ଭାରତୀୟ ହକିକୁ ନୂଆ ପରିଚୟ ପ୍ରଦାନ ସହ ଓଡ଼ିଶାକୁ ଦେଶର ମାନଚିତ୍ରରେ ଏକ ସମ୍ମାନଜନକ ସ୍ଥିତି ଦେବାରେ ନବୀନଙ୍କ ଯୋଗଦାନକୁ ତାଙ୍କ ବିରୋଧୀ ମଧ୍ୟ ମୁକ୍ତ କଣ୍ଠରେ ସ୍ୱୀକାର କରି ଆସିଛନ୍ତି। ଅପରପକ୍ଷେ ନବୀନଙ୍କ ବ୍ୟକ୍ତିତ୍ୱ, ରାଜନୀତିରେ ଶିଷ୍ଟତା ଆଜିର ରାଜନେତାଙ୍କ ପାଇଁ ଅନୁକରଣୀୟ ଏବଂ ଶିକ୍ଷଣୀୟ ବୋଲି ସାଧାରଣରେ ମତପ୍ରକାଶ ପାଉଥିବା ବେଳେ ସେ ହିଁ ବର୍ତ୍ତମାନ ଭାରତବର୍ଷରେ ଭାରତରତ୍ନ ପାଇଁ ସବୁଠାରୁ ନିର୍ବିବାଦୀୟ, ସର୍ବମାନ୍ୟ ଏବଂ ଯୋଗ୍ୟ ରାଜନେତା ବୋଲି ମତପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ।

## ଗାଁରେ ପଶିଲା...

ଅନ୍ୟ ଏକ ସ୍ଥାନରେ ଆବିର୍ଭାବ ହେଉଛି। ତେଣୁ ଜିନତ୍ ବିଚରଣ ଅଞ୍ଚଳରେ ବୁଧବାର ୪ଟି ଉଚ୍ଚକ୍ଷମତା ସମ୍ପନ୍ନ ସିସି କ୍ୟାମେରା ଲଗାଇ ତା'ର ଗତିବିଧି ନିରୀକ୍ଷଣ କରିବାକୁ ଉଦ୍ୟମ କରାଯାଇଛି। ସେହିପରି ବାରମ୍ବାର ଟ୍ରାଙ୍କୁଲାଇଜ୍ ଉଦ୍ୟମ ବିଫଳ ହେଉଥିବାରୁ ତାକୁ ଜାଲ ପକାଇ ଧରିବାକୁ ପଶ୍ଚିମବଙ୍ଗ ସୁନ୍ଦରବନ ବନ ବିଭାଗ ଯୋଜନା କରିଛି।

ଜିନତ୍ ମୁହଁରେ ଛେଳି ରକ୍ତ ଲାଗିଥିବାରୁ ସେ ପାଖ ଗାଁକୁ ପଶିପାରେ। ତେଣୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ଜିନତକୁ ଧରିବା ପାଇଁ ସୁନ୍ଦରବନର ଏକ୍ସପର୍ଟ ବାଘଧରାଳି ଟିମ୍ ଜାଲ ବିଛାଇଛନ୍ତି। ଯୋଜନା ଅନୁସାରେ, ଗାଁର ୩ଟି ଦିଗରେ ଜାଲ ଲଗାଯାଇଥିବା ବେଳେ ଗୋଟିଏପଟ ଖୋଲା ରଖାଯାଇଛି। ଗାଁକୁ ପ୍ରବେଶ କରିବା ମାତ୍ରେ ତାକୁ ଧରାଯିବାକୁ ଯୋଜନା ହୋଇଛି।

ଅପରପକ୍ଷେ, ପୁରୁଲିଆ ବନଖଣ୍ଡ ଅଧିକାରୀ ଅଞ୍ଜନ ଗୁହା ସ୍ଥାନୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ଜିନତ୍ ପୁଣି ଶିମିଳିପାଳକୁ ଫେରୁଛି। ସେ ଯେଉଁ ବାଟେ ଆସିଥିଲା, ସେହି ବାଟ ଦେଇ ଫେରୁଛି। ଫେରିବା ବାଟ କରିଡର୍‌ରେ କୌଣସି ଅସୁବିଧା ନହେଲେ, ବାଘୁଣୀ ପୁନର୍ବାର ମେଦିନୀପୁର ଜିଲ୍ଲା ଦେଇ ପଳାଇବ ବୋଲି ସେ କହିଛନ୍ତି। କିନ୍ତୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ ବାଘୁଣୀ ଫେରିବାକୁ ନେଇ କୌଣସି ସ୍ଥିତି ଜଣାପଡିନାହିଁ। ରେଡ଼ିଓ କଲାର୍ ମାଧ୍ୟମରେ ଟ୍ରାକିଂରୁ ସେ ଏବେ ବି ସେହି ଅଞ୍ଚଳରେ ଘୂରି ବୁଲୁଥିବା ଜଣାପଡ଼ିଛି। ତେବେ ଜିନତ୍ ୨୦/୩୦କିମି ଫେରିଲେ, ଫେରିବା ଆଶା ରଖାଯାଇପାରେ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

## ଆଜିଠୁ କମିବ...

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ରାତି ସୁଦ୍ଧା ରାଜ୍ୟରେ ବର୍ଷା ବନ୍ଦ ହୋଇଯିବ ଓ ଗୁରୁବାରଠାରୁ ପାଗ ଶୁଖିଲା ରହିବ। ଗୁରୁବାରଠାରୁ ଉତ୍ତରା ଥଣ୍ଡା ପବନ ବିହବ। ଫଳରେ ସର୍ବନିମ୍ନ ତାପମାତ୍ରା କମିବ। ଗୁରୁବାର ରାତିରୁ ୩ ଦିନ ମଧ୍ୟରେ ରାତିର ତାପମାତ୍ରା ବିଭିନ୍ନ ସ୍ଥାନରେ ୨ରୁ୪ ଡିଗ୍ରୀ କମିବା ଯୋଗୁଁ ଶୀତ ବଢ଼ିବ। ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଆଭ୍ୟନ୍ତରୀଣ ଗଞ୍ଜାମ, କନ୍ଧମାଳ ଓ ରାୟଗଡ଼ାରେ ଅଧିକ ଥଣ୍ଡା ପଡ଼ିବ। ନୂଆ ବର୍ଷ ଦିନ ରାଜ୍ୟରେ ପାଗ ଶୁଖିଲା ରହିବା ସହ ଚଳିତ ବର୍ଷ ଶେଷ ଦିନରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପାଗ ଆଂଶିକ ମେଘୁଆ ରହିବ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି।

ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଟାଙ୍ଗୀରେ ସର୍ବାଧିକ ୭୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ କଳାହାଣ୍ଡି କୋକସରାରେ ୬୫ ମିଲିମିଟର, ନବରଙ୍ଗପୁର ଡାବୁଗାଁରେ ୬୨ ମିଲିମିଟର, କୁନାଗଡ଼ରେ ୫୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ୬୦.୪ ମିମି ବର୍ଷା ସହ ଡିସେମ୍ବର ମାସରେ ଗୋଟିଏ ଦିନରେ ଏହି ପରିମାଣ ବର୍ଷା ଭବାନୀପାଟଣାର ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଆସନ୍ତା କାଲି ବର୍ଷା କମିବା ପରେ ଅନେକ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ଗୁରୁବାର ସକାଳୁ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗିର ଓ ସୋନପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହି ସବୁ ଜିଲ୍ଲାରେ ଘନ କୁହୁଡ଼ି ପାଇଁ ଦୃଶ୍ୟମାନ କ୍ଷମତା ୫୦ ମିଟରେ ପର୍ଯ୍ୟନ୍ତ ତଳକୁ ଖସି ଆସିବାର ଆଶଙ୍କା ରହିଛି। ଫଳରେ ଗାଡି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବାର ଅନୁମାନ କରାଯାଉଛି। ଯାହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ରାଜପଥରେ ଗାଡ଼ି ଚଳାଚଳ ସମୟରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଆ ଅସ୍ମିତାକୁ...

ସତ କଥା ଉଗାରିଛନ୍ତି ରଘୁବର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆଜି ପୁରୀ ଯାଇଥିବା ବେଳେ ରଘୁବର ଯେଉଁ ବୟାନ ଦେଇଛନ୍ତି, ସେଥିରେ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ନବୀନ ସରକାର ବିରୋଧରେ ମାହୋଲ ସୃଷ୍ଟି କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ପୁରୀରେ ସାମ୍ବାଦିକମାନଙ୍କ ସହିତ ଆଲୋଚନା ବେଳେ ସେ ନବୀନ ସରକାର ବିରୋଧରେ ବିଷୋଦଗାର କରିଛନ୍ତି। କହିଛନ୍ତି ଯେ ନବୀନ ସରକାର ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିଲେ। ସେମାନଙ୍କ ସମସ୍ୟା ପ୍ରତି ଉଦାସୀନ ଥିଲେ। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଆକ୍ରୋଶ ଥିଲା ଏବଂ ନିର୍ବାଚନରେ ଏହା ପ୍ରତିଫଳିତ ହୋଇଛି। ନବୀନ ସରକାରଙ୍କୁ ହଟାଇ ଲୋକେ ସେମାନଙ୍କର ଆକ୍ରୋଶ ଜାହିର କରିଛନ୍ତି। ସରକାର ବଦଳାଇଥିବାରୁ ସେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଗଣମାଧ୍ୟମକୁ ଦେଇଥିବା ଏହି ମନ୍ତବ୍ୟରେ ସେ ଯେଉଁ ଭାଷାର ବ୍ୟବହାର କରିଛନ୍ତି, ତାହା କେବେହେଲେ କୌଣସି ରାଜ୍ୟପାଳ କରନ୍ତି ନାହିଁ। ଏଭଳି ଭାଷା କେବଳ ଦଳୀୟ କର୍ମୀ ଓ ନେତାମାନେ ହିଁ କରନ୍ତି। ଏଭଳି ମନ୍ତବ୍ୟ ଦେଇ ରଘୁବର ସ୍ୱୀକାର କରିଛନ୍ତି ଯେ ରାଜଭବନକୁ ସେ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିଥିଲେ। ଓଡ଼ିଶା ନିର୍ବାଚନ ପୂର୍ବରୁ ତାଙ୍କ ବିରୋଧରେ ଯାହା ସବୁ ଅଭିଯୋଗ ଆସିଥିଲା, ତାହା ଯେ ସଂପୂର୍ଣ୍ଣ ସତ ଥିଲା, ତାହା ତାଙ୍କ ବୟାନରୁ ସ୍ପଷ୍ଟ ହୋଇଯାଉଛି। ଏବେ ପ୍ରଶ୍ନ ଉଠିଲାଣି ଯେ ରାଜ୍ୟପାଳ ଭାବେ ସେ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଥିଲେ ନା ରାଜଭବନରେ ରହି ନବୀନ ସରକାରକୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରୁଥିଲେ ? ନବୀନ ସରକାରକୁ ହଟାଇଥିବାରୁ ରାଜ୍ୟବାସୀଙ୍କୁ ରାଜ୍ୟପାଳଙ୍କ ଧନ୍ୟବାଦ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଙ୍ଘନ ନାହିଁକି? ଏହା କରି ସେ ସମ୍ବିଧାନ ପ୍ରତି ବିଶ୍ୱାସଘାତ କରିଛନ୍ତି ବୋଲି ଆଇନ ବିଶେଷଜ୍ଞ ମତ ଦେଇଛନ୍ତି।

କେବଳ ସେ ଦଳୀୟ ରାଜନୀତିରେ ମାତିନଥିଲେ, ସରକାରୀ କାର୍ଯ୍ୟ ହସ୍ତକ୍ଷେପ କରି ନିଜ ମର୍ଜି ଅନୁସାରେ ଶାସନ ଚଳାଇବାକୁ ମଧ୍ୟ ଚେଷ୍ଟା କରିଥିଲେ। ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ଆସିଥିବା ରାଜ୍ୟରେ ବିଜେପି ସରକାର ରଘୁବରଙ୍କ ପୁଅର କାରନାମାକୁ ନେଇ ଘୋର ଅଡୁଆରେ ପଡ଼ିଯାଇଥିଲା। ରାଜ୍ୟ ସରକାରଙ୍କର ଜଣେ କର୍ମଚାରୀଙ୍କୁ ତାଙ୍କ ପୁଅ ମାଡ଼ ମାରିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ହୋଇପାରିନଥିଲା। ଏହାବିରୋଧରେ ବିଧାନସଭା କମ୍ପିଲା, ରାଜରାସ୍ତାରେ ମଧ୍ୟ ଆନ୍ଦୋଳନ ହେଲା। କିନ୍ତୁ ରାଜ୍ୟପାଳଙ୍କ ପୁଅକୁ ହାତ ମାରିବାକୁ ସାହସ କରିପାରିନଥିଲା ରାଜ୍ୟ ପୁଲିସ ପ୍ରଶାସନ। କାରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଲାଗି ରାଜ୍ୟପାଳ ହିସାବରେ ରଘୁବର ଚାପ ପକାଇଥିଲେ। ତାଙ୍କ ଯୋଗୁଁ ମୋହନ ମାଝୀ ସରକାର ଏକରକମ ଅସହାୟ ହୋଇପଡ଼ିଥିଲା। ନବୀନ ସରକାର ବିରୋଧରେ ଷଡ଼ଯନ୍ତ୍ର କରିବା ସହିତ ରଘୁବର ଓଡ଼ିଶା ଅସ୍ମିତାକୁ ମଧ୍ୟ ଚୋଟ ପକାଇବାକୁ ପଛାଇ ନଥିଲେ।

ସୂଚନାଯୋଗ୍ୟ ଯେ ବିଜେପି ନେତା ରଘୁବର ଦାସ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଥିଲେ। ସେ ଥିଲେ ରାଜ୍ୟର ପ୍ରଥମ ଅଣଆଦିବାସୀ ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୧୯ ବିଧାନସଭା ନିର୍ବାଚନରେ ତାଙ୍କ ସରକାର ଶୋଚନୀୟ ଭାବେ ପରାସ୍ତ ହୋଇଥିଲା। ଏଥିପାଇଁ ତାଙ୍କୁ ଝାଡ଼ଖଣ୍ଡ ରାଜନୀତି ଠାରୁ ହଟାଇ ଓଡ଼ିଶା ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ଓଡ଼ିଶା ରାଜଭବନରେ ରହି ସେ ଝାଡ଼ଖଣ୍ଡ ରାଜନୀତିରେ ମଧ୍ୟ ମୁଣ୍ଡ ପୂରାଉଥିଲେ। ନିକଟରେ ଶେଷ ହୋଇଥିବା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ତାଙ୍କର ଭୂମିକା ନେଇ ବିଜେପି ହାଇକମାଣ୍ଡ ମଧ୍ୟ କ୍ଷୁବ୍ଧ ଥିଲେ। ରାଜ୍ୟପାଳ ପଦରୁ ତାଙ୍କୁ ହଟାଇବାରେ ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି।

## ଖୁସି ଛଡ଼ାଇନେଲା...

ଘରେ ବାସ କରୁଥିବା ଗରିବ ଖଟିଖିଆ ଲୋକଙ୍କ ଅବସ୍ଥା ମଧ୍ୟ ବାରଣ୍ଡା ଦି' କଡ଼ା।

ଅନ୍ୟପଟେ ଦୁଇ ଦିନର ଲଗାଣ ବର୍ଷା ଆଜି ବଡ଼ ଦିନ ଛୁଟିକୁ ମଧ୍ୟ ଫିକା ପକାଇଦେଇଛି। ଛୁଟିରେ ଖୁସି ମନାଇବାକୁ ଇଚ୍ଛୁକ ଲୋକମାନେ ବର୍ଷା ଯୋଗୁଁ ଘରୁ ପଦାକୁ ବାହାରିବାକୁ କୁଣ୍ଠକୁଣ୍ଠ। ଫଳରେ ଆଜି ପ୍ରାୟତଃ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଖାଁ ଖାଁ ପରିବେଶ ପରିଲକ୍ଷିତ ହୋଇଛି।

ବିଶେଷକରି ପର୍ଯ୍ୟଟନ ଋତୁରେ ବଡ଼ଦିନ ଓ ନୂଆବର୍ଷରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ଦିନରେ ବଣଭୋଜି ସାଙ୍ଗକୁ ବିଭିନ୍ନ ଧର୍ମାନୁଷ୍ଠାନ ଓ ପର୍ଯ୍ୟଟନସ୍ଥଳୀକୁ ଭ୍ରମଣ କରିବା ସହ ବେଶ୍ ମନୋରଞ୍ଜନ କରିଥା'ନ୍ତି। ହେଲେ ବର୍ଷର ସବୁଠାରୁ ବଡ଼ଦିନ ଅର୍ଥାତ୍ ଖ୍ରୀଷ୍ଟମାସକୁ ଫିକା ପକାଇଛି ବର୍ଷା। ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଜନଶୂନ୍ୟ ହୋଇପଡ଼ିଥିବା ବେଳେ ଗୋଟିଏ ଦିନରେ ରାଜ୍ୟ ରାଜକୋଷକୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

ରାଜ୍ୟରେ ଟିକଟ୍ ବ୍ୟବସ୍ଥା ରହିଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଧର୍ମାନୁଷ୍ଠାନଗୁଡ଼ିକରେ ପର୍ଯ୍ୟଟନ ଋତୁରେ ହଜାର ହଜାର ସଂଖ୍ୟା ପର୍ଯ୍ୟଟକ ଆସୁଥିବା ବେଳେ ଅଧିକାଂଶ ସ୍ଥାନରେ ଆଜି ଟିକଟ୍ ସଂଖ୍ୟା ୧୦୦ ଟପି ନ ଥିବା ଦେଖିବାକୁ ମିଳିଛି। ସେହିପରି ବିଭିନ୍ନ ସ୍ଥାନରେ ବଣଭୋଜି ପାଇଁ ମାସକ ଆଗରୁ ପିଣ୍ଡି ବୁକିଂ ହୋଇଥିଲେ ମଧ୍ୟ ସେଠାରେ ପହଞ୍ଚିବାକୁ ବାଧା ସୃଷ୍ଟି କରିଛି ବର୍ଷା।

ସେହିପରି ରାଜଧାନୀରେ ବଣଭୋଜିର ଡେଷ୍ଟିନେସନ୍ କୁହାଯାଉଥିବା ଜୟଦେବବାଟିକାରେ ଯଦିଓ ସପ୍ତାହକୁ ଆଗରୁ ୨୫ ତାରିଖ ପାଇଁ ପିଣ୍ଡି ବୁକିଂ ହୋଇସାରିଥିଲା କିନ୍ତୁ ୬୦ ପ୍ରତିଶତ ପର୍ଯ୍ୟଟକ ଆସି ନ ଥିବା ଦେଖିବାକୁ ମିଳିଛି। ଏହାସହ ପର୍ଯ୍ୟଟନ ଋତୁରେ ନିୟମିତ ୧୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ବୁଲିବାକୁ ଆସୁଥିବା ବେଳେ ବୁଧବାର ଏହି ସଂଖ୍ୟା ମଧ୍ୟ କିମଛି। ଫଳରେ ଗୋଟିଏ ଦିନରେ ଓଡ଼ିଶା ବନ ଉନ୍ନୟନ ନିଗମକୁ ପ୍ରାୟ ସାଢ଼େ ୩ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ସେହିପରି ନନ୍ଦନକାନନରେ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଜଣାପଡ଼ିଛି। ପୂର୍ବବର୍ଷ ଏହି ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୯,୬୨୬ ରହିଥିବା ବେଳେ ଚଳିତବର୍ଷ ଏହି ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୫୬୦୧ ରହିଛି। ବର୍ଷା ଯୋଗୁଁ ଗୋଟିଏ ଦିନରେ ପ୍ରାୟ ୪୦୨୪ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ସେହିପରି ଖଣ୍ଡଗିରି, ଉଦୟଗିରିକୁ ମଧ୍ୟ କମ୍ ସଂଖ୍ୟକ ପର୍ଯ୍ୟଟକ ଆସିଛନ୍ତି। ଏଏସ୍‌ଆଇ ଅଧୀନରେ ରହିଥିବା ରାଜାରାଣୀ ମନ୍ଦିରରେ ୬୦ ପ୍ରତିଶତ ସଂଖ୍ୟା କମିଥିବା ଜଣାପଡ଼ିଛି।

ସବୁଠାରୁ ବଡ଼କଥା ହେଉଛି, ଆସନ୍ତା ୨୮ ଓ ୨୯ ତାରିଖରେ ପୁଣି ଲଘୂଚାପ ବର୍ଷା ସମ୍ଭାବନା ଥିବାରୁ ଗତ ୧ ତାରିଖରୁ ୬ଟି ସ୍ଥାନ ଏବଂ ୧୩ ତାରିଖରୁ କୋଣାର୍କରେ ଆରମ୍ଭ ହୋଇଥିବା ଇକୋ ରିଟ୍ରିଟ୍‌ରେ ମଧ୍ୟ ବୁକିଂ ବାଧାପ୍ରାପ୍ତ ହୋଇଛି। ଅନ୍ୟ ଦିନ ଅପେକ୍ଷା ଶନିବାର ଓ ରବିବାର ଛୁଟି ଦିନରେ ଅଧିକ ବୁକିଂ ହେଉଥିବା ବେଳେ ଆସନ୍ତା ରବିବାର ପାଇଁ ୭ଟି ସ୍ଥାନରେ ବୁକିଂ ସଂଖ୍ୟା ୧୦ ଟପି ନ ଥିବା ଜଣାପଡ଼ିଛି।

## ଉଜୁଡ଼ା କ୍ଷେତ...

ସୂଚନା ଅନୁଯାୟୀ, ସାହୁକାରଠାରୁ ଧାରକରଜ କରି ଭାବଗ୍ରାହୀ ୪ ଏକର କ୍ଷେତରେ ଧାନ ଫସଲ କରିଥିଲେ। ଫସଲ ବି ଭଲ ହୋଇଥିଲା। ବିଲରେ ହଳଦିଆ ଧାନକେଣ୍ଡା ସବୁ ଲହଡ଼ି ମାରୁଥିଲା। କିନ୍ତୁ ଗତ କିଛି ଦିନ ମଧ୍ୟରେ ଦୁଇଦୁଇଟି ଲଘୁଚାପଜନିତ ବର୍ଷାରେ ତାଙ୍କର ସବୁ ଫସଲ ନଷ୍ଟ ହୋଇଯାଇଛି। କିଆରିରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଲହଡ଼ି ମାରୁଥିବା ବେଳେ ଅଧାରୁ ଅଧିକ ଧାନ ଗଜା ହୋଇଯିବା ଭଳି ସ୍ଥିତିରେ। ଏହା ଦେଖି ତାଙ୍କ ଦେହ ସହିନଥିଲା। ପରିବାରଲୋକଙ୍କ କହିବାନୁଯାୟୀ, ଆଜି ସକାଳୁ ଭାବଗ୍ରାହୀ ତାଙ୍କ କ୍ଷେତ ଦେଖିବାକୁ ଯାଇଥିଲେ। ସେଠାରୁ ସେ ଘରକୁ ଫେରି ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଏକ ଗାଡ଼ିରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହକୁ ଗ୍ରାମକୁ ଫେରାଇ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନଷ୍ଟ ଫସଲ ଦେଖି ଭାବଗ୍ରାହୀଙ୍କ ଏପରି ଅପମୃତ୍ୟୁ ହୋଇଥିବା ପରିବାରଲୋକ କହିଛନ୍ତି।

O-1002

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 08-OF 2024-25**

| | | |
|---|---|---|
| 1. | Name of the work | : Road works (As per Annexure-'A') |
| 2. | Amount put to Bid Excluding GST | : As per Annexure-'A' |
| 3. | Class of contractor | : "D" "C" & "B" |
| 5. | Date & Time of availability of bid document in the portal | : From Dt. 30.12.2024 at 10.00 A.M. |
| 6. | Last date & Time for receipt of bids in the portal | : Dt. 08.01.2025 up to 05:00 P.M. |
| 7. | Last date of seeking clarification | : Dt. 07.01.2025 up to 5.00 P.M |
| 8. | Date & Time of bid opening | : Dt. 09.01.2025 at 11.00 A.M . |
| 9. | Name and address of the Officer Inviting Bid | : Superintending Engineer, R.W.Division, Padampur, At/Po- Padampur, Dist-Bargarh,Pin- 768036 |

(1) Other details can be seen from DTCN available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Superintending Engineer,
Rural Works Division, Padampur

OIPR-25069/11/0018/2425

# ସମ୍ପାଦକୀୟ


ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ
THE SAKALA

## କାହା ପାଇଁ ପୁଷ ମାସ?

ପୌଷମାସକୁ ଆମ ପରମ୍ପରା ଓ ଧର୍ମ ବିଶ୍ୱାସରେ ଧନଧାନ୍ୟର ମାସ ଭାବେ ଅଭିହିତ କରାଯାଏ। ପୌଷମାସର ଏହି ସମ୍ପଦା ସହିତ ପ୍ରତ୍ୟକ୍ଷ ଜଡ଼ିତ ଥାଏ କୃଷି ଓ କୃଷକ। ଏହି ମାସରେ ଧାନକଟା ହୋଇ ଖଳାକୁ ଆସେ। ଘରର ଅମାର ପୂରି ଉଠେ। ମୁଣ୍ଡର ଝାଳ ତୁଣ୍ଡରେ ମାରି ଖରା, ବର୍ଷା ସହି କୃଷକ ଯେଉଁ ହାଡ଼ଭଙ୍ଗା ପରିଶ୍ରମ କରିଥାଏ, ତାହାର ଫଳପ୍ରାପ୍ତି ହୁଏ ଏହି ମାସରେ। ସୁଖ, ଶାନ୍ତି, ଆନନ୍ଦ, ଉଲ୍ଲାସର ମାସ ଭାବେ ପୁଷମାସ ନିଜସ୍ୱ ଗରିମା ପ୍ରତିପାଦିତ କରେ। ଓଡ଼ିଆ ଘରର ବର୍ଷକର ଯୋଜନା ଏହି ମାସରୁ ଆରମ୍ଭ ହୁଏ। ତେଣୁ ଆମ ଢଗଢମାଳି ଓ ରୁଢ଼ିରେ ସମ୍ପତ୍ତି ଓ ବିପତ୍ତିକୁ ତୁଳନା କରିବା ପାଇଁ ଯେଉଁ ଆପ୍ତବାକ୍ୟଟି ବ୍ୟବହୃତ ହୁଏ, ତାହା ହେଉଛି - 'କାହାର ପୁଷ ମାସ ତ କାହାର ସର୍ବନାଶ।' ଚଳିତ ବର୍ଷର ପୁଷମାସରେ କିନ୍ତୁ ଯେଉଁ ଅଦିନିଆ ବର୍ଷା ବିପ୍ଳାତ ରାଜ୍ୟରେ ଜାରି ରହିଛି ସେଥିରେ ସର୍ବାଧିକ ପ୍ରଭାବିତ କିଏ ହୋଇଛି ବା ସର୍ବନାଶ କାହାର ହୋଇଛି ତାହା ବୋଧହୁଏ ଆଉ ବୁଝାଇ କହିବା ଆବଶ୍ୟକ ନାହିଁ।

ଅଦିନିଆ ବର୍ଷାରେ ରାଜ୍ୟରେ ବୋଧହୁଏ ଏଭଳି କୌଣସି ଅଞ୍ଚଳ ନାହିଁ, ଯେଉଁଠାରେ ଚାଷ ଓ ଚାଷୀ କ୍ଷତିଗ୍ରସ୍ତ ହୋଇନାହିଁ। ଏ ପର୍ଯ୍ୟନ୍ତ କଟା ହୋଇପାରି ନ ଥିବା ଧାନ ଗଛ ସବୁ ବିଲରେ ବର୍ଷା ମାଡ଼ରେ ଶୋଇପଡ଼ିଥିବା ବେଳେ ଚିନାବାଦାମ୍ ଚାଷୀର ବର୍ଷକର ରୋଜଗାର ବର୍ଷା ଭିଜା ବିଲରେ ମାଟିରେ ମିଶିଯାଇଛି। ଯେଉଁମାନେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆଣିଥିଲେ ସେମାନେ ମଧ୍ୟ କ୍ଷତି ସହିଛନ୍ତି। ଗତ ଦୁଇ ସପ୍ତାହ ଭିତରେ ଏଭଳି ଅଦିନିଆ ଲଗାଣ ବର୍ଷା ଆଗାମୀ ସପ୍ତାହରେ ମଧ୍ୟ ଜାରି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଥିବାରୁ ଚଳିତ ବର୍ଷର ପୁଷମାସର ଆନନ୍ଦକୁ ବର୍ଷା ବିପ୍ଳାତ ଚାଷୀ ପାଇଁ ଦୁଶ୍ଚିନ୍ତାରେ ପରିଣତ କରିଛି।

ଏହି ପରିସ୍ଥିତି ଦୁଇଟି ବିଷୟରେ ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି। ପ୍ରଥମତଃ, କେବଳ ଓଡ଼ିଶାରେ ନୁହେଁ, ଗତ କିଛିମାସରେ ଭାରତର ବିଭିନ୍ନ ଅଞ୍ଚଳରେ ଅଦିନିଆ ବର୍ଷା ଯୋଗୁଁ ପିଆଜ, ରସୁଣ, ଅଦାର ବଜାର ଦର ଅମୂଲମୂଲ ହୋଇଛି। ଅଦିନିଆ ବର୍ଷାର କ୍ଷୟକ୍ଷତି ଉପରକୁ ହଠାତ୍ ସେତେ ଅଧିକ ଜଣା ପଡୁ ନ ଥିଲେ ମଧ୍ୟ କୃଷକ ଓ କୃଷି କ୍ଷେତ୍ରର ସାମଗ୍ରିକ ପ୍ରତ୍ୟକ୍ଷ କ୍ଷତି ଏବଂ ଅର୍ଥନୀତି ଉପରେ ଏହାର ପରୋକ୍ଷ ପ୍ରଭାବ ଉଦ୍‌ବେଗଜନକ ନିଶ୍ଚୟ। ତେଣୁ ଜଳବାୟୁ ପରିବର୍ତ୍ତନ ଜନିତ ଏଭଳି ଧୀର ଅଥଚ ଗଭୀର ପ୍ରଭାବ ସୃଷ୍ଟିକାରୀ ପ୍ରାକୃତିକ ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଭାବେ ଘୋଷଣା କରା ନ ଯିବ କାହିଁକି? ସେ ଦିଗରେ ସରକାର ଓ ନୀତି ନିର୍ଦ୍ଧାରକମାନେ ବିଚାର କରିବାର ସମୟ ଆସିଛି।

ଦ୍ୱିତୀୟତଃ, ଚାଷୀମାନେ, ବିଶେଷକରି ଭାଗଚାଷୀମାନେ, ଏଭଳି ପ୍ରାକୃତିକ ଦୁର୍ବିପାକରୁ ଯେଉଁ କ୍ଷତି ସହୁଛନ୍ତି ତାହା ଭରଣା କରିବା ପାଇଁ ସରକାରୀ ବୀମା ଯୋଜନା ଅସମର୍ଥ। ମାତ୍ରାଧିକ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଋଣ ଛାଡ଼ ଭଳି କେତେକ ଆଂଶିକ କ୍ଷତିଭରଣା ପଦକ୍ଷେପ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିଲେ ମଧ୍ୟ ତାହା ଚାଷୀ ସହୁଥିବା କ୍ଷତି ତୁଳନାରେ ସମୁଦ୍ରକୁ ଶଙ୍ଖେ ପରି। ବିଶେଷକରି ଜଟିଳ ବ୍ୟାଙ୍କ ପ୍ରକ୍ରିୟାକୁ ପାର କରି ସବୁ ଭାଗଚାଷୀ ଓ ନାମମାତ୍ର ଚାଷୀ ବ୍ୟାଙ୍କ ଋଣ ପାଇବା ସହଜ ନୁହେଁ। ତେଣୁ ଯେଉଁମାନେ ହାତ ଉର୍ଦ୍ଧାରି ନେଇ ଚାଷକାମରେ ବିନିଯୋଗ କରୁଛନ୍ତି ସେମାନେ ଗୁରୁତର କ୍ଷତି ସହୁଛନ୍ତି। ଏଭଳି ପରିସ୍ଥିତି ହିଁ ଚାଷୀ ଆତ୍ମହତ୍ୟାର କାରଣ ହେଉଛି। ପ୍ରକୃତିକୁ ନିୟନ୍ତ୍ରଣ କରିବା କାହା ହାତରେ ନାହିଁ। କେବଳ ଏହା ଭାବି ଚାଷୀ ନିଜକୁ ନିଜେ ଆଶ୍ୱାସନା ଓ ଉତ୍ସାହ ଦେଇ ପୁଣି ଆର ବର୍ଷ ପାଇଁ ପ୍ରସ୍ତୁତ ହେଉଛି। ସାମଗ୍ରିକ ଭାବରେ ବିଚାର କଲେ ଚାଷୀର ମନୋବଳ ଓ ଧୈର୍ଯ୍ୟ ସମ୍ମାନ ଓ ସ୍ୱୀକୃତିଯୋଗ୍ୟ।

ବାସ୍ତବରେ ନିଜକୁ ସର୍ବଶକ୍ତିମାନ ମନେ କରୁଥିବା ମଣିଷ ପ୍ରକୃତିର ଶକ୍ତି ଆଗରେ ତୁଚ୍ଛ। କିନ୍ତୁ ମଣିଷ ଦ୍ୱାରା ହିଁ ସୃଷ୍ଟ ଏହି ବିପତ୍ତିକୁ କିପରି ଯଥାସମ୍ଭବ ହ୍ରାସ କରାଯାଇପାରିବ ତାହା ମଣିଷ ହାତରେ ଅଛି। ଧନଶାଳୀ ବା ଥିଲାବାଲାମାନେ ନିଜ ସୁଖ ଓ ବିଳାସ ପାଇଁ ଯେଉଁ ଅତ୍ୟାଧୁନିକ ଜୀବନଶୈଳୀକୁ ଆବୋରି ନେଇଛନ୍ତି ତାହା ହିଁ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଲାଗି ଦାୟୀ। ବିଡ଼ମ୍ବନା ହେଉଛି ଏହାର ପରିଣାମ ଭୋଗୁଛନ୍ତି ସମାଜର ଗରିବ ବର୍ଗ। ଯଦି ଧନୀମାନେ ଏଭଳି ବିପର୍ଯ୍ୟୟର ସମ୍ମୁଖୀନ ହେଉଥା'ନ୍ତେ ତେବେ ସମାଧାନର ବାଟ ବୋଧହୁଏ ଶୀଘ୍ର ବାହାରି ପାରନ୍ତା।

ପରିବେଶ ଅନୁକୂଳ ତଥା ବିପର୍ଯ୍ୟୟ ପ୍ରତିରୋଧୀ ବିହନ ଉତ୍ପାଦନ କରି କୃଷକକୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାର ସମୟ ଏବେ ଆସିଛି। କୃଷି ବିଜ୍ଞାନୀମାନେ ଏ ଦିଗରେ ଗବେଷଣା ଜାରି ରଖିଛନ୍ତି ସତ, କିନ୍ତୁ ଦ୍ରୁତବର୍ଦ୍ଧିଷ୍ଣୁ ଜଳବାୟୁ ପରିବର୍ତ୍ତନ ତୁଳନାରେ ଗବେଷଣାର ଗତି ଓ ଫଳାଫଳ ମନ୍ଥର ହେଉଥିବା ଦେଖାଯାଉଛି। ଏକ ନିର୍ଦ୍ଦିଷ୍ଟ ପରିବେଶ ଓ ପରିସ୍ଥିତିକୁ ସୁହାଇବା ଭଳି ବିହନ ଉତ୍ପାଦନର ଗବେଷଣା ବାସ୍ତବ ରୂପ ନେଇ ପ୍ରୟୋଗ ହେବା ପୂର୍ବରୁ ପାଣିପାଗ, ପରିବେଶ ଓ ପ୍ରକୃତି ପୁଣି ଏକ ନୂଆ ରୂପ ନେଇ ଉଭା ହେଉଛି। ତେଣୁ କୃଷି ଗବେଷଣାକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଅପରିହାର୍ଯ୍ୟ। ବିଡ଼ମ୍ବନା ହେଉଛି ସାରାଜଗତକୁ ଖାଦ୍ୟ ଯୋଗାଉଥିବା କୃଷି କ୍ଷେତ୍ର ପାଇଁ ବଜେଟ୍ ବ୍ୟବସ୍ଥା ସମୟୋପଯୋଗୀ ଓ ଆବଶ୍ୟକ ଅନୁଯାୟୀ ହୋଇପାରୁନାହିଁ। ମାନବ ସଭ୍ୟତାର ବିଲୟର କାରଣ ଯୁଦ୍ଧ ପାଇଁ ବିଶ୍ୱ ଯେତିକି ଖର୍ଚ୍ଚ କରୁଛି, ସଭ୍ୟତା ତିଷ୍ଠି ରହିବା ପାଇଁ ଆବଶ୍ୟକ କୃଷି ଲାଗି ହେଉଥିବା ଖର୍ଚ୍ଚ ତା' ତୁଳନାରେ କାହିଁ କେତେ ହଜାର ଗୁଣା କମ୍। ଏ ଦିଗରେ ବିଶ୍ୱସ୍ତରୀୟ ଆଲୋଚନା ଓ ସଂକଳ୍ପ ଆବଶ୍ୟକ।

ସମ୍ପ୍ରତି ଭାରତରେ କୃଷି କ୍ଷେତ୍ରରେ ଏକ ବିରାଟ ବିରୋଧାଭାସ ସୃଷ୍ଟି ହୋଇଛି। ଉଚ୍ଚଶିକ୍ଷିତ ଯୁବବର୍ଗ ଆଧୁନିକ କୃଷି ପ୍ରତି ମନ ବଳାଉଥିବା ବେଳେ ପାରମ୍ପରିକ କୃଷିରେ ନିୟୋଜିତ କୃଷକ ଓ କୃଷି ଶ୍ରମିକମାନେ କୃଷିରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଯୁବବର୍ଗ ଆଧୁନିକ କୃଷିରେ ଲାଭର ଅପାର ସମ୍ଭାବନା ଦେଖୁଥିବା ବେଳେ ପାରମ୍ପରିକ କୃଷକମାନଙ୍କ ପାଇଁ କୃଷି ଆଉ ଏକ ନିର୍ଭରଶୀଳ ଜୀବିକା ହୋଇ ରହିନାହିଁ। ବର୍ତ୍ତମାନ ଭାରତୀୟ କୃଷିକ୍ଷେତ୍ର 'ଗ୍ରାମୀଣ' ଓ 'ସହରୀ' ଏହିଭଳି ଦୁଇଭାଗରେ ବିଭକ୍ତ ହେବାରେ ଲାଗିଛି। 'ସହରୀ' କୃଷି ସରକାରୀ ଏମ୍‌ଏସ୍‌ପି ବ୍ୟବସ୍ଥାର ସର୍ବବୃହତ୍ ହିତାଧିକାରୀ ହୋଇଥିବା ବେଳେ 'ଗ୍ରାମୀଣ' କୃଷିର ଦୁରବସ୍ଥା ସରକାରୀ ମଣ୍ଡିରେ ଖୋଲା ଆକାଶ ତଳେ ଦେଖିବାକୁ ମିଳୁଛି। ଭାରତୀୟ କୃଷିର ଏହି ବିରୋଧାଭାସକୁ ଦୂର କରି ଏକ ସମନ୍ୱିତ ମଧ୍ୟମ ପନ୍ଥା ନିର୍ଣ୍ଣୟ କରିବାର ଦାୟିତ୍ୱ ନେବ କିଏ? ଏହି ପ୍ରଶ୍ନର ସନ୍ତୋଷଜନକ ଓ ସର୍ବଗ୍ରାହ୍ୟ ଉତ୍ତର ତ୍ୱରିତ ଖୋଜିବାର ପ୍ରଚେଷ୍ଟା ନ ହୁଏ ତେବେ ହୁଏତ 'ଚାଷ କାମ ଯାହାର କେତେ ସୁଖ ତାହାର' ଆପ୍ତ ବାକ୍ୟଟି ବଦଳି ଯାଇ 'ଚାଷ କାମ ଯାହାର କେତେ ଦୁଃଖ ତାହାର' ହେବାରେ ବିଶେଷ ବିଳମ୍ବ ହେବ ନାହିଁ।

## ବିଜୁ ଜନତା ଦଳର ଯାତ୍ରା: ଓଡ଼ିଶା ବିକାଶର ଗାଥା

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**

ଆଜି ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ ହେଉଛି। ଏହି ପ୍ରାୟ ତିନି ଦଶନ୍ଧି ଓଡ଼ିଶାର ରାଜନୈତିକ ପୃଷ୍ଠଭୂମିରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଭବିଷ୍ୟତରେ ଯେତେବେଳେ ବି ଓଡ଼ିଶାର ରାଜନୈତିକ ଇତିହାସ ଲେଖାଯିବ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ତାଙ୍କ ନେତୃତ୍ୱାଧୀନ ସରକାରଙ୍କ ସଫଳ କାହାଣୀ ଉଲ୍ଲିଖିତ ହେବ।

ବିଜୁ ଜନତା ଦଳର ଗଠନ ଏକ ବିଶେଷ ପରିସ୍ଥିତିରେ ହୋଇଥିଲା। ବିଜୁ ବାବୁଙ୍କ ଦେହାନ୍ତ ପରେ ତାଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ସବୁ ବିଜୁ ପରିବାରର ସଦସ୍ୟ ନବୀନ ବାବୁଙ୍କ ନେତୃତ୍ୱରେ ଏକାଠି ହୋଇଥିଲେ ଏବଂ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିବାକୁ ସଂକଳ୍ପ ନେଇଥିଲେ। କିନ୍ତୁ ଯେଉଁ ଆଧୁନିକ ଓଡ଼ିଶାର ମୂଳଦୁଆ ବିଜୁ ବାବୁ ପକାଇଥିଲେ, ତାକୁ ସୁଦୃଢ଼ କରି ଏକ ମଜଭୂତ ଘର ନିର୍ମାଣ କରିଥିଲେ ତାଙ୍କର ସୁଯୋଗ୍ୟ ଦାୟାଦ ନବୀନ ପଟ୍ଟନାୟକ। ତାଙ୍କର କାର୍ଯ୍ୟ ଏତେ ସହଜ ନ ଥିଲା। ଯେତେବେଳେ ସେ ପ୍ରଥମ ଥର ପାଇଁ ଶାସନ ଡୋରି ସମ୍ଭାଳି ଥିଲେ, ସେ ସମୟରେ ଓଡ଼ିଶାରେ ମହାବାତ୍ୟାର କରାଳ ବିଭୀଷିକାର ଛାପ ଅପସରି ନ ଥିଲା। ଅଧାଓଡ଼ିଶା ଛାରଖାର ହୋଇଯାଇଥିଲା। ଓଡ଼ିଶାର ରାଜକୋଷ ସମ୍ପୂର୍ଣ୍ଣ ଖାଲି ଥିଲା; କର୍ମଚାରୀଙ୍କୁ ଦରମା କି ପେନସନ ଦେବାକୁ ଅର୍ଥ ନ ଥିଲା। ବିକାଶର ପ୍ରତ୍ୟେକ ସୂଚକାଙ୍କରେ ଓଡ଼ିଶା ଦେଶର ସବୁ ରାଜ୍ୟ ଅପେକ୍ଷା ପଛୁଆ ଥିଲା। ଏଭଳି ଏକ ପରିସ୍ଥିତିରୁ ରାଜ୍ୟକୁ ବାହାର କରି ବିକାଶର ରାଜପଥରେ ଦଉଡ଼ାଇବା ନିଶ୍ଚିତ ଭାବେ ଏକ ଆହ୍ୱାନ ଥିଲା। ମୋଟମୋଟି ଭାବେ ନବୀନ ବାବୁଙ୍କର ଗତ ଚବିଶ ବର୍ଷର କାର୍ଯ୍ୟକାଳ ତିନିଗୋଟି ଭାଗରେ ବିଭକ୍ତ କରାଯାଇପାରିବ - ରାଜନୀତିରେ ସଂସ୍କାର, ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ମହିଳା ସଶକ୍ତୀକରଣ। ଏହି ତିନୋଟି କ୍ଷେତ୍ରରେ ନବୀନ ପଟ୍ଟନାୟକ ଅପାର ସଫଳତା ହାସଲ କରିଥିଲେ।

ନବୀନ ପଟ୍ଟନାୟକଙ୍କ ପ୍ରଥମ କାର୍ଯ୍ୟକାଳ ଥିଲା ରାଜନୈତିକ କ୍ଷେତ୍ରରେ ହଟଚମଟ ଭରା। ଏହି ସମୟରେ ଅନେକ ଟାଣୁଆ ନେତା ଓ ମନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏପରିକି ସହଯୋଗୀ ଦଳର କିଛି ଟାଣୁଆ ମନ୍ତ୍ରୀଙ୍କୁ ବିତାଡ଼ିତ କରିବା ପରେ ତାଙ୍କୁ ଦୁର୍ନୀତି ବିରୁଦ୍ଧରେ ଏକ ଯୋଦ୍ଧାର ଛବି ମିଳିଲା। ଦୁର୍ନୀତି ବିରୁଦ୍ଧରେ ଏହି 'ଯୁଦ୍ଧମ୍ ଦେହି' ଡାକରାରେ ଅନେକ ଦୁର୍ନୀତିଗ୍ରସ୍ତ ନେତା, ସରକାରୀ ଅଧିକାରୀଙ୍କୁ ଦଣ୍ଡ ମିଳିଥିଲା। ଏହି ପଦକ୍ଷେପକୁ ଜନସାଧାରଣ ଅତ୍ୟନ୍ତ ପସନ୍ଦ କରିଥିଲେ, ଯାହା କି ପରବର୍ତ୍ତୀ ସମୟରେ ରାଜନୀତିର ମୂଳଦୁଆକୁ ଆହୁରି ସୁଦୃଢ଼ କରିଥିଲା। ତାଙ୍କର ରାଜନୈତିକ ଦିଗର ଆଉ ଏକ ବିଶେଷତ୍ୱ ହେଉଛି, ବିଜୁ ବାବୁଙ୍କ ନୀତି ଓ ଆଦର୍ଶରୁ ବିଚ୍ୟୁତ ନ ହେବା। କନ୍ଧମାଳ ଦଙ୍ଗା ପରିପ୍ରେକ୍ଷୀରେ ସେ ରାଜନୈତିକ ରିସ୍କ ନେଇ ବିଜେପି ସହିତ ସମ୍ପର୍କ ଛିନ୍ନ କରିଥିଲେ। ସବୁ ରାଜନୈତିକ ସମୀକ୍ଷକଙ୍କୁ ଭୁଲ ପ୍ରମାଣିତ କରି ସେ ବିପୁଳ ବିଜୟ ସହିତ ଆହୁରି ଅଧିକ ଶକ୍ତିଶାଳୀ ହୋଇ କ୍ଷମତାକୁ ଫେରିଥିଲେ। ତାଙ୍କର ସମ୍ପୂର୍ଣ୍ଣ ଶାସନକାଳ ମଧ୍ୟରେ ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତା ରକ୍ଷା କରୁଥିଲେ। ତଥାପି, ରାଜ୍ୟର ସ୍ୱାର୍ଥରେ କେନ୍ଦ୍ର ସରକାରଙ୍କ ସହିତ ସୁସମ୍ପର୍କ ରକ୍ଷା କରି ବିକାଶମୂଳକ କାର୍ଯ୍ୟକୁ ରାଜ୍ୟରେ କାର୍ଯ୍ୟକାରୀ କରୁଥିଲେ। ଏହାର ସୁଫଳ ଓଡ଼ିଶାର କୋଣ ଅନୁକୋଣରେ ପ୍ରତିଫଳିତ।

ଦ୍ୱିତୀୟ ଦିଗଟି ହେଉଛି ଅର୍ଥନୈତିକ ବିକାଶ। ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ଏକ ପଛୁଆ ଅବହେଳିତ ରାଜ୍ୟରେ ପରିଗଣିତ ହେଉଥିଲା। ଖାଦ୍ୟ ପାଇଁ ପିଲା ବିକ୍ରି ଏକ ସାଧାରଣ ଘଟଣା ହୋଇଯାଇଥିଲା। ଯେଉଁ ରାଜ୍ୟର ୬୩ ପ୍ରତିଶତ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରନ୍ତି, ସେଠାରେ ଏମିତି ଘଟଣା ସ୍ୱାଭାବିକ। କିନ୍ତୁ ନବୀନ ପଟ୍ଟନାୟକ ଏହି ସ୍ଥିତିକୁ ବଦଳାଇବା ପାଇଁ ଯୋଜନା ଆରମ୍ଭ କରିଥିଲେ ଏବଂ ଏହି ଯୋଜନାର କେନ୍ଦ୍ରରେ ଥିଲା ଖାଦ୍ୟ ସୁରକ୍ଷା। ଖାଦ୍ୟ ସୁରକ୍ଷା ପାଇଁ କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କୃଷକମାନଙ୍କୁ ଆର୍ଥିକ ସହାୟତା, ଇନ୍‌ପୁଟ୍ ପ୍ରଦାନ, ବିନା ସୁଧରେ ଫସଲ ଋଣ ପ୍ରଦାନ, ଅମଳ ପରବର୍ତ୍ତୀ ଫସଲ ପରିଚାଳନା ପରି ପଦକ୍ଷେପ ଫଳରେ ଏକ ନିଅଣ୍ଟିଆ ରାଜ୍ୟରୁ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହୋଇଥିଲା। ଉତ୍ପାଦନ ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ସୁଲଭ ମୂଲ୍ୟରେ ପ୍ରଦାନ ପାଇଁ ଟଙ୍କିକିଆ ଚାଉଳ ଯୋଜନା କରାଗଲା, ଯାହା ଫଳରେ ଗରିବରୁ ଗରିବ ପରିବାରଙ୍କ ପାଖରେ ଚାଉଳ ପହଞ୍ଚି ପାରିଲା। ଗତ ୨୪ ବର୍ଷରେ କୃଷି କ୍ଷେତ୍ରରେ ଅନେକ ପଦକ୍ଷେପ ନିଆ ଯାଇଛି। ୨୦୧୩ ବଜେଟରେ ଏକ ସ୍ୱତନ୍ତ୍ର କୃଷି ବଜେଟ ୭, ୧୬୨ କୋଟି ଟଙ୍କାରେ ପ୍ରଣୟନ ହୋଇଥିଲା, ଯାହା ୨୦୨୩-୨୪ ବର୍ଷରେ ୨୪ ହଜାର କୋଟି ଟଙ୍କାରୁ ଅଧିକରେ ପହଞ୍ଚିଥିଲା। ଏହାଫଳରେ କୃଷି ଭିତ୍ତିଭୂମିରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। କୃଷି କ୍ଷେତ୍ର ସହିତ ଆଜି ରାଜ୍ୟ ମତ୍ସ୍ୟ ଉତ୍ପାଦନ, ଅଣ୍ଡା ଉତ୍ପାଦନ, ମାଂସ ଉତ୍ପାଦନରେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇପାରିଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ର ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଥିଲା। ରାଜ୍ୟର ଶିଶୁ ମୃତ୍ୟୁହାର ୯୩ ଥିଲା, ଯାହା ଅନେକ ଆଫ୍ରିକୀୟ ଦେଶଠାରୁ ମଧ୍ୟ ଅଧିକ। ମାତୃ ମୃତ୍ୟୁହାର ୪୬୦ ରୁ ଅଧିକ ଥିଲା। ଓଡ଼ିଶା ଦେଶର ମ୍ୟାଲେରିଆ ରାଜଧାନୀ ଭାବେ ଅଭିହିତ ହେଉଥିଲା। ଓଡ଼ିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି କୌଣସି ରାଜ୍ୟରୁ କମ ନୁହେଁ। ଗରିବରୁ ଗରିବଙ୍କୁ ଉତ୍ତମ ଏବଂ ଗୁଣାତ୍ମକ ଚିକିତ୍ସା ପ୍ରଦାନ କରିବା ପାଇଁ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କାର୍ଯ୍ୟକାରୀ କରାଯାଇଥିଲା, ଯାହା ରାଜ୍ୟର ଲକ୍ଷ ଲକ୍ଷ ଗରିବ ପରିବାରଙ୍କୁ ବଞ୍ଚିବା ପାଇଁ ଏବଂ ସୁସ୍ଥ ଜୀବନଯାପନ କରିବାର ଏକ ସୁଯୋଗ ଦେଇଥିଲା। ଶିକ୍ଷା କ୍ଷେତ୍ର ସେତେବେଳେ ସମ୍ପୂର୍ଣ୍ଣ ଉପେକ୍ଷିତ ଥିଲା ଓଡ଼ିଶା। ନା ଥିଲା ସ୍କୁଲ ଗୃହ, ନା ଥିଲେ ଶିକ୍ଷକ। ଶିକ୍ଷା କ୍ଷେତ୍ରରେ ପ୍ରାୟ ୧୦ ପ୍ରତିଶତ ଖର୍ଚ୍ଚ କରିବାରେ ଓଡ଼ିଶା ଦେଶର କେତୋଟି ହାତଗଣତି ରାଜ୍ୟରୁ ଅନ୍ୟତମ। ଏହି ଅଧିକ ଖର୍ଚ୍ଚ ବଳରେ ରାଜ୍ୟରେ ଉତ୍ତମ ଭିତ୍ତିଭୂମି ସୃଷ୍ଟି ହୋଇପାରିଥିଲା ଏବଂ ସରକାରୀ ବିଦ୍ୟାଳୟରେ ଘରୋଇ ବିଦ୍ୟାଳୟ ପରି ବ୍ୟବସ୍ଥା ଲୋକେ ଦେଖିବାକୁ ପାଇଲେ।

ଅନେକ ରାଜନୈତିକ ଦଳ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ। ଭାରତୀୟ ସଂସଦର ନୂତନ ଗୃହରେ ବଡ଼ ଜାକଜମକରେ 'ମହିଳା ବନ୍ଦନା ଅଧିନିୟମ' ପାରିତ କରାଗଲା, କିନ୍ତୁ ତାହାର ସୁଫଳ କେବେ ମିଳିବ କେହି ଜାଣି ନାହାନ୍ତି। ଅପରପକ୍ଷରେ ୨୦୧୯ ନିର୍ବାଚନରେ ରାଜ୍ୟର ଏକ-ତୃତୀୟାଂଶ ମହିଳାଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଥିଲେ ବିଜେଡି ସୁପ୍ରିମୋ ନବୀନ ବାବୁ। କେବଳ ସେତିକି ନୁହେଁ, ୨୦୨୨ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଓଡ଼ିଶାର ୭୦ ପ୍ରତିଶତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ ମହିଳାଙ୍କୁ ସୁଯୋଗ ମିଳିଥିଲା। ଓଡ଼ିଶା ବିକାଶ ଯାତ୍ରାରେ ମହିଳା ସଶକ୍ତୀକରଣ କଥା ନ କହିଲେ, ତାହା ପରିପୂର୍ଣ୍ଣ ହେବ ନାହିଁ। ନବୀନ ପଟ୍ଟନାୟକ 'ମିଶନ ଶକ୍ତି' ମାଧ୍ୟମରେ ୭୦ ଲକ୍ଷ ମହିଳାଙ୍କୁ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଯୋଡ଼ିଥିଲେ। ଏହି ମହିଳାଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟ ପ୍ରଦାନ କରି ତାଙ୍କୁ ଅର୍ଥନୈତିକ ସ୍ତରରେ ସୁଦୃଢ଼ କରାଯାଇଛି।

ବିକାଶ ସହିତ ଓଡ଼ିଆ ସଂସ୍କୃତି, ପରମ୍ପରା ବିଶେଷ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଭୂତପୂର୍ବ କାର୍ଯ୍ୟ ବିଜେଡି ସରକାର ଅମଳରେ ହୋଇଛି। ଦୀର୍ଘଦିନ ଧରି ଅବହେଳିତ ଥିବା ରାଜ୍ୟର ମଠ ମନ୍ଦିରର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମିଶନ ମୋଡରେ କାର୍ଯ୍ୟ ହୋଇଥିଲା, ଯାହା ଆଜି ପ୍ରତ୍ୟେକ ଦେବାଳୟ, ଶକ୍ତି ପୀଠ ଓ ମନ୍ଦିରରେ ପ୍ରତିଫଳିତ ହେଉଛି। ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଗତ ଅଢ଼େଇ ଦଶନ୍ଧିରେ ଅଗ୍ରସର କରିଛି। ଏହି ପ୍ରଗତି ପାଇଁ ଅର୍ଥ ବାଧକ ହୋଇ ନ ଥିଲା। ଓଡ଼ିଶା ସରକାର ଦେଶର ଅଳ୍ପ କେତୋଟି ରାଜ୍ୟ ମଧ୍ୟରୁ ରାଜସ୍ୱ ବଳକା ରାଜ୍ୟ। ଅର୍ଥନୀତି ପରିଚାଳନାରେ ଓଡ଼ିଶା ଦେଶର ସର୍ବୋତ୍ତମ ରାଜ୍ୟ। ପ୍ରତି ଟଙ୍କାରୁ ମାତ୍ର ୨୨ ପଇସା ଋଣ ଏବଂ ସୁଧ ପରିଶୋଧରେ ଖର୍ଚ୍ଚ ହେଉଥିଲା, ଯାହା ଅନ୍ୟ ରାଜ୍ୟମାନଙ୍କରେ ୩୦ ରୁ ୪୫ ପଇସା ପର୍ଯ୍ୟନ୍ତ ଅଛି।

୨୦୨୪ ନିର୍ବାଚନରେ ଓଡ଼ିଶାର ଜନସାଧାରଣ ଏକ ନୂତନ ସରକାରଙ୍କୁ ଓଡ଼ିଶାର ଶାସନ ଭାର ଦେଲେ। ନୂତନ ସରକାର ଉତ୍ତରାଧିକାର ସୂତ୍ରରେ ଏକ ଦୃଢ଼ ଅର୍ଥନୀତି, ଅଧିକ ଅଭିବୃଦ୍ଧି ଓ ଗୋଟିଏ ଉତ୍ତମ ଶାସନ ବ୍ୟବସ୍ଥା ପାଇଛନ୍ତି। ତେଣୁ ଏହା ଉପରେ କାର୍ଯ୍ୟ କରି ରାଜ୍ୟର ବିକାଶର ଧାରାକୁ ବଜାୟ ରହିବା ତାଙ୍କର ନୈତିକ ଦାୟିତ୍ୱ। ରାଜନୀତିରେ ବିଜୟ ପରାଜୟ ଏକ ଅଙ୍ଗ। ବିଜୁ ଜନତା ଦଳ ବିଜୟରେ ଉତ୍‌ଫୁଲ୍ଲିତ ହୁଏ ନାହିଁ କି ପରାଜୟରେ ବିଷାଦଗ୍ରସ୍ତ ହୁଏ ନାହିଁ। କାରଣ ବିଜୁ ଜନତା ଦଳ ଏକ ବିଚାରଧାରା, ଏକ ଜନ ଆନ୍ଦୋଳନ। ଓଡ଼ିଶାର ସାଢ଼େ ଚାରିକୋଟି ଜନସାଧାରଣଙ୍କ ସ୍ୱାର୍ଥରେ ଏହି ଆନ୍ଦୋଳନ ପୂର୍ବ ପରି ଜାରି ରହିବ।

ବିଧାୟକ, ଆଠଗଡ଼

## ଡିଜିଟାଲ ଆରେଷ୍ଟ

**ଇଂ. ମାୟାଧର ସ୍ୱାଇଁ**

ରାମ ବାବୁ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର। ଦିନେ ସେ ମଧ୍ୟାହ୍ନ ଭୋଜନ ପରେ ବିଶ୍ରାମ ନେବାକୁ ଯିବାବେଳେ ଏକ ଅଜଣା ନମ୍ବରରୁ ତାଙ୍କ ମୋବାଇଲକୁ ଫୋନ୍ ଆସିଲା। ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ପରିଚୟ ଦେଇ ତାଙ୍କୁ ଅର୍ଥ ହେରଫେରରେ ଲିପ୍ତ ଥିବାର ଅଭିଯୋଗ କଲେ। ରାମବାବୁ ଏହି ଅଭିଯୋଗକୁ ଅସ୍ୱୀକାର କଲେ। ମାତ୍ର ସେହି ବ୍ୟକ୍ତି ଜଣକ ଅନ୍ୟ ଜଣେ ବରିଷ୍ଠ ପୁଲିସ୍ ଅଫିସରଙ୍କୁ ଫୋନ୍ ଦେଲେ ଏବଂ ସେ ରାମବାବୁଙ୍କର ଅର୍ଥ ହେରଫେରର ଅଧିକ ବିବରଣୀ ଦେଲେ। ଏହିପରି କଥାବାର୍ତ୍ତା ସମୟରେ ଫୋନ୍ କରିଥିବା ବ୍ୟକ୍ତି ତାଙ୍କୁ ତାଙ୍କ କୋଠରି ଦେଖାଇବା ପାଇଁ କହିବା ସହିତ ଅନୁସନ୍ଧାନ ଶେଷ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଅନ୍ୟମାନଙ୍କଠାରୁ ଅଲଗା ଗୋଟିଏ କୋଠରିରେ ଏକୁଟିଆ ରହିବାକୁ କହିଲେ। ରାମବାବୁ ଡରିଗଲେ ଏବଂ କଥୋପକଥନ ଛଳରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ଦେଇଦେଲେ। ପରେ ବ୍ୟାଙ୍କରୁ ତାଙ୍କ ମୋବାଇଲ୍‌କୁ ବାର୍ତ୍ତା ଆସିଲା ଯେ ତାଙ୍କ ଆକାଉଣ୍ଟରୁ ୩୫ ଲକ୍ଷ ଟଙ୍କା ଉଠାଯାଇଛି।

ବାସ୍ତବରେ ଏହା ଥିଲା କେତେଜଣ ଧୂର୍ତ୍ତମାନଙ୍କର କାମ। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ସେମାନେ ରାମବାବୁଙ୍କୁ ୩୫ ଲକ୍ଷ ଟଙ୍କା ଚୂନ ଲଗାଇଦେଲେ। ଏହାକୁ ଧୂର୍ତ୍ତମାନଙ୍କର ଚାଲାଖି କିମ୍ବା ରାମବାବୁଙ୍କର ବୋକାମି କୁହାଯାଇପାରେ। ଆଜିକାଲି ଖବରକାଗଜରେ ପ୍ରାୟ ପ୍ରତିଦିନ ଏହିପରି ଖବର ପ୍ରକାଶ ପାଉଛି। କିଛି ଶଠଲୋକ ସରଳ, ନିରୀହ ବ୍ୟକ୍ତିମାନଙ୍କୁ ଠକି ଚାଲିଛନ୍ତି। ଏହା ହେଉଛି ସାଇବର ଅପରାଧ, ଅର୍ଥାତ ଇଣ୍ଟରନେଟ୍ ଦ୍ୱାରା ଅନ୍‌ଲାଇନ୍ ଠକେଇ। ଏପରିକି ଅନେକ କ୍ଷେତ୍ରରେ ଅପରାଧୀମାନେ ଭାରତୀୟ ହୋଇ ନ ଥା'ନ୍ତି। ସେମାନେ ବିଶେଷ ଭାବେ ମ୍ୟାଁମାର, ଲାଓସ ଓ କାମ୍ବୋଡ଼ିଆରୁ ଏହି କାର୍ଯ୍ୟ ପରିଚାଳନା କରିଥା'ନ୍ତି। ଇଣ୍ଟରନେଟ୍ ଆଜି ପୃଥିବୀକୁ ଏକ ବିଶ୍ୱଗ୍ରାମରେ ପରିଣତ କରିଛି। ଏହାର ଫାଇଦା ସାଇବର ଅପରାଧୀମାନେ ନେଉଛନ୍ତି।

ଡିଜିଟାଲ ଆରେଷ୍ଟ ହେଉଛି ସାଇବର ଅପରାଧର ଏକ ଅଂଶ। ଏହା ହେଉଛି ଏକ ଅନ୍‌ଲାଇନ୍ ଠକେଇ, ଯେଉଁଥିରେ ଜଣଙ୍କର କଷ୍ଟାର୍ଜିତ ଅର୍ଥକୁ ହଡ଼ପ କରାଯାଇଥାଏ। ଅପରାଧୀମାନେ ନିଜକୁ ପୁଲିସ୍ ଅଧିକାରୀ, ସିବିଆଇ ଅଧିକାରୀ, ଆୟକର ଅଧିକାରୀ କିମ୍ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀର ପରିଚୟ ଦେଇ ଭୟଭୀତ କରି ଅର୍ଥ ହଡ଼ପ କରନ୍ତି। ଏପରିକି ସେମାନେ ପୁଲିସ୍ ଥାନା ଭଳି ଷ୍ଟୁଡିଓ ତିଆରି କରି ଭିଡିଓ ଦ୍ୱାରା ଏହାକୁ ଦେଖାଇ ବିଶ୍ୱାସ ଜନ୍ମାଇବା ପାଇଁ ଚେଷ୍ଟା କରୁଛନ୍ତି। ବାସ୍ତବରେ ଏଥିରେ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଭାବରେ ବନ୍ଦୀ କରା ନ ଯାଇ ତାହାର ଭାବାବେଗକୁ ଆଘାତ କରି ଗିରଫଦାରୀର ଭୟ ସୃଷ୍ଟି କରାଯାଉଛି ଏବଂ ତାଙ୍କଠାରୁ ବ୍ୟାଙ୍କ ତଥ୍ୟ ନେଇ ଆକାଉଣ୍ଟରୁ ଅନ୍‌ଲାଇନ୍‌ରେ ଟଙ୍କା ନିଆଯାଉଛି। ଜଣାଯାଇଛି ଯେ ଏହାର ଶିକାର ହେଉଥିବା ଅଧିକାଂଶ ବ୍ୟକ୍ତି ହେଉଛନ୍ତି ଶିକ୍ଷିତ। ଦିଲ୍ଲୀର ଜଣେ ୫୦ ବର୍ଷୀୟ ସାମ୍ବାଦିକ ଡିଜିଟାଲ ଠକାମିରେ ୧.୮୬ କୋଟି ଟଙ୍କା ହରାଇଛନ୍ତି। ନୋଏଡ଼ାର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ନିକଟରେ ୧.୧୯ କୋଟି ଟଙ୍କା ହରାଇଛନ୍ତି।

ଏହା କିପରି ଓ କାହିଁକି ହେଉଛି? ମୋବାଇଲ ଫୋନ୍ ମାଧ୍ୟମରେ ଆଜିକାଲି ଜଣଙ୍କର ଅନେକ ତଥ୍ୟ ଜଣାପଡ଼ିଯାଉଛି। ପୁନଶ୍ଚ ଜଣେ ବ୍ୟକ୍ତିର ଇଣ୍ଟରନେଟ୍ ବ୍ୟବହାରରୁ ତାଙ୍କର ଦୋଷ ଦୁର୍ବଳତାକୁ ମଧ୍ୟ ସେମାନେ ଜାଣି ପାରୁଛନ୍ତି। ଗୋଟିଏ ଉଦାହରଣ ଦେଖିବା। ଶ୍ୟାମବାବୁ ଘରେ ଲୁଚି ଲୁଚି ଲାପଟପ୍‌ରେ ନିଷିଦ୍ଧ ୱେବ୍‌ସାଇଟ୍‌ରୁ ଅଶ୍ଳୀଳ ଫିଲ୍ମ ଦେଖନ୍ତି। ସାଇବର ଅପରାଧୀମାନେ ସେହି ସାଇଟ୍‌ରୁ ଏହାକୁ କିଏ ଦେଖୁଛନ୍ତି ଏବଂ କେଉଁ କମ୍ପ୍ୟୁଟର ବା ମୋବାଇଲ୍ ଫୋନ୍‌ରୁ ଦେଖୁଛନ୍ତି, ତାହା ଜାଣିପାରନ୍ତି ଏବଂ ତୁରନ୍ତ ଲାପ୍‌ଟପ୍‌କୁ ପୁଲିସ ଅଧିକାରୀ ପରିଚୟ ଦେଇ ଏକ ବାର୍ତ୍ତା ପଠାନ୍ତି ଯେ ସେ ନିଷିଦ୍ଧ ଅଶ୍ଳୀଳ ସାଇଟ୍ ଦେଖୁଥିବାରୁ ଭାରତୀୟ ପିଙ୍ଗଳ ଆଇନର ଏକ ଧାରା ଅନୁଯାୟୀ ପୁଲିସ୍ ତାଙ୍କୁ ଗିରଫ କରିବାକୁ ଯାଉଛି। ସେ ଯଦି ଏଥିରୁ ରକ୍ଷା ପାଇବାକୁ ଚାହାନ୍ତି, ତାହାହେଲେ ଇଣ୍ଟରନେଟ୍ ଜରିଆରେ ଅଶି ହଜାର ଟଙ୍କା ପଠାନ୍ତୁ। ଧରା ପଡ଼ିଯିବା ଓ ଲଜ୍ଜା ଭୟରେ ଶ୍ୟାମବାବୁ ଟଙ୍କା ଦେଇଦିଅନ୍ତି। ଏହିପରି ଅନେକ ଘଟଣା ଦୈନନ୍ଦିନ ଘଟୁଛି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ କି ବାତ' କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସତର୍କ କରି ଦେଇଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ୨୦୨୪ ମସିହାର ପ୍ରଥମ ଚତୁର୍ଥାଂଶରେ ଭାରତ ଏଥିଯୋଗୁଁ ୧୨୦.୩ କୋଟି ଟଙ୍କା ହରାଇଛି। ଏହିପରି ସାଇବର ଅପରାଧୀମାନଙ୍କଠାରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାବଧାନ ରହିବା ଆବଶ୍ୟକ। କେତେଗୁଡ଼ିଏ ଉପାୟ ପାଳନ କଲେ ଆମ୍ଭେମାନେ ସେମାନଙ୍କ କବଳରୁ ବର୍ତ୍ତି ଯାଇପାରିବା।

ପ୍ରଥମତଃ, ଅଜଣା ନମ୍ବରରୁ ଫୋନ୍ ଆସିଲେ ସତର୍କ ହୁଅନ୍ତୁ ଏବଂ ସେମାନଙ୍କୁ ନିଜର ବ୍ୟକ୍ତିଗତ ତଥ୍ୟ କିମ୍ବା ଆର୍ଥିକ ବିବରଣୀ ଦିଅନ୍ତୁ ନାହିଁ। ସୂଚନାଯୋଗ୍ୟ ଯେ ବ୍ୟାଙ୍କଗୁଡ଼ିକ ବାରମ୍ବାର ବାର୍ତ୍ତା ଦେଉଛନ୍ତି ଯେ ସେମାନେ ଗ୍ରାହକମାନଙ୍କୁ ଫୋନ୍‌ରେ ଏହି ତଥ୍ୟ ମାଗନ୍ତି ନାହିଁ। ବିଶେଷତଃ ଭାରତ ବାହାରର ନମ୍ବରରୁ ଫୋନ୍ ଆସିଲେ ଫୋନ୍ କାଟି ଦିଅନ୍ତୁ। ଯଦି କୌଣସି ସନ୍ଦେହଜନକ ଫୋନ୍ କିମ୍ବା ବାର୍ତ୍ତା ଆସେ, ତା'ହେଲେ ସରକାରୀ ୱେବସାଇଟ୍ ଭଳି ବିଶ୍ୱସ୍ତ ସୂତ୍ରରୁ ଏହାକୁ ଯାଞ୍ଚ କରନ୍ତୁ। ଫୋନ୍‌ରେ ଧମକ ଆସିଲେ ଶାନ୍ତ ରହନ୍ତୁ ଏବଂ ତରବର ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଭୟ ସୃଷ୍ଟି କରିବା ହେଉଛି ଅପରାଧୀମାନଙ୍କର ଏକ ଚାଲ୍। ଯଦି ଆପଣ ଡିଜିଟାଲ୍ ଆରେଷ୍ଟର ଆଶଙ୍କା କରନ୍ତି, ତା'ହେଲେ ତୁରନ୍ତ ସ୍ଥାନୀୟ ପୁଲିସ୍ କିମ୍ବା ସାଇବର ଥାନାକୁ ଜଣାନ୍ତୁ। ଆପଣ ମଧ୍ୟ ଇଣ୍ଟରନେଟ୍ ସେବା ଯୋଗାଣକାରୀ କିମ୍ବା ମୋବାଇଲ ସେବା କମ୍ପାନୀକୁ ଏହା ଜଣାଇପାରନ୍ତି। ଯଦି ଡିଜିଟାଲ ଆରେଷ୍ଟର ଶିକାର ହୋଇ ଟଙ୍କା ହରାଇଲେ, ତା'ହେଲେ ତୁରନ୍ତ ସାଇବର ଥାନା କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟ ପୋର୍ଟାଲରେ ଅଭିଯୋଗ କରନ୍ତୁ। ସରକାର ଏଥିପାଇଁ ହେଲ୍‌ପଲାଇନ୍ ନମ୍ବର ୧୯୩୦ ଜାରି କରିଛନ୍ତି। ଫୋନ୍‌ରେ ହୋଇଥିବା କଥାବର୍ତ୍ତା ଓ ଦେଣନେଣ ବିବରଣୀ ସାଥୀରେ ବାର୍ତ୍ତାକୁ ପ୍ରମାଣ ପାଇଁ ରଖନ୍ତୁ। ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ତାଳ ଦେଇ ସାଇବର ଅପରାଧ ମଧ୍ୟ ବୃଦ୍ଧି ପାଉଛି। ଏଣୁ ପ୍ରତ୍ୟେକଙ୍କୁ ସତର୍କ ରହିବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ବଳରାମ ଦାସଙ୍କ ସର୍ଜନାରେ ମାନବୀୟ ଆବେଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି ବଳରାମ ଦାସଙ୍କ ରଚିତ ରାମାୟଣ ସମ୍ପୂର୍ଣ୍ଣ ଭାବରେ ଓଡ଼ିଶାର ପ୍ରାଣବନ୍ତ ପରିବେଶ ଓ ଜୀବନ୍ତ ଲୋକ-ଚରିତ୍ରକୁ ପ୍ରଦାନ କରିଛି କାବ୍ୟିକ ଗୌରବ। ଯେଉଁ ଚରିତ୍ରମାନଙ୍କୁ ସେ ଦେଖିଛନ୍ତି ପରିଦୃଶ୍ୟମାନ ବାସ୍ତବ ପୃଥିବୀରେ, ସେମାନଙ୍କୁ ହିଁ ଅଙ୍କନ କରିଛନ୍ତି ସୁପ୍ରସିଦ୍ଧ 'ଜଗମୋହନ ରାମାୟଣ' ବା 'ଦାଣ୍ଡି ରାମାୟଣ'ରେ। ବଳରାମଙ୍କ ଦ୍ୱାରା ବର୍ଣ୍ଣିତ ରାମଚନ୍ଦ୍ର ଓ ସୀତା ଆମେ ପ୍ରତ୍ୟହ ପ୍ରତ୍ୟକ୍ଷ କରୁଥିବା ଓଡ଼ିଆ ଓ ଓଡ଼ିଆଣୀଙ୍କ ବ୍ୟତୀତ ଆଉ କେହି ନୁହନ୍ତି। ମାନବିକ ସ୍ନେହ, ଶ୍ରଦ୍ଧା, ମିଳନର ମହାନନ୍ଦ, ବିଚ୍ଛେଦର ବେଦନା ସେମାନଙ୍କ ମଧ୍ୟରେ ଭରି ଦେଇ ପାରିବାରେ ହିଁ ସାହିତ୍ୟ ସୃଜନ ହୋଇଯାଏ ସାଧାରଣ ପାଠକଙ୍କ ନିକଟତର। ସାହିତ୍ୟକୁ ଲୋକାଭିମୁଖୀ କରିଦେବାରେ ତେଣୁ ଦାଣ୍ଡି ରାମାୟଣ ଗ୍ରହଣ କରିଛି ଅନନ୍ୟ ଭୂମିକା।

କାବ୍ୟ ବର୍ଣ୍ଣିତ ଚରିତ୍ରରେ ମାନବୀୟ ଆବେଗର ସ୍ୱାଭାବିକତା ଯେଉଁଠି ଯେତେ ମାତ୍ରାରେ ଉତ୍କୀର୍ଣ୍ଣ, ତାହା ସେତିକି ଭାବାଚ୍ଛନ୍ନ କରିଦିଏ ସହୃଦୟ ପାଠକ ପ୍ରାଣକୁ। ଏହି ଗହନ ସତ୍ୟ ଉପଲବ୍ଧି କରିବାରେ ବଳରାମ ଦାସଙ୍କ ସମ୍ବେଦନଶୀଳ ସ୍ନାୟୁମଣ୍ଡଳୀ ସୁବିକଶିତ ହୋଇ ଉଠିଥିଲା। ଯଦିଓ ମହର୍ଷି ବାଲ୍ମୀକିଙ୍କ ରାମାୟଣ ବଳରାମଙ୍କୁ ପ୍ରଦାନ କରିଛି ମହତ ଦିଗଦର୍ଶନ, ସେ ମୂଳ ରାମାୟଣର ଅନୁବାଦ କରିବାରେ ମାତ୍ର ସାରସ୍ୱତ ପରିତୋଷ ଲାଭ କରି ପାରି ନ ଥା'ନ୍ତେ କଦାପି। ଶବରୀ ହାତରୁ ଅଇଁଠା ଫଳ ଶ୍ରୀରାମ ଭକ୍ଷଣ କରିବାର ଦୃଶ୍ୟ କି ଭାବୋଦ୍ଦୀପକ! ଏଠାରେ ବନବାସରୁ ପ୍ରତ୍ୟାବର୍ତ୍ତନ ପରେ ରାମଚନ୍ଦ୍ର ଆୟୋଜନ କରିପାରନ୍ତି ସାଧାରଣ ଲୋକଙ୍କ ସକାଶେ ଭୋଜି। ଅନ୍ୟ କେହି ନୁହେଁ ସ୍ୱୟଂ ସୀତା ରୋଷେଇ ଗୃହରେ ପ୍ରସ୍ତୁତ କରନ୍ତି ସ୍ୱାଦିଷ୍ଟ ଅନ୍ନ ବ୍ୟଞ୍ଜନ। ଭୋଜନରେ ତୃପ୍ତ ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସଂଗେ ସଂଗେ ଅଜାଣତରେ ହୋଇଯାଇଥିବା ତ୍ରୁଟିବିଚ୍ୟୁତି ସକାଶେ ରାମଚନ୍ଦ୍ର ମାଗି ପାରନ୍ତି କ୍ଷମା।

ତେଣୁ ଯେଉଁ ଚିତ୍ର ଓ ଚରିତ୍ର ଆମ ସାମାଜିକ ଜୀବନ ମଧ୍ୟରେ ଦୃଶ୍ୟମାନ, ସେମାନଙ୍କୁ ସାହିତ୍ୟରେ ରୂପାୟନ କରିବା ଦ୍ୱାରା ବଳରାମ ପ୍ରମାଣ କରିଦେଇପାରିଛନ୍ତି ଯେ, ସାହିତ୍ୟର ଉପାଦାନ ଗ୍ରାମ୍ୟ ଧୂଳିମାଟିରେ ହିଁ ରହିଛନ୍ତି ସଂଗୁପ୍ତ ହୋଇ। ସେମାନଙ୍କୁ କାବ୍ୟ କବିତାର ବର୍ଣ୍ଣନା ମଧ୍ୟକୁ ନେଇ ଆଣିପାରିବା ହେଲା ଉଚ୍ଚକୋଟୀର କଳାର ପ୍ରକୃତ ଐଶ୍ୱର୍ଯ୍ୟ। ସମାଜ ଓ ସାହିତ୍ୟକୁ ସଂଯୁକ୍ତ କରିଦେବାର ଅନ୍ତଃପ୍ରେରଣାରେ ସମୃଦ୍ଧଶାଳୀ ଥିଲା ବଳରାମଙ୍କ ଚେତନା।

ସମଗ୍ର ଓଡ଼ିଶାର ପ୍ରତିଟି ଗୃହ ମାର୍ଗଶିର ମାସର ଗୁରୁବାରରେ ଯେଉଁ ଅମର ପଦପଂକ୍ତି ପରିବେଷଣରେ ହୋଇଉଠେ ପୂତ ଓ ପବିତ୍ର ସେହି ଲକ୍ଷ୍ମୀପୁରାଣର ସ୍ରଷ୍ଟା ବଳରାମ ସାମାଜିକ ଜୀବନରେ ଯେଉଁ କ୍ରାନ୍ତି ଆଣିବାର ଏବଂ ଯେଉଁ ଶ୍ରେଣୀ-ବିହୀନ ସମାଜ ଓ ମହିଳା ସଶକ୍ତୀକରଣର ପରିକଳ୍ପନା କରିଛନ୍ତି, ତାହା ହିଁ ପ୍ରକୃତ କବି-ବ୍ୟକ୍ତିତ୍ୱର ମହତ୍ତର ବାର୍ତ୍ତା। ଜଣେ ଶ୍ରେଷ୍ଠ କାବ୍ୟ-ନିର୍ମାତା କେବଳ ସମକାଳର ସଜୀବ ଚିତ୍ରାଙ୍କନ କରି ପରିତୃପ୍ତି ଲାଭ କରି ପାରନ୍ତି ନାହିଁ। ସେ ଭବିଷ୍ୟତ ନିମିତ୍ତ ସଂରକ୍ଷିତ ରଖିଯାଆନ୍ତି ପରିବର୍ତ୍ତନ ଅକ୍ଷନୟନର ଅଗ୍ନି-କଣିକା।

ବଳରାମ ଦାସ ପ୍ରତିଟି ରଚନାରେ ପୂରାଇ ଦେଇ ପାରିଛନ୍ତି ତାଙ୍କ ଉଷ୍ମ ରକ୍ତ-ପ୍ରବାହର ତଡ଼ିତ ଆଲୋକ-ରେଖା। ସେଥିପାଇଁ ତାଙ୍କ ରଚିତ ଭାବସମୁଦ୍ର ପରି ଗ୍ରନ୍ଥ ହୋଇଯାଇପାରିଛି ତତ୍କାଳୀନ ଶାସକ ଆଉ ପଣ୍ଡିତଙ୍କ ଉଦ୍ଦେଶ୍ୟରେ ପ୍ରତିବାଦର ପ୍ରତୀକ। ତରୁଣ ବଳରାମ ରଥାରୋହଣ କରିବାର ପ୍ରୟାସ କରି ଯେଉଁ ଅପମାନର ଶରବ୍ୟ ହୋଇଛନ୍ତି, ତାହାକୁ ପ୍ରକାଶ କରିଛନ୍ତି ମହୋଦଧି କୂଳରେ ବାଲିରଥ ନିର୍ମାଣ କରି। ହୃଦୟର ସବୁ କ୍ଷୋଭ, ଅଭିମାନ, ବଡ଼ ଠାକୁରଙ୍କ ସମ୍ମୁଖରେ ଅଜାଡ଼ି ଦେଇଛନ୍ତି। ଭକ୍ତ ହୃଦୟର ଏ ବ୍ୟାକୁଳ ବେଦନାରେ କେଉଁ ଭଗବାନଙ୍କ ଛାତି ଦୋହଲି ନ ଯିବ? ବଡ଼ଦାଣ୍ଡରେ ରଥ ଅଟକି ଯିବା ଓ ବଳରାମ ଦାସଙ୍କ ରଥ ଉପରେ ଉପବେଶନ କରିବା ପରେ ରଥ ଗଡ଼ିବାର ଘଟଣା କେତେ ବାସ୍ତବ ବା କେତେ କାଳ୍ପନିକ ତାହାରି ଊର୍ଦ୍ଧ୍ୱରେ ବିଦ୍ୟମାନ କବିଙ୍କ ଅନ୍ତଃଦୃଷ୍ଟିର ଉନ୍ମୋଚନ। ପ୍ରକୃତ ଭକ୍ତ ହୃଦୟର ମହାନତାକୁ ଉପଲବ୍ଧି କରିବା ସକାଶେ ଏହା ଏକ ଦୃପ୍ତ ଆହ୍ୱାନ, ଅନ୍ତର୍ଭେଦୀ କାରୁଣ୍ୟ। ବେଦାନ୍ତ ସାର ଗୁପ୍ତଗୀତା, ଦୀପ୍ତି ସାର ଗୀତା, ବିରାଟ ଗୀତା ଆଦିର କବି ଭାବରେ ତାଙ୍କର ଧାର୍ମିକ ନିଷ୍ଠା ପ୍ରତିଷ୍ଠିତ। ନିଜସ୍ୱ ମହିମାଦୀପ୍ତ ବ୍ୟକ୍ତିତ୍ୱ ଓ ପ୍ରେରଣା-ପରିପ୍ଲୁତ ସାହିତ୍ୟ ପାଇଁ ସେ ରହିଥିବେ ଓଡ଼ିଆ ଜାତିର ପ୍ରଣମ୍ୟ, ପ୍ରାଣ-ପ୍ରଭା ରୂପରେ ଚିର ବନ୍ଦନୀୟ।

ମୋ:୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବଡ଼ସାହି ଓ କରଞ୍ଜିଆରେ ହାତୀପଲର ଉପଦ୍ରବ ▶ ନଷ୍ଟକଲେ କଦଳୀ ବଗିଚା; ଭାଙ୍ଗିଲେ ଘର

**ବଡସାହି/କରଞ୍ଜିଆ, ୨୫ ।୧୨(ସମିସ)**





ବଡସାହି ଏବଂ କରଞ୍ଜିଆ ଅଞ୍ଚଳରେ ହାତୀପଲର ଉପଦ୍ରବ ଯୋଗୁଁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଆଜି ଏହି ଦୁଇଟିଯାକ ସ୍ଥାନରେ ହାତୀପଲ ବ୍ୟାପକ କ୍ଷତି କରିବା ସହିତ କରଞ୍ଜିଆରେ ୩ଟି ଘର ଭାଙ୍ଗିଦେଇଛନ୍ତି। ବଡସାହି ବ୍ଲକ ଅଧୀନ ପାଉଁଶିଆ ଜଙ୍ଗଲରେ ୩୦ରୁ ଊର୍ଦ୍ଧ୍ୱ ହାତୀପଲ ରହୁଥିବା ବେଳେ ମଙ୍ଗଳବାର ରାତିରେ ଆସକନ୍ଦ, ପଣ୍ଡୁପାଳ ଦେଇ ଆସି ବୁଢାବଳଙ୍ଗ ନଦୀ ପାରହୋଇ ନଦୀ କୂଳରେ ଥିବା ପରିବା ଓ ଗମ୍ଭାରିଆ ଗ୍ରାମରେ ପଶି ବ୍ୟାପକ କଦଳୀ ବଗିଚା ନଷ୍ଟ କରିଦେଇଛନ୍ତି। ହାତୀପଲରେ କେତେକ ଛୁଆ ହାତୀ ମଧ୍ୟ ଥିବା ଜଣାପଡ଼ିଛି। ଧାନକଟା ହୋଇଥିବାରୁ ଚାଷୀମାନେ ସହଳ ଅମଳ କରିଛନ୍ତି। ତେଣୁ କ୍ଷେତରେ ଧାନ ନ ପାଇ ହାତୀପଲ ଗାଁମୁହାଁ ହୋଇ ପରିବା ଚାଷ, କଦଳୀ ବାଡି ଏବଂ ଘର ଭାଙ୍ଗୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବିଦ୍ୟୁତ କାଟ କରାଯାଉଛି। ଗତ ୬/୭ବର୍ଷ ପୂର୍ବେ ଏହି ରାସ୍ତାରେ ୩ ଟିକିଆ ହାତୀପଲ ପାର ହୋଇଥିଲେ। ଏହି ଅଞ୍ଚଳ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇ ନ ଥିଲେ ହେଁ ହଠାତ ହାତୀପଲ ଆସି କ୍ଷୟକ୍ଷତି କରିବା ଚିନ୍ତାଜନକ ସାଜିଛି। ବୁଧବାର ସକାଳେ ଏହି ହାତୀପଲ ନଡପୁର-ଦଲକି ଜଙ୍ଗଲରେ ଥିଲେ। ସନ୍ଧ୍ୟାରେ ପୁଣି ଜଙ୍ଗଲରୁ ବାହାରି ଗମ୍ଭାରିଆ ଗାଁମୁହାଁ ହେଉଥିବା ସୂଚନା ମିଳିଛି। ତେବେ ହାତୀ ଚଳପ୍ରଚଳ ନେଇ ବନବିଭାଗ ପକ୍ଷରୁ ଆଗୁଆ ସତର୍କ ସୂଚନା ଦିଆଯାଉନାହିଁ। ପ୍ରାତଃ ଭ୍ରମଣ ଓ ବିଲରୁ ଧାନ ଅମଳକାରୀ ସେମାନଙ୍କ ସହିତ ମୁହାଁମୁହିଁ ହେଲେ ବିପଦ ଆଶଙ୍କା ଥିବାରୁ ବନବିଭାଗ ଦୃଷ୍ଟି ଦେବାକୁ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ ଦାବି କରିଛନ୍ତି।



ସେହିପରି କରଞ୍ଜିଆ ବନଖଣ୍ଡରେ ହାତୀ ଉପଦ୍ରବ ଥମିବା ନାଁ ଧରୁନାହିଁ। ପୃଥକ ସ୍ଥାନରେ ଅଛନ୍ତି ୩୬ଟି ହାତୀ। ଏହି ହାତୀପଲ ପାଇଁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱରେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ମଙ୍ଗଳବାର ବିଳମ୍ବିତ ରାତିରେ କରଞ୍ଜିଆ ରେଞ୍ଜ ଅନ୍ତର୍ଗତ ମିଲୁଡ଼ିହିଁ ଗାଁର ଗୋବିନ୍ଦ ଟୁଡୁ ଓ ସାଲଖୁ ଟୁଡୁ ଏବଂ ଗୌଡ ଗାଁର ନନ୍ଦ ନାଏକଙ୍କ ଘର ଭାଙ୍ଗିଦେଇଛନ୍ତି ଏହି ହାତୀପଲ। ଏପରିକି ଘରେ ଥିବା ସମସ୍ତ ଆସବାବପତ୍ର ମଧ୍ୟ ନଷ୍ଟ କରିଦେଇଛନ୍ତି। ହାତୀ ଏବଂ ମନୁଷ୍ୟକୁ ସୁରକ୍ଷା ଦେବାଲାଗି ବନ ବିଭାଗ କର୍ମଚାରୀ ମୁତୟନ ହୋଇଛନ୍ତି। ହାତୀ ରହୁଥିବା ଜଙ୍ଗଲରେ କାହାରିକୁ ନ ଯିବା ପାଇଁ ବାରଣ କରିଛି ବନ ବିଭାଗ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୨୫ ।୧୨(ସମିସ):** ବୁଧବାର ଅପରାହ୍ଣରେ କୁସୁମୀ ଗାଁର ବିଜୟ ନାଏକ (୪୦) ଓରଫ ବାହାଦୂର ନିକଟସ୍ଥ ହାଟବାଦଡା ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ଗଭୀର ପାଣିରେ ବୁଡିଯାଇଥିଲେ। ଦୀର୍ଘ ସମୟ ପରେ ସ୍ଥାନୀୟ ଲୋକେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଏହା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

## ସହର ନିକଟ ଜଙ୍ଗଲରେ ହାତୀପଲ

**ରାଇରଙ୍ଗପୁର, ୨୫ ।୧୨(ସମିସ):** ରାଇରଙ୍ଗପୁର ପୌର ପରିଷଦ ନିକଟରେ ଥିବା ଏକ ଜଙ୍ଗଲରେ ଏକ ୭ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ଗତ କିଛି ଦିନ ପୂର୍ବରୁ ଏହି ହାତୀପଲ ବାଦାମପାହାଡ଼ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ। ଏ ନେଇ ଅଞ୍ଚଳବାସୀ ଘଟଣା ସମ୍ପର୍କରେ ରାଇରଙ୍ଗପୁର ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ରାଇରଙ୍ଗପୁର ରେଞ୍ଜ ଅଧିକାରୀଙ୍କ ଅଧିକାଂଶ ସମୟ ମୋବାଇଲ ବନ୍ଦ ରହିଥିବାରୁ ସେମାନଙ୍କୁ ଅବଗତ କରାଯାଇପାରିନାହିଁ ବୋଲି ନିକଟସ୍ଥ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## କାର୍‌-ବାଇକ୍‌ ଧକ୍କା; ଯୁବକ ଗୁରୁତର

**ମହୁଲଡିହା, ୨୫।୧୨(ସମିସ):** ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ଶରତ ରାସ୍ତାର ସୁଦର୍ଶନ ପୁର ଛକ ନିକଟରେ ସଂଧ୍ୟାରେ ଏକ କାର ସହିତ ବାଇକ ମୁହାଁମୁହିଁ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଚମ୍ପାଝର ଗ୍ରାମପଞ୍ଚାୟତ ଜାମୁଖଞ୍ଜରୀ ଗ୍ରାମର ରମାକାନ୍ତ ମହାନ୍ତ (୪୨) ବାଇକରେ ଚମ୍ପାଝରରୁ ଘରକୁ ଫେରୁଥିବା ବେଳେ ସୁଦର୍ଶନପୁର ଛକରେ ଏକ କାର ସହିତ ଧକ୍କା ହୋଇଥିଲା। ପରିବାର ଲୋକେ ଖବର ପାଇ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରମାକାନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ମହୁଲଡିହା ଥାନା ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି।

## କୂଅରେ ପଡ଼ି ଜୀବନ ଗଲା

**ବେତନଟୀ, ୨୫ ।୧୨(ସମିସ):** ବେତନଟୀ ଥାନା ଖେଜୁରିଆ ଗ୍ରାମର ଜନୈକ ବ୍ୟକ୍ତି ଘରସାମ୍ନା କୂଅରୁ ପାଣି କାଢୁଥିବା ବେଳେ ଭାରସାମ୍ୟ ହରାଇ ଗଭୀର କୂଅ ଭିତରେ ଖସିପଡ଼ି ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଉଛନ୍ତି ଖେଜୁରିଆ ଗ୍ରାମର ଦୁଖୀଆ ସୋରେନ(୫୨)। ସେ ତାଙ୍କ ଘରସମ୍ମୁଖ କୂଅରୁ ପାଣି କାଢୁଥିବା ବେଳେ ଖସିପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ଅଗ୍ନିଶମବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବଡ଼ଦିନ ପାଇଁ ଖିଚିଂ ଅଞ୍ଚଳ ଚଳଚଞ୍ଚଳ

**ଖିଚିଂ, ୨୫।୧୨(ସମିସ):** ବଡ଼ଦିନ ପାଇଁ ଖିଚିଂ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ମୟୂରଭଞ୍ଜ ଜିଲ୍ଲାର ଆରାଧ୍ୟ ଦେବୀ ଖିଚିଂସ୍ଥିତ ମା’ କୀଚକେଶ୍ୱରୀଙ୍କ ପବିତ୍ର ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ଆଜି ମେଘୁଆ ପାଗ ସତ୍ତ୍ୱେ ବଡଦିନ ଲାଗି ଛୁଟି ଥିବାରୁ ବହୁ ଭକ୍ତ ମା’ଙ୍କୁ ଦର୍ଶନ କରି ସୁଖ, ସମୃଦ୍ଧି ଓ ଶାନ୍ତି କାମନା କରିଥିଲେ। ଏଥି ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଖିଚିଂ ପାର୍ଶ୍ୱବର୍ତ୍ତୀ ବୈତରଣୀ ଓ ଖଇରଭଣ୍ଡନ ନଦୀ କୂଳର ବଣଭୋଜି ସ୍ଥଳରେ ମଧ୍ୟ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

### ବେତନଟୀ ପ୍ରିମିୟର ଲିଗ୍‌
## ଆର୍ଯ୍ୟନ ଫାଇଟର୍ସ ବିଜୟୀ

**ବେତନଟୀ, ୨୫ ।୧୨(ସମିସ):** ବେତନଟୀ କ୍ରିକେଟ କ୍ଲବ (ବିସିସି) ଆନୁକୂଲ୍ୟରେ ପରିଚାଳିତ ବେତନଟୀ ପ୍ରିମିୟର ଲିଗ୍‌ ସିଜିନ-୧୧ର ୮ମ ଦିନରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆର୍ଯ୍ୟନ ଫାଇଟର୍ସ ବିଜୟୀ ହୋଇଛି। ଏହି ଖେଳ ଆର୍ଯ୍ୟନ ଫାଇଟର୍ସ ଏବଂ ମାଣତ୍ରୀ ଟାଇଟନ୍ସ ମଧ୍ୟରେ ହୋଇଥିଲା। ମାଣତ୍ରୀ ଟାଇଟନ୍ସ ୧୮.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୯ ରନ ସଂଗ୍ରହ କରିଥିଲା। ଜବାବରେ ଆର୍ୟନ ଫାଇଟର୍ସ ୧୬.୩ ଓଭରରେ ୫ ଉଇକେଟ ବିନିମୟରେ ୧୪୧ରନ ପୂର୍ବକ ସହଜ ବିଜୟ ହାସଲ କରିନେଇଥିଲା। ଆର୍ଯ୍ୟନ ଫାଇଟର୍ସର ହରିହର ମାହାନାଙ୍କୁ ଶିକ୍ଷାବିତ୍‌ ନରୋତ୍ତମ ମହାନ୍ତ ଅର୍ଥରାଶି ଦ୍ୱାରା ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ଅନୂପ ଦଣ୍ଡପାଟ ଏବଂ ପ୍ରକାଶଜ୍ୟୋତି ଆଦିତ୍ୟ ମ୍ୟାଚ ପରିଚାଳନା କରିଥିଲେ।

## ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳିତ



**ବାରିପଦା: ୨୫ ।୧୨(ସମିସ):** ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ସହିଦ ସ୍ମୃତି ଭବନରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଏଥିସହିତ ତାଙ୍କ ସ୍ମୃତିରେ ଏକ ଫଟୋ ପ୍ରଦର୍ଶନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ପ୍ରସିଦ୍ଧ ସାହିତ୍ୟିକ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ଆବାହକ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବାଜପେୟୀ ଜଣେ କବି, ସମାଜସେବୀ, ଲେଖକ, ପତ୍ରକାରଭାବେ ବେଶ ପରିଚିତ ଥିଲେ। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତିକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି କହିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ମନୋଜ ଦଳବେହେରା ପ୍ରମୁଖ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ସମସ୍ତ ପାଠ କରିଥିଲେ।

## ପୁରୁଣା ବାରିପଦା ପ୍ରିମିୟର ଲିଗ୍‌ ସିଜିନ୍‌-୪ ଉଦ୍‌ଘାଟିତ

**କୁଆମରା, ୨୫।୧୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଡିଭାଇନ୍‌ ୟୁଥ କ୍ଲବ୍‌ ଆନୁକୂଲ୍ୟରେ ହାଟ ପଡ଼ିଆଠାରେ ପ୍ରିମିୟର ଲିଗ୍‌ ସିଜିନ-୪ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ୬ଟି ଦଳ ଭାଗ ନେଇଥିଲେ। ତପନ ବେହେରା, ତାପସ ବେହେରା, ଅଶ୍ୱନୀ ମହାପାତ୍ର, ଜଗତ ଜୀବନ ବାରିକ, ଶିବାନୀ ଦାଶ ଓ ରାହୁଲ ଦାସ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ କର୍ଭ - ୧୧ ବନାମ ରୋଲେକ୍ସ - ୯୯୯ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋଲେକ୍ସ - ୯୯୯ ପ୍ରଥମେ କର୍ଭ - ୧୧କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ୧୫ ଓଭର ଖେଳି କର୍ଭ ଦଳ ୯ ୱିକେଟ ହରାଇ ୭୬ ରନ୍‌ ସଂଗ୍ରହ କରିଥିବା ବେଳେ ବିଜୟ ଲକ୍ଷ୍ୟ ରଖି ରୋଲେକ୍ସ ୭.୨ ଓଭର ୪ ୱିକେଟ ବିନିମୟରେ ୭୯ ରନ୍‌ କରି ସହଜ ବିଜୟ ଲାଭ କରିଥିଲା। ଏଥିରେ ରୋଲେକ୍ସ ଦଳର ଶିବା ସାହୁଙ୍କୁ ମ୍ୟାନ ଅଫ୍‌ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

## ମୟୂରଭଞ୍ଜ ପୁସ୍ତକ ମେଳା ❯ ପିଲାଙ୍କୁ ମୋବାଇଲରୁ ମୁକ୍ତ କରିବା ଅଭିଭାବକଙ୍କ ଦାୟିତ୍ୱ



**ବାରିପଦା, ୨୫।୧୨(ସମିସ):** ମୟୂରଭଞ୍ଜ ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବରେ ଯୋଗଦେଇ ପିଲାଙ୍କ ନିକଟରେ ବହି ପହଞ୍ଚାଇବାର ଦାୟିତ୍ୱ ପିତାମାତାଙ୍କ ବୋଲି ମତ ରଖିଥିଲେ। ନ ହେଲେ ଆଗାମୀ ପିଢି ମୋବାଇଲ କବଳରେ ପଡ଼ି ଦିନେ ଯନ୍ତ୍ର ମଣିଷରେ ପରିଣତ ହେବେ ବୋଲି ସେ ମତ ରଖିଥିଲେ। ବରିଷ୍ଠ ସାମ୍ବାଦିକ ଡ. ବିଜୟ ଅଗରୱାଲା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଭାଷାର ସୁରକ୍ଷାରେ ବହିର ଭୂମିକାକୁ ମୟୂରଭଞ୍ଜ ପୁସ୍ତକ ମେଳା ତାହା ପୂରଣ କରିପାରିଛି ବୋଲି ମତ ରଖିଥିଲେ। କେଏମବିଏମ ଏମ୍ପୋରିୟମର ନିର୍ଦ୍ଦେଶକ କୃଷ୍ଣ କୁମାର ଖଣ୍ଡେଲୱାଲା ତଥା ଏସଭିଏମ ଗ୍ରୁପର ଅଧ୍ୟକ୍ଷ ଇଂ ପ୍ରଭଞ୍ଜନ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମୟୂରଭଞ୍ଜ ପୁସ୍ତକ ମେଳାର ଉଦ୍ୟମକୁ ପ୍ରଶଂସା କରିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ଉପସଭାପତି କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଦସ୍ୟା ଭାସ୍ୱତୀ ପଣ୍ଡା ଅତିଥି ପରିଚୟ ଓ ସଦସ୍ୟ ଦୀପକ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

## ମୟୂରଭଞ୍ଜ ଡାକମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ




**ବାରିପଦା, ୨୫ ।୧୨(ସମିସ):** ମୟୂରଭଞ୍ଜ ଡାକମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ ସହିଦ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ରୂପେ ଯୋଗଦେଇ ଡାକ ବିଭାଗର ବିଭିନ୍ନ ସଞ୍ଚୟ ଯୋଜନା ସହ ସମାଜରେ ଏହି ସୁବିଧାରୁ ବଞ୍ଚିତ ଥିବା ଲୋକଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଯୋଗଦେଇ ଡାକ ବିଭାଗର ବିଶ୍ୱସନୀୟତା ତଥା ଡିଜିଟାଲ ଯୁଗରେ ନୂଆ ନୂଆ ଟେକ୍ନୋଲୋଜିରେ ହୋଇଥିବା ସାଇବର ଅପରାଧକୁ କିପରି ରୋକିହେବ ସେ ନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଝରଣା ବେହେରା ଡାକ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅବସରପ୍ରାପ୍ତ ସତର୍କତା ଅଧିକାରୀ ଭଗବାନ ସାମଲ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ମୟୂରଭଞ୍ଜ ଡାକମଣ୍ଡଳ ଅଧୀକ୍ଷକ ବସନ୍ତ କୁମାର ସିଂହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଏହି ଡାକ ମଣ୍ଡଳ ଗତ ବର୍ଷରେ ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଉଲ୍ଲେଖ କରିଥିଲେ। ଗୋଟାଏ ଦିନରେ ଥରେ ୧୧ ହଜାର ଓ ଆଉ ଥରେ ୧୫ହଜାର ୬୬୧ ଖଣ୍ଡ ମହିଳା ସମ୍ମାନ ସଞ୍ଚୟ ଜମା ଖାତା ଖୋଲିବାରେ ରେକର୍ଡ କରିଛି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନର ସହାୟତାରେ ଅଧିକ ସଂଖ୍ୟକ ମହିଳାଙ୍କୁ ଆର୍ଥିକ ଆନ୍ତର୍ଭୁକ୍ତିକରଣ କରି ମହିଳା ସଶକ୍ତିକରଣ କରିବାର ଲକ୍ଷ୍ୟ ନେଇ ମୟୂରଭଞ୍ଜ ଡାକ ମଣ୍ଡଳ କାର୍ଯ୍ୟ କରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଡାକ କର୍ମଚାରୀ ଏବଂ ଡାକ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶଷରେ ଡାକ ସହଅଧୀକ୍ଷକ ପ୍ରଣବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜମ୍ବିରା ଡ୍ୟାମ୍‌ରେ ୧୫ ହଜାର ପର୍ଯ୍ୟଟକ

**ଶୁଳିଆପଦା, ୨୫।୧୨ (ସମିସ):** ପବିତ୍ର ବଡ ଦିନରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଦେଉଳିସ୍ଥିତ ଜମ୍ବିରା ଡ୍ୟାମରେ ୧୫ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଏହି ଡ୍ୟାମର ବିସ୍ତୀର୍ଣ୍ଣ ମନୋରମ ଜଳରାଶି ପର୍ଯ୍ୟଟକଙ୍କୁ ଆକର୍ଷଣ କରିଛି। ପ୍ରତିବର୍ଷ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଶହ ଶହ ପର୍ଯ୍ୟଟକ ଏଠାକୁ ଆସି ଭୋଜିଭାତ ମଜା ଉଠାଇଥାନ୍ତି। ଏପରିକି ଏଠାରେ ବର୍ଷତମାମ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥାଏ। ବିଶେଷକରି ଶୀତ ଦିନେ ଅଧିକ ଭିଡ ଜମେ। ଡିସେମ୍ବର ୨୫, ଜାନୁଆରୀ ୧ ଓ ମକର ସଂକ୍ରାନ୍ତି ଭଳି ଦିନରେ ଏଠାରେ ବ୍ୟାପକ ଗହଳି ହୋଇଥାଏ। ପିକ୍‌ନିକ ପାଇଁ ଅଧିକାଂଶ ପର୍ଯ୍ୟଟକ ଦେଉଳି ଡ୍ୟାମକୁ ବାଛିଥାନ୍ତି; ହେଲେ ଏଠାରେ ସର୍ବନିମ୍ନ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକ ଥରେ ଆସିଲେ ପୁଣି ଆସିବାକୁ ଅମଙ୍ଗ ହୁଅନ୍ତି। ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ରୋଷେଇ ପାଇଁ ବାହାର ପାଣି ଉପରେ ନିର୍ଭର କରିବାକୁ ପଡୁଛି। ଡ୍ୟାମର ଉଚ୍ଚତା ବୃଦ୍ଧି କାରଣରୁ ପାଣି ବ୍ୟବହାର କରିବା ସମ୍ଭବ ହେଉନାହିଁ। ସେହିପରି ନିକଟରେ କୌଣସି ଦୋକାନ ନ ଥିବାରୁ ଲୋକେ ଅସୁବିଧାନ ଭୋଗିଥାନ୍ତି। ପରିବାର ସହ ଆସୁଥିବା ଲୋକେ ସେମାନଙ୍କ ଛୋଟ ପିଲାଙ୍କ ସହିତ ଆସୁଥିବାରୁ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କୌଣସି ବ୍ୟବସ୍ଥା ନ ଥିବାର ଖରାବର୍ଷାରେ ପର୍ଯ୍ୟଟକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ବ୍ୟବସ୍ଥା ନଥିବାରୁ ମହିଳାମାନେ ଅନେକ ସମୟରେ ଅସୁବିଧାରେ ପଡୁଛନ୍ତି। ଏଣେ ତେଣେ ବଳକା ଖାଦ୍ୟ ଓ ଖଲିପତ୍ର ପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ତେଣୁ ସ୍ଥାୟୀ ସମାଧାନ ପାଇଁ ଦାବି ହେଉଛି। ଏ ଦିଗରେ ପ୍ରଶାସନ ଓ ସ୍ଥାନୀୟ ନେତୃତ୍ୱ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏଠାକୁ ପର୍ଯ୍ୟଟକ ଶୂନ୍ୟ ହୋଇଯିବ।



## ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ❯ ସାଙ୍ଗ ନେଲା ଜୀବନ; ଅଭିଯୁକ୍ତ ଦୁର୍ଗା ଗିରଫ







**ଯୋଡା, ୨୫।୧୨(ସମିସ)**

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଆଶ୍ରୟ ଦେଇ ନିଜେ ହିଁ ନିଜ ସାଙ୍ଗକୁ ହତ୍ୟା କରିଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ହାତୁଡିରେ ପିଟି ପିଟି ସାଙ୍ଗ ନେଲା ସାଙ୍ଗର ଜୀବନ। ଯୋଡ଼ା ପୌରାଞ୍ଚଳର ୬ ନଂ ୱାର୍ଡ ବାଚୁହଟିଂରେ ଭାଗବତ ବେଶ୍ରାଙ୍କୁ ସାଂଗ ଦୁର୍ଗା ନାଏକ ହତ୍ୟା କରିଛି। ଏହି ହତ୍ୟାକାଣ୍ଡ ବେଳେ ଦଶରଥ କାରୁଆ ନାମକ ଅନ୍ୟଜଣେ ବ୍ୟକ୍ତି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୮ ଟାରେ ଏହି ଘଟଣାର ଖବର ପାଇ ପୁଲିସ୍‌ ସାଇଣ୍ଟିଫିକ୍‌ ଟିମ ସହ ଅନୁସନ୍ଧାନ ଆରମ୍ଭ କରିବା ସହ ବୁଧବାର ଅପରାହ୍ଣରେ ପୁଲିସ ଅଭିଯୁକ୍ତ ଦୁର୍ଗା ନାଏକକୁ ନିକଟସ୍ଥ ଝରଣ ଜଙ୍ଗଲରୁ ଗିରଫ କରିଛି। ଏନେଇ ଯୋଡା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ମୃତ ଭାଗବତଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ, ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳହ ହୋଇଥାଏ। ଦୁଇ ସପ୍ତାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ପରେ ଭାଗବତ ଘରୁ ପଳାଇ ଆସି ଅଳ୍ପ କିଛି ଦୂରରେ ରହୁଥିବା ତାଙ୍କ ସାଙ୍ଗ ଦୁର୍ଗା ନାଏକଙ୍କ ଘରେ ରହି ଆସୁଥିଲେ। ବୁଧବାର ସକାଳୁ ଘର ଭିତରେ ଭାଗବତ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡ଼ିଥିଲେ। ଅନ୍ୟପକ୍ଷରେ ଆହତ ହୋଇଥିବା ଦଶରଥ କାରୁଆଙ୍କ କହିବାନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗା ନାଏକ ଓ ଭାଗବତଙ୍କ ମଧ୍ୟରେ ରୋଷେଇ କାର୍ଯ୍ୟକୁ କେନ୍ଦ୍ରକରି ମଧ୍ୟରେ ବଚସା ହୋଇଥିଲା। ଏହାପରେ ଦୁର୍ଗା ମଦ ଆଣିବାକୁ ଯାଇଥିବା ବେଳେ ଦଶରଥ ଏବଂ ଭାଗବତ ବେଶ୍ରା ଘରେ ରୋଷେଇ କରୁଥିଲେ। ରାତି ରେ ଦୁର୍ଗା ନିଶାସକ୍ତ ହୋଇ ମଦ ନେଇ ଫେରିବା ପରେ ହଠାତ୍‌ ଏକ ହାତୁଡ଼ି ନେଇ ପ୍ରଥମେ ଭାଗବତକୁ ଆକ୍ରମଣ କରିଥିଲା। ଏହାପରେ ଭାଗବତକୁ ବଞ୍ଚାଇବାକୁ ଦଶରଥ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା ଦୁର୍ଗା। ସେଠାରୁ ଜୀବନ ବଞ୍ଚାଇ ଦଶରଥ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଭାଗବତକୁ ଏକ ହାତୁଡ଼ିରେ ଦୁର୍ଗା ପିଟି ହତ୍ୟା କରିଥିଲା। ପ୍ରାୟ ୫ ବର୍ଷ ତଳେ ଦୁର୍ଗା ନିଜ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଜେଲ୍‌ ମଧ୍ୟ ଯାଇଥିଲା। ଯୋଡା ପୁଲିସ୍‌ ଅଧିକାରୀ ଲୋକେଶ ସାହୁଙ୍କ ସହ ବଡ଼ବିଲ ଆଡ଼ିସନାଲ ଏସପି ପ୍ରତ୍ୟୁଷ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ଜଳିଗଲା ତିନି ବଖରା

**କୁଆଖିଆ ୨୫ ।୧୨(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ବଡ଼ କଇଁଚି ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ତିନି ବଖରା ଚାଳଘର ପୋଡ଼ି ପାଉଁଶ ହୋଇ ଯାଇଛି । ଘଟଣା ଅନୁଯାୟୀ ଗତକାଲି ଉକ୍ତ ଗ୍ରାମର ପ୍ରମେଶ ମଲିକ ଓ କୈଳାସ ମଲିକଙ୍କ ପରିବାର ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧୨.୩୦ ମଧ୍ୟରେ ଘର ନିଆଁ ଲାଗି ଅଚାନକ ଜଳୁଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକେ ଘର ବାହାରକୁ ଆସି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରି ବିଫଳ ହେବାରୁ ରସୁଲପୁର ଦମକଳ ବାହିନୀକୁ ଖବର ଦେଇଥିଲେ । ମାତ୍ର ରସୁଲପୁର ଦମକଳ ବାହିନୀରେ ବର୍ତ୍ତମାନ କର୍ମଚାରୀ ମାନେ ନୂଆ ଥିବାରୁ ସେମାନେ ଲୋକେସନ୍ ବିଷୟରେ ଅବଗତ ହୋଇ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଘର ନିକଟରେ ଥିବା ୧୧ କେଭି ବିଦ୍ୟୁତ ତାର ନିଆଁ ଲିଭାଳିଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା । ବିଭାଗୀୟ ଯନ୍ତ୍ରୀ ଘଟଣା ସମ୍ପର୍କରେ ଅବଗତ ହୋଇ ମଧ୍ୟ ବିଳମ୍ବରେ ଲାଇନ୍ କାଟିଥିଲେ । ଯାହାଫଳରେ ଘର ଭିତରୁ କୌଣସି ଜିନିଷ ଉଦ୍ଧାର ହୋଇ ନ ପାରି ସମ୍ପୂର୍ଣ୍ଣ ଜଳି ଯାଇଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡ଼ିଛି । ନିଆଁ ଲାଗିବାର କାରଣ ଜଣାପଡ଼ି ନଥିବା ବେଳେ ବିଦ୍ୟୁତ ସଟ୍ ସର୍କିଟ୍ ଯୋଗୁଁ ଏପରି ହୋଇଛି ବୋଲି ଆଲୋଚନା ହେଉଛି । ତେବେ ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି ଉକ୍ତ ପରିବାରଙ୍କୁ ଜରିପାଲ ଏବଂ ସାମୟିକ ସହଯୋଗ କରିଥିବା ଜଣାପଡ଼ିଛି । ବର୍ତ୍ତମାନ ଲଘୁଚାପଜନିତ ବର୍ଷା ଏବଂ ଶୀତ ଦାଉରୁ ରକ୍ଷା ପାଇଁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

## ବାତ୍ୟା ସମୟରେ ରନ୍ଧା ଖାଦ୍ୟ ଦୁର୍ନୀତି

# ତହସିଲ ଆଗରେ କୃଷକ ସଂଗଠନର ଧାରଣା

**ବରୀ, ୨୫ ।୧୨(ସମିସ)**



ବରୀ ବ୍ଲକରେ ବାତ୍ୟା 'ଦାନା'ବେଳେ ରନ୍ଧାଖାଦ୍ୟ ଦୁର୍ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ହୋଇଥିବା ବାତ୍ୟା ଠାରୁ 'ଦାନା' ବାତ୍ୟାରେ ଏଠାରେ ପ୍ରଭାବ ସମ୍ପୂର୍ଣ କମ୍ ରହିଥିବା ବେଳେ ୧୯ ଲକ୍ଷ ଟଙ୍କା ବିଲ୍ ହେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଯାହାକୁ ନବନିର୍ମାଣ କୃଷକ ସଂଗଠନ ବିରୋଧ କରି ଜିଲାପାଳଙ୍କୁ ଅଭିଯୋଗ କଲାପରେ ମଙ୍ଗଳବାର ଦିନ ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା । ସଂଗଠନର ରାଜ୍ୟ ସଂଯୋଜକ ନିମାଇ ରାୟଙ୍କ ନେତୃତ୍ୱରେ ବ୍ଲକ ସଂଯୋଜକ ମାଧବାନନ୍ଦ ଶାନ୍ତି, ବଲ୍ଲଭ ଜେନା, ଅରୁଣ ସାମଲ, ନରହରି ଦାସ, ଅଭିରାମ ଦାସ, ମୃତ୍ୟୁଞ୍ଜୟ ପାତ୍ର, ଶ୍ରୀଧର ମହଲ, ଜୀବନ ଜେନା, ପ୍ରଫୁଲ ମହାନ୍ତିଙ୍କ ସମେତ ବହୁ ଚାଷୀ ଏହି ଧାରଣାରେ ବସି ରହିଥିଲେ । ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ନଥିଲେ । ସମସ୍ତ ସରକାରୀ କର୍ମଚାରୀ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଏହି ମିଥ୍ୟା ବିଲ୍‌ରେ ସାମିଲ ଥିବାରୁ ସେମାନେ ଧାରଣା ସ୍ଥଳକୁ ଆସି ପାରୁନାହାନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସେହିପରି ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିବା ବେଳେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀଙ୍କୁ ଘଟଣାର ତଦନ୍ତ ପାଇଁ ଦାୟିତ୍ୱ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ରାଜ୍ୟ ସଂଯୋଜକ ଶ୍ରୀ ରାୟ କହିଛନ୍ତି । କାରଣ ବାତ୍ୟା ସମୟରେ ବରୀର ନୋଡାଲ ଅଧିକାରୀ ଭାବେ ଏହି କାର୍ଯ୍ୟ ଦାୟିତ୍ୱରେ ଥିଲେ । ତାଙ୍କର କାର୍ଯ୍ୟ ଧାରାରେ ହୋଇଥିବା ଦୁର୍ନୀତିକୁ ସେ କିପରି ତଦନ୍ତ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବୁଧବାର ବଡ଼ଦିନ ଛୁଟି ଥିବାରୁ ପରଦିନ ଅର୍ଥାତ ଗୁରୁବାର ୨୬ ତାରିଖଠାରୁ ଏହି ଧାରଣା ଚାଲୁ ରହିବ ବୋଲି ସଂଗଠନ ସୂଚନା ଦିଆଯାଇଛି ।

# ଗ୍ରାମ୍ୟସେବକ ସଂଗଠନର ବାର୍ଷିକ ଉତ୍ସବ

**କୁଆଖିଆ ୨୫ ।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତ ବାଲିପାଟଣା ସ୍ଥିତ ସମାଜସେବୀ ସଙ୍ଘ 'ଗ୍ରାମ୍ୟ ସେବକ ସଙ୍ଗଠନ'ର ଚତୁର୍ଥ ବାର୍ଷିକ ଉତ୍ସବ ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ନୈତିକ ବିକାଶ ଦିଗରେ ସରକାରୀ ପ୍ରଚେଷ୍ଟା ଯଥେଷ୍ଟ କି ଶୀର୍ଷକରେ ବିତର୍କ ପ୍ରତିଯୋଗିତା କରାଯାଇଥିଲା । ମୁଗପାଳ ଉଚ୍ଚ ବିଦ୍ୟାଳୟର ସ୍ନିଗ୍ଧା ପ୍ରିୟଦର୍ଶିନୀ ସାହୁ ପ୍ରଥମ, ନରସିଂହପୁର ଉଚ୍ଚ ବିଦ୍ୟାଳୟର ଅରୂପ ମହାନ୍ତି ଦ୍ୱିତୀୟ ଓ ମୁଗପାଳ ଉଚ୍ଚ ବିଦ୍ୟାଳୟର ଅଗ୍ନେଶା ପ୍ରିୟଦର୍ଶିନୀ ସାହୁ ତୃତୀୟ ହୋଇଥିଲେ । ସଙ୍ଗୀତରେ ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟର ରନେଦ୍ ପରିଜ୍ୱନ୍ ପ୍ରଥମ, ମା' ଖଗେଶ୍ୱରୀ ବିଦ୍ୟାୟନର ପ୍ରାଚୀ ମହାରଣା ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ମୁଗପାଳ ଉଚ୍ଚ ବିଦ୍ୟାଳୟର ରାବେୟା ଫାତେମ୍ । ବିତର୍କରେ ବିଚାରକ ଭାବେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବ୍ରହ୍ମାନନ୍ଦ ସାହୁ, ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟାପିକା ପ୍ରଜ୍ଞାଶ୍ରି ପୃଷ୍ଟି, ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ଏବଂ ସଙ୍ଗୀତରେ ଶିକ୍ଷକ ସିଦ୍ଧାର୍ଥ ପଣ୍ଡା, ନିର୍ମଳ ଦାସ ଓ ଆଲୋକ ଦାସ ଯୋଗଦେଇଥିଲେ । ସଙ୍ଗଠନର ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ସଙ୍ଘ ପକ୍ଷରୁ ସମସ୍ତ ବିଚାରକ ଏବଂ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂଘ ସଦସ୍ୟ ପ୍ରବୀଣ ସାହୁ ସଭା ପରିଚାଳନା ଓ କିଶୋର ଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ । କିରଣ ମହାରଣା, ନିହାର ସାହୁ, ଅଶୋକ ବେହେରା, ଆସିକ୍ ଖାନ୍ ଓ ଧରିତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବାର୍ଷିକୋତ୍ସବ

**ରଗଡ଼ି, ୨୫ ।୧୨(ସମିସ):** ଅବସରପ୍ରାପ୍ତ ବ୍ୟକ୍ତି ଅନୁଭବୀ ଓ ଅଭିଜ୍ଞ । ସେମାନଙ୍କ ପରାମର୍ଶ ଗ୍ରହଣ କଲେ ସମାଜରେ ପରିବର୍ତ୍ତନ ଆସିପାରିବ । କୋରେଇ ବ୍ଲକ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ରଗଡ଼ିର ୨୦ତମ ବାର୍ଷିକୋତ୍ସବରେ ଯୋଗଦେଇ ଅତିଥି ମାନେ ଉକ୍ତ ମନ୍ତବ୍ୟ ଦେଇଥିଲେ । ସ୍ଥାନୀୟ ପରମାନନ୍ଦପୁର ସ୍ଥିତ ମା' କାମୁଡେଇ ପୀଠ ପରିସରରେ ଥିବା ସଂଘ କାର୍ଯ୍ୟାଳୟର ସଭା ଗୃହରେ ବାବାଜୀ ଚରଣ ଚକ୍ରଙ୍କ ସଭାପତିତ୍ୱ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଣକୃଷ୍ଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଦୁଷ୍ମନ୍ତ କୁମାର ନାୟକ, ମୁଖ୍ୟବକ୍ତା ଝଡେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଡ.ଅକ୍ଷୟ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଯାଜପୁର ଜିଲ୍ଲା ଆବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଉପସଭାପତି ଡା. ଯଦୁମଣି ଦାସ ଓ କୈଳାସ ଚନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିଲେ । ଶରତ କୁମାର ଦାସ ଅତିଥି ପରିଚୟ, ଜଗତ ବାଲ୍ଲଭ ସ୍ୱାଇଁ ସମ୍ପାଦକୀୟ ବିବରଣୀ ଓ ବିଜୟୀ କୁମାର ଶତପଥୀ ମାନପତ୍ର ପାଠ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ହରିହର ଜେନା ଓ ଅଭିରାମ ଜେନା ତଥା ଗତ ମ୍ୟାଟ୍ରିକ ପରୀକ୍ଷା ରେ ସ୍କୁଲ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥବା ଅଞ୍ଜଳି ମଲ୍ଲିକ, ବିଶ୍ୱଜିତ ସାହା, ପ୍ରମୋଦ କୁମାର ସାହୁ, ସ୍ମୃତିପ୍ରଭା ଆଚାର୍ଯ୍ୟ, ଶୁଭଙ୍କର ଜେନା, କାହ୍ନା ବାରିକ, ରୁଦ୍ରନାରାୟଣ କର, ମାମୁନି ରାଉତ, ସୌମ୍ୟା ବେହେରା, ମନୀଷା ମହାନ୍ତି, ଶୁଭଶ୍ରୀ ନାୟକ, କ୍ରିଷ୍ଣା ସ୍ୱାଇଁ ଓ ସାଇ ପଲ୍ଲବୀ ବିଶ୍ୱାଳଙ୍କୁ ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସଂଘର ବାର୍ଷିକ ବିଶେଷାଙ୍କ ଅବସରଓ ମଙ୍ଗୁଳି ଚରଣ ଦାସଙ୍କ କବିତା ସଂକଳନ କବିତା ବଟିକାକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ସଂଘ ପ୍ରତିଷ୍ଠାତା ସୁନୀଲ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ । ସଭାପତି ସଂଘର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ମଦନ ମୋହନ କର ଧନ୍ୟବାଦ ଦେଇଥିଲେ । ଦେବେନ୍ଦ୍ର ଆଚାର୍ଯ୍ୟ, ରବିନାରାୟଣ ଦାସ, ବସନ୍ତ କର, ପୁରସ୍ତମ ମହାରଣା ଓ ଦୁର୍ଯୋଧନ ମଲ୍ଲିକଙ୍କ ସମେତ ଅନ୍ୟ ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିଦୃପା ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ୟାପକ ଅନିୟମିତତା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ସିଡିପିଓଙ୍କ ଅଭିଯୋଗ ଶୁଣାଣି ଶିବିର



**ବରୀ, ୨୫।୧୨(ସମିସ) :** ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତ ବିଦୃପା ଅଙ୍ଗନବାଡି କେନ୍ଦ୍ରରେ ବ୍ୟାପକ ଅନିୟମିତତାର ତଦନ୍ତ ଦାବିକରି ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବରୀ ସିଡିପିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ଜିଲ୍ଲାପାଳ ତୁରନ୍ତ ବିଦୃପା ଅଙ୍ଗନବାଡି କେନ୍ଦ୍ରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ କରି ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ସିଡିପିଓ ସଙ୍ଗୀତା ଏଧା ଏବଂ ସୁପର ଭାଇଜର ରେଖମଣୀ ପରିଡ଼ା ବିଦୃପା ସରକରୀ ଉପ୍ରା ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିଥିଲେ । ପୂର୍ବରୁ ସେଠାର ଉପସ୍ଥିତ ଶତାଧିକ ମହିଳା ପ୍ରକାଶ କରିଥିଲେ ଯେ ଏହି କେନ୍ଦ୍ରରେ ଶିଶୁ ମାନଙ୍କୁ କେବେ ବି ସକାଳ ଜଳଖିଆ ଦିଆଯାଉ ନଥିଲା । ଦୀର୍ଘ ଦିନ ହେବ ଏଠାରେ ରୋଷେଇ ହେଉନାହିଁ କି ଗରମ ରନ୍ଧା ଖାଦ୍ୟ ଦିଆ ଯାଉନାହିଁ । ଗର୍ଭବତୀ, ପ୍ରସୂତି ଏବଂ କୁମାରୀ କନ୍ୟା ମାନଙ୍କ ପାଇଁ ଆସୁଥିବା ଅଣ୍ଡା, ଛତୁଆ, ମୁଢ଼ି, ଭଜା ସୋଲା ଓ ବାଦାମ ଲଡୁ ପ୍ରଭୃତି ସଠିକ୍ ସମୟରେ, ସଠିକ୍ ପରିମାଣର ପ୍ରଦାନ କରାଯାଉ ନାହିଁ । ରୋଷେଇ ନ ହେବା ଅଭିଯୋଗର ଉତ୍ତରରେ ଅଙ୍ଗନବାଡି କର୍ମୀ ସ୍କୁଲ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ରରୁ ତାଲା ଭାଙ୍ଗି ଗ୍ୟାସ ଟାଙ୍କି ଓ ରୋଷେଇ ଉପକରଣ ବାରମ୍ବାର ଚୋରି ହେବାରୁ ସେ ଏଠାରେ ରୋଷେଇ ବନ୍ଦ କରିଛନ୍ତି ବୋଲି କହିଥିଲେ । ଏଠାରେ ପ୍ରଶ୍ନ ଉଠେ ରୋଷେଇ ଯଦି ବନ୍ଦ ଅଛି, ତେବେ ବିଭାଗ ପକ୍ଷରୁ ଗ୍ୟାସ ପାଇଁ ଆସୁଥିବା ଅର୍ଥ କାହିଁକି ଉଠାଣ କରାଯାଉଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରରେ ରୋଷେଇ ହେଉ ନଥିବା ବେଳେ ସ୍କୁଲର ପାଚିକାଙ୍କ ବଦଳିଆ ଭାବେ ରୋଷେଇ କରୁଛନ୍ତି ଅଙ୍ଗନବାଡି ସହାୟିକା । ତଦନ୍ତ ସମୟରେ କେନ୍ଦ୍ରର ବଣ୍ଟନ ଖାତାରେ ହିତାଧିକାରୀଙ୍କ ନାମ ରହିଥିବା ବେଳେ ପିତା ବା ସ୍ୱାମୀଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ । କିମ୍ବା ପରିମାଣ ମଧ୍ୟ ଲେଖାଯାଇ ନାହିଁ । ଏହି ଘଟଣାର ସଠିକ୍ ତଦନ୍ତ କରି ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଅନଶନରେ ବସିବେ ବୋଲି ସାଗରିକା ନାୟକ, ମନସ୍ୱିନୀ ଧଳ, ସୁନୀତା ଧଳ, ଝୁମୁରି ମଲିକ, ଇତି ମଲିକ, ମାନସୀ ଧଳ, ମାଳବିକା ଧଳ, ହେମଲତା ଧଳ ଓ ପ୍ରସାନ୍ତ ଧଳ, ବିବେକାନନ୍ଦ ଧଳ, ଦୀପକ କୁଣ୍ଡୁ, ମହେଶ୍ୱର ମଲିକ, ଧରଣୀ ମଲିକ ପ୍ରମୁଖ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ବ୍ୟାସନଗର ୨୫ ।୧୨(ସମିସ):** ବ୍ୟାସନଗର ମୁଣ୍ଡମାଳସ୍ଥିତ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ବରିଷ୍ଠ ଆଇନଜୀବୀ ତଥା ବିଦ୍ୟାଳୟର ପୂର୍ବତନ ସମ୍ପାଦକ ରଜତ କୁମାର ରାଉତ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ମୁଖ୍ୟବକ୍ତା ଶିବନାରାୟଣ ସିଂ (ସଭାପତି, ଉତ୍ତରପୂର୍ବ ସମ୍ଭାଗ, ଶିକ୍ଷା ବିକାଶ ସମିତି ଓଡ଼ିଶା) ଅଂଶ ଗ୍ରହଣ କରି ଶିକ୍ଷା ବିକାଶ ସମିତିର ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହ ବିଦ୍ୟାଳୟର ଭବିଷ୍ୟତ ଉଜ୍ଜ୍ୱଳ କରିବାର ମାର୍ଗଦର୍ଶନ କରିଥିଲେ । ବିଦ୍ୟାଳୟର ସଭାପତି ବିଜୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମ୍ପାଦକ ଦିଲୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ପରେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କ ନାମ ଘୋଷଣା ପୂର୍ବକ ପୁରସ୍କାର ପ୍ରଦାନ କରିଥିଲେ । ଉତ୍ସବରେ ପୂର୍ବତନ ସଭାପତି ତଥା ବିଦ୍ୟୁତ୍ ପରିଷଦର ଅଧକ୍ଷ ଦିଗନ୍ତ କୁମାର ରାଉତ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଉପସଭାପତି ଦୁର୍ଯୋଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା ସମିତିର



କୋଷାଧକ୍ଷ ରମେଶ ଚନ୍ଦ୍ର ବେହେରା, ସଭ୍ୟା କବିତା ପଲାର ଉପସ୍ଥିତ ଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଶଶୀଭୂଷଣ ମିଶ୍ରଙ୍କ ସ୍ମୃତିଚାରଣ ସଭା

ବ୍ୟାସନଗର, ୨୫ ।୧୨(ସମିସ): ଯାଜପୁରରୋଡ୍‌ର ଖ୍ୟାତନାମା ବ୍ୟବସାୟୀ ଶଶୀଭୂଷଣ ମିଶ୍ରଙ୍କ ଦ୍ୱାଦଶାହରେ ବିଶିଷ୍ଟ କବି କୁଳମଣି ଦଉଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କବି ଘନ ପରିଡ଼ା ମୁଖ୍ୟଅତିଥି, ଝାଡ଼େଶ୍ୱର କଲେଜ ଅଧକ୍ଷ ଡ. ଅକ୍ଷୟ ପଣ୍ଡା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଗିରିଧାରୀ ଚାନ୍ଦ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କର ଜାମାତା ପ୍ରାକ୍ତନ ଅଧକ୍ଷ ଡ. ଯୁଗଳ ହୋତା ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ମିଶ୍ର, ବିଜୟ ଶତପଥୀ, ସୁବାସ ପଣ୍ଡା, ହରେକୃଷ୍ଣ ସାହୁ, ସାମ୍ବାଦିକ ଦୁଷ୍ମନ୍ତ ରାଉତ, ନାତି ଇଂ ଅଭିଷେକ ହୋତା, ଦିବ୍ୟଲୋଚନ ମହାପାତ୍ର, ଶେଖର ମିଶ୍ର ଓ ବିଶ୍ୱଭୂଷଣ ମହାପାତ୍ର, ନାତୁଣୀ ମାମୁନି ହୋତା, ସୋନାଲୀ ମିଶ୍ର, ବର୍ଷା ମିଶ୍ର ଓ ଲିସା ମିଶ୍ର ଯୋଗ ଦେଇଥିଲେ । ଜ୍ଞାନ ରାଉତ ଧନ୍ୟବାଦ ଦେଇଥିଲେ ।

## ଯାଜପୁରରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

# ସରକାରୀ ସେବା ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ



**ଯାଜପୁର ୨୫ ।୧୨(ସମିସ)**

ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କହିଲେ, ସମଗ୍ର ଦେଶକୁ ସୁଶାସନ ଦେବାରେ ଅଟଳ ବିହାରୀ ବାଜପେୟୀ ଅନନ୍ୟ ଥିଲେ । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ତାଙ୍କ ବକ୍ତବ୍ୟରେ କେମିତି କମ ସରକାର ଓ ସର୍ବାଧିକ ସୁଶାସନ ମଡେଲରେ କାମ କରି ପାରିବା ସେ ସମ୍ପର୍କରେ କହିଥିଲେ । ସରକାରଙ୍କ ବିଭିନ୍ନ ସେବା ଓ ଜନ କଲ୍ୟାଣ ଯୋଜନା ଗୁଡିକ ଲୋକମାନଙ୍କ ପାଖରେ ପହଞ୍ଚିପାରିବ ଏବଂ ଲୋକମାନେ ବିନା ସମସ୍ୟାରେ ଯେଉଁ ସୁବିଧା ପାଇବା କଥା ସେମାନେ ପାଇପାରିବେ । ଏଥିରେ ଡିଜିଟାଲ ଗଭର୍ଣ୍ଣାନ୍ସର ମୁଖ୍ୟ ଭୂମିକା ରହିଛି । ଆଗାମୀ ଦିନରେ ଆହୁରି ଉତ୍ତମ ଭାବେ ସୁଶାସନ ମଡେଲକୁ ଯିବାପାଇଁ ଆଜି ବକ୍ତାମାନେ ଆଲୋଚନା କରିଛନ୍ତି । ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ନିଜର ଅଭିଭାଷଣରେ କହିଥିଲେ ଯେ, ବାଜପେୟୀ ଏକଧାରାରେ ଜଣେ ବଳିଷ୍ଠ କର୍ମଠ, ଦକ୍ଷ, ସୁସାହିତ୍ୟିକ, ବିଶିଷ୍ଟ କବି, ସାମ୍ବାଦିକ, ସଂଗଠକ, ସମ୍ପାଦକ, ରାଜନୈତିକ ବ୍ୟକ୍ତିତ୍ୱ ଥିଲେ । ଜୟ ଜବାନ, ଜୟ କିଷାନ ପରେ ଜୟ ବିଜ୍ଞାନକୁ ସେ ଯୋଡ଼ିଥିଲେ । ପ୍ରାରମ୍ଭରେ ବିଶିଷ୍ଟ କବିମାନଙ୍କ ଦ୍ୱାରା ଦେଶାତ୍ମବୋଧକ ଏବଂ ବାଜପେୟୀଙ୍କ ଜୀବନାଦର୍ଶ ଲିଖିତ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳନ ଅବସରରେ ହୋଇଥିବା ଉଚ୍ଚ ବିଦ୍ୟାଳୟ ସ୍ତରୀୟ (ବାଜପେୟୀଙ୍କ ଜୀବନାଦର୍ଶ ସମ୍ବନ୍ଧିତ) ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଶିଷ୍ଟ କବି, ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ସୋନାଲି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କୋତପୁର ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମାବେଶ

**ଜାରକା, ୨୫ ।୧୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ଜାଗୁଳାଇ ହାଇସ୍କୁଲର ୧୯୭୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଜନକ ଗ୍ରାମସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ୟାଚ୍‌ର ଛାତ୍ର ତଥା ଅବସରପ୍ରାପ୍ତ ପ୍ରଶାସକ ନକୁଳ ଚନ୍ଦ୍ର ଜେନାଙ୍କ ଦ୍ୱାରା ଆୟୋଜିତ ଓ ସଭାପତିତ୍ୱରେ ତଥା ଉମାକାନ୍ତ ବଳଙ୍କ ସଂଯୋଜନାରେ ଅତିଥି ଭାବେ ବ୍ୟାଚ୍ ଗୁରୁ ଅନନ୍ତ ଚରଣ ସାହୁ, ସାହିତ୍ୟିକ ଡକ୍ଟର ଭାଗ୍ୟଧର ସାହୁ, ନିର୍ମଳ ଚନ୍ଦ୍ର ରାୟ ଯୋଗଦେଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ବଳିୟାର ସିଂହମହାପାତ୍ର, ସନ୍ତୋଷ ଜେନା, ହରିଶ୍ଚନ୍ଦ୍ର ରାଉତ, ପ୍ରତାପ ଜେନା, ଗଗନ ଜେନା, ଈଶ୍ୱର ଜେନା, ଡ. ମହେଶ୍ୱର ଜେନାସାମନ୍ତ, ବଳରାମ ମହାନ୍ତି, ମନୋରଞ୍ଜନ ଜେନା, ଅଧୀର ଜେନା, ରତିକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ନିରଞ୍ଜନ ଦାଶ ମଙ୍ଗଳାଚରଣ, ସଙ୍ଗୀତା ଦେଓ ପ୍ରାରମ୍ଭିକ ସଙ୍ଗୀତ, ଅରୁନ୍ଧତୀ ରାୟ ଭଜନ ଗାନ କରିଥିବାବେଳେ ଜ୍ୟୋତ୍ସ୍ନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୁରୁକୁଳ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ବଡ଼ଚଣା, ୨୫।୧୨(ସମିସ):** ହରିଦାସପୁରସ୍ଥ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅରୋମା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାସଭା ସଚିବ ଦାଶରଥି ଶତପଥି ପ୍ରାଚୀନ ଗୁରୁକୂଳ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଗୁରୁକୂଳ ପବ୍ଲିକ ସ୍କୁଲର ଅବଦାନକୁ କରିଥିଲେ । ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ପ୍ରେମାନନ୍ଦ ମହାପାତ୍ର ବିଭିନ୍ନତା ମଧ୍ୟରେ ଏକତା ଆମ ଦେଶର ବୈଶିଷ୍ଟ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଅଭୟ ଜେନା ଯୋଗ ଦେଇଥିଲେ । ବିଦ୍ୟାଳୟର ସିଇଓ ପ୍ରବୀର କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧକ୍ଷ ପ୍ରଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ । ଉତ୍ସବ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ଏନ୍‌ସି କଲେଜ ସ୍ନାତକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମାବେଶ



**ଯାଜପୁର, ୨୫ ।୧୨ (ସମିସ):** ଯାଜପୁରସ୍ଥ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ୧୯୯୩ ସ୍ନାତକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ବିରଜା ମନ୍ଦିର ସନ୍ନିକଟ ବିରଜା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ୧୯୮୮ରେ +୨ ବିଜ୍ଞାନ, କଳା ଓ ବାଣିଜ୍ୟ ଅଧ୍ୟୟନ କରି ୧୯୯୩ ସ୍ନାତକ ବ୍ୟାଚର ଛାତ୍ରଛାତ୍ରୀ ବିଗତ ବର୍ଷ ପରି ଚଳିତ ବର୍ଷ ସପରିବାରଙ୍କ ଗହଣରେ ଏକତ୍ରିତ ହୋଇ କଲେଜ ଜୀବନର ଅନୁଭବ ବ୍ୟକ୍ତ କରିବା ସହିତ ଅତୀତ ଆଲୋଚନା କରି ଭାବବିହ୍ୱଳ ହୋଇ ଉଠିଥିଲେ । ବ୍ୟାଚର ଛାତ୍ର ଆଶୁତୋଷ ପିପୁନ୍ ମହାନ୍ତି, ଯଯାତି ମହାନ୍ତି, ଦିଲ୍ଲୀପ ଜେନା, ଜ୍ଞାନ ରାଉତରାୟ, ମିହିର ଜେନା, ସୁଜିତ ଦାସ, ସସ୍ମିତୋଷ ସାହୁ, ପୂର୍ଣ୍ଣ ସ୍ୱାଇଁ, ଚିତ୍ତ ମିଶ୍ର, ବିକାଶ ମହାନ୍ତି, ସଞ୍ଜୟ ସାହୁ, ସୁଧାଂଶୁ ପତି, ଦୈତାରୀ ଧଳ ଓ ଛାତ୍ରୀ ଲୋପାମୁଦ୍ରା ମହାନ୍ତି, ସୀମାରାଣୀ ସିଂ, ପ୍ରିୟଦିନୀ ଦାସ, ବିଶ୍ୱଭାରତୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଅବସରରେ ଅନ୍ତାକ୍ଷରୀ, ଏକକ ଅଭିନୟ ପ୍ରଦର୍ଶନ କରିବା ସହିତ ମହାବିଦ୍ୟାଳୟର ଆନୁସଂଗିକ ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଟମକା ୨୫ ।୧୨(ସମିସ):** ଦାନଗଦୀ ବ୍ଲକ ୮ ନଂ ଜିଲ୍ଲା ପରିଷଦ ଜୋନ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ତୁରାର ବାର୍ଷିକ କ୍ରୀଡ଼ା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଦୁଇ ଦିନ ଧରି ସମ୍ପାଦକ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ଅଜୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଶିକ୍ଷା ସହିତ କ୍ରୀଡାର ଆବଶ୍ୟକତା ସମ୍ବନ୍ଧରେ ଉପସ୍ଥିତ ୪ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବାବାଜି ଚରଣ ଜେନା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ, ଅଧ୍ୟାପକ ବିଜୟ କୁମାର ସାହୁ, ଦୁର୍ଯ୍ୟୋଧନ ପଣ୍ଡା, ଶିକ୍ଷକ ବିଜୟ କୁମାର ସାହୁ, ପ୍ରହ୍ଲାଦ ବେହେରା ଓ ପୀତାମ୍ବର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁଜୀ ଅଜୟ ଗାହାଣ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ଟମକା, ୨୫ ।୧୨(ସମିସ):** ଦାନଗଦୀ ବ୍ଲକ କିଆଝର ପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ରବୀନ୍ଦ୍ର କୁମାର ରାଉତଙ୍କ ବଦଳି ପରେ ବୁଧବାର ପଞ୍ଚାୟତ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପଞ୍ଚାୟତ ପରିସରରେ ଏନେଇ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ସମିତି ସଭ୍ୟା ଗୌରୀ ମୁର୍ମୁ, ନାଏବ ସରପଞ୍ଚ ବାଞ୍ଛାନିଧି ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ରହିଥିଲେ । ଶ୍ରୀ ରାଉତ ଏହି ପଞ୍ଚାୟତରେ ଦୀର୍ଘ ୭ବର୍ଷ କାଳ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଭାଇଚାରା ସମ୍ପର୍କ ରଖି ସୁଚାରୁ ଭାବେ କାର୍ଯ୍ୟ କରିଥିବାରୁ ପଞ୍ଚାୟତ ତରଫରୁ ତାଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଥିଲା ।

## ଭିନ୍ନକ୍ଷମଙ୍କୁ ମିଳୁନି ଟ୍ରାଇସାଇକଲ୍

**କବାଟବନ୍ଧ, ୨୫।୧୨ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ପଞ୍ଚାୟତ ଅଧିନ କଞ୍ଚିଆ ଗ୍ରାମର ଭିନ୍ନକ୍ଷମ ଯଦୁନାଥ ନାୟକ ଏକ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକଲ ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ତାଙ୍କ ବୟସ ପାଖାପାଖି ୫୩ ବର୍ଷ ।ଦୀର୍ଘ ପ୍ରାୟ ୨୫ ବର୍ଷ ହେବ ଯଦୁମଣିଙ୍କ ଏକ ଗୋଡ଼ କଟି ଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଏକ ଟ୍ରାଇ ସାଇକଲ ମିଳି ପାରି ନାହିଁ । ଚଳିତ ବର୍ଷ ସେ ସରକାରଙ୍କ ତରଫରୁ ୮୫ ପ୍ରତିଶତ ସ୍ଥାୟୀ ଭିନ୍ନକ୍ଷମ ପ୍ରମାଣ ପତ୍ର ମଧ୍ୟ ପାଇଛନ୍ତି । ଭିନ୍ନକ୍ଷମଙ୍କ ପାଇଁ ସରକାର ବିଭିନ୍ନ ପ୍ରକାର ସହାୟତା ପାଇଁ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । ଆତ୍ମ ନିର୍ଭରଶୀଳ କରିବାକୁ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି । ସମସ୍ତଙ୍କ ପାଖରେ ଏହି ସୁବିଧା ପହଞ୍ଚି ପାରୁ ନ ଥିବା ଦେଖିବାକୁ ମିଳୁଛି । ଅନେକ ଭିନ୍ନକ୍ଷମଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି । ସରକାରଙ୍କ ତତ୍ପରତା ସତ୍ତ୍ୱେ ବି ଅନେକ ଭିନ୍ନକ୍ଷମ ସହାୟତାରୁ ବଞ୍ଚିତ ହେଉଛନ୍ତି । ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ଅନ୍ତର୍ଗତ କଞ୍ଚିଆ ଗ୍ରାମର ଯଦୁନାଥ ନାୟକ ଭିନ୍ନକ୍ଷମ ହୋଇଥିବା ବେଳେ ତାଙ୍କ ପରିସ୍ଥିତି ଦିନକୁଦିନ ବିଗିଡ଼ିବାରେ ଲାଗିଛି । ଯଦୁମଣିଙ୍କ କାନ୍ଧରେ ପରିବାରର ବୋଝ ଥିବାରୁ ଚଳିବା କଷ୍ଟକର ହେଉଛି । ଏପରିକି ସରକାରଙ୍କ ତରଫରୁ ଭିନ୍ନକ୍ଷମ ମାନଙ୍କ ଯାତାୟତ ପାଇଁ ଟ୍ରାଇ ସାଇକଲ ଯୋଗାଇ ଦିଆଯାଉଥିବା ବେଳେ ସେଥିରୁ ଯଦୁନାଥ ବଞ୍ଚିତ ହୋଇଛନ୍ତି । ସାଇକଲଟିଏ ନ ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯଦୁନାଥଙ୍କ ପରିବାର । ଯଦୁମଣିଙ୍କୁ ତୁରନ୍ତ ଏକ ବ୍ୟାଟେରୀ ଚାଳିତ ଟ୍ରାଇ ସାଇକଲ ଯୋଗାଇ ଦେବାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି ।

## ଚାଷୀଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ

# ଗଜା ହୋଇଗଲା କଟାଧାନ

ବାରିକପୁର, ୨୫।୧୨(ସମିସ)

ପଛକୁ ପଛ ୨ଟି ଲଘୁଚାପଜନିତ ବର୍ଷା କାରଣରୁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ଏକ ସପ୍ତାହ ଧରି ପାଗ ମେଘୁଆ ରହିଛି। ଏପରିକି ଦୈନିକ ଝିପିଝିପି ଓ ମଧ୍ୟମ ଧରଣର ବର୍ଷା ଯୋଗୁଁ ଚାଷୀମାନେ ଅନେକ କ୍ଷତି ସହୁଛନ୍ତି। ୨୩ଟି ପଞ୍ଚାୟତରେ ୧୬ ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ଖରିଫ ଧାନ ଏବେ ବର୍ଷା ମାଡ଼ରେ ଗଭୀର ପ୍ରଭାବିତ ହୋଇଛି। ଅଦିନିଆ ବର୍ଷା ଯୋଗୁଁ ବୋହୁ କ୍ଷେତରେ ଅମଳ ଉପଯୋଗୀ ପାଚିଲା ଧାନ ଭୂଇଁରେ ଲୋଟି ଯାଇଛି। ଏହା ଉପରେ ମଧ୍ୟ ବର୍ଷା ପାଣି ମାଡି ଯାଇଥିବା ଦେଖିବାକୁ ମିଳିଛି। ଏହାଛଡା କଟା ହୋଇଥିବା ଧାନ ପାଇ ତଳେ ମଧ୍ୟ ପାଣି ଜମି ଯାଇଛି। ଯେଉଁଠି ଜମିରେ ଧାନ କଳେଇଗୁଡିକୁ ଖଳାବାଡିକୁ



ଆଣିବା ପାଇଁ ଚାଷୀ ମାନେ ପ୍ରସ୍ତୁତ କରିଥିଲେ ସେଗୁଡିକ ମଧ୍ୟ ବର୍ଷାରେ ଭିଜି ଯାଇଛି। ଏପରିକି କେତେକ ଜମିରେ କଟା ଧାନ ମଧ୍ୟ ଗଜା ହୋଇ ଯାଇଛି। ଶସ୍ୟ ସମ୍ପୂର୍ଣ୍ଣ ଭାବେ ବେଉଷଣ ଓ ଅମଳ ପରେ ଧାନ ସରକାରୀ ମଣ୍ଡିରେ ଦେବା ପାଇଁ ଉପଯୋଗୀ ହେବ କି ନାହିଁ ତାହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇଛନ୍ତି। ବିଷ୍ଣୁପୁରଠାରୁ ଆରମ୍ଭ କରି ଆଖୁଆପଦା, ମଞ୍ଜୁରୀ ରୋଡ, ମାଳଦା, ସରସଦା ଅଞ୍ଚଳ ଯାଏଁ ଅଦିନିଆ ବର୍ଷା କାରଣରୁ ହଜାର ହଜାର ହେକ୍ଟର ଜମିର ଧାନ ଫସଲ ନଷ୍ଟ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଇତିମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି କ୍ଷେତ୍ର ପରିଦର୍ଶନ ହୋଇ ନଥିବା ବେଳେ ସରକାରୀ ସ୍ତରରେ କ୍ଷୟକ୍ଷତି ଭରଣା ପାଇଁ ଚାଷୀଙ୍କ ଆଶା ମଉଳିଯାଇଛି। ଏବେବି ସୁଦ୍ଧା ବ୍ଲକ ଅଞ୍ଚଳରେ ବର୍ଷା ଜାରି ରହିଥିବାରୁ ଆଗକୁ ଧାନ ଆମଦାନୀ ପାଇଁ ଆହୁରି ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ଛୋଟ ବଡ଼

### ● ପାଣି ବିଲରେ ଆହାର ସାଉଁଟୁଛି ଚାଷୀ

ଚାଷୀଙ୍କ ସମେତ କୃଷକ କାଳନ୍ଦୀ ନାୟକ ମତ ଦେଇଛନ୍ତି। ବିଶେଷ କରି ମଣ୍ଡିରେ ଧାନ କ୍ରୟ ବେଳେ ଛଟିଙ୍ଗ କଟିଙ୍ଗ ବ୍ୟବସ୍ଥାକୁ ସରଳୀକରଣ କଲେ ଚାଷୀମାନେ କେତେକାଂଶରେ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି।

**ଧାମନଗର:** ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଝିପି ଝିପି ବର୍ଷା ଯୋଗୁଁ ଜମିରେ ଗଜା ଧରିଲାଣି ଧାନ। ଚାଷୀଙ୍କ ପିଛା ଛାଡୁନି ପ୍ରାକୃତିକ ବିପର୍ଯ୍ୟୟ। ଗୋଟିଏ ପରେ ଗୋଟିଏ ଲଘୁଚାପ ବର୍ଷା ଚାଷୀଙ୍କ ହୋସ ଉଡ଼ାଇ ଦେଇ ଥିବା ବେଳେ ବର୍ଷକର ଦାନା ସବୁ ନଷ୍ଟ କରିଦେଲା ଅଦିନିଆ ଲଘୁଚାପ ବର୍ଷା। ପ୍ରଥମେ ବାତ୍ୟା ଦାନା ଏବେ ଦୁଇ ଦୁଇ ଥର ଲଘୁଚାପ ଜନିତ ଅଦିନିଆ ବର୍ଷା ଚାଷୀଙ୍କ ବର୍ଷକର ଭାତହାଣ୍ଡି ଉଜାଡି ଦେଇଛି ଫଳରେ



ଚିନ୍ତାରେ ଚାଷୀ। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଭାଗଚାଷୀ। କିପରି ଜମି ମାଲିକକୁ ଦେବେ ଟଙ୍କା ସେନେଇ ଚିନ୍ତାରେ ବସିଛନ୍ତି। ଏନେଇ ଚାଷୀ ବୈକୁଣ୍ଠ ସାହୁ, ସନାତନ ସାହୁ, ଚନ୍ଦ୍ରମଣି ସାହୁ, ତ୍ରିଲୋଚନ ପୃଷ୍ଟି, ଭାଗିରଥି ସାହୁ, ରମାକାନ୍ତ ସେଠୀ ଲମ୍ବୋଦର ପତି, ନୀଳାମ୍ବର ପୃଷ୍ଟି, ପ୍ରଭାକର ସାହୁ, ଦୟାନିଧି ସାହୁ ପ୍ରମୁଖ କ୍ଷତିପୂରଣ ଦେବା ସହ ଚାଷ ଋଣ ଛାଡ଼ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ସୂଚନା ଦେଇଛନ୍ତି।

**ଆରଡି:** ଗତ ୭ ଦିନ ମଧ୍ୟରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ଚାନ୍ଦବାଲି ବ୍ଲକ ଆରଡି ଅଞ୍ଚଳ ସମେତ ନାନ୍ଦପୁର, ସୁନ୍ଦରପୁର, ଓଳଗ ଆଦି ୨୧ ଖଣ୍ଡ ଗାଁର ଶତାଧିକ ଚାଷୀଙ୍କ ଅମଳ ହୋଇଥିବା ପାଚିଲା ଧାନ ଏବେ କ୍ଷେତରେ ଭାସୁଛି ତ ଖଳାରେ ଭିଜୁଛି। ବର୍ଷାପାଣି ୬-୭ ଇଞ୍ଚ ଉଚ୍ଚରେ ଲହଡି ମାରୁଥିବାରୁ ଧାନ ଗଜା ହେବାକୁ ଲାଗିଲାଣି। ଚାଷୀଙ୍କ କହିବାନୁଯାୟୀ, ଚାଷ ଆରମ୍ଭରୁ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷ କାର୍ଯ୍ୟ ବିଳମ୍ବ ପରେ ଧାନ ଥୋଡ ସମୟରେ ବାତ୍ୟା ଦାନା ପ୍ରଭାବିତ କରିଥିଲା। ଯାହାକିଛି ବାତ୍ୟା ଦାନାରୁ ବର୍ତ୍ତି ଯାଇଥିଲା ସେତକ ଅଦିନିଆ ବର୍ଷା ଧୋଇନେବ। ସମବାୟ ବ୍ୟାଙ୍କ ଓ ଘରୋଇ ବ୍ୟାଙ୍କ ଋଣ କିପରି ଋଣ ପରିଶୋଧ



କରିବେ ଓ ବର୍ଷ ସାରା ପରିବାର କିପରି ଚଳାଇବେ ଚାଷୀ ଏବେ ଭାଙ୍ଗି ପଡ଼ିଛନ୍ତି। ଏଥିପ୍ରତି କୃଷି ବିଭାଗ ଦୃଷ୍ଟି ଦେବା ସହ ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଅମଳଧାନର ଅନୁଧ୍ୟାନ କରି ସହାୟତା ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।

**ବନ୍ତ/ଆଗରପଡ଼ା:** ଅଦିନିଆ ବର୍ଷା ଚାଷୀଙ୍କୁ କନ୍ଦେଇ ଚାଲିଛି। ଆଉ ଦିନ କେଇଟା ପରେ ଚାଷୀ ତାର ସୁନାର ଫସଲ ଅମଳ କରି ଘରକୁ ନେଇଥାନ୍ତା ହେଲେ ତା ପୂର୍ବରୁ ନିଜ ଜମିରେ ବର୍ଷା ପାଣି ଜମି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବର୍ଷାର ପ୍ରକୋପ ଏମିତି ହେଇଛି ଅଧିକାଂଶ ସ୍ଥାନରେ ଚାଷୀ ଧାନ କାଟି ବିଲରେ କଚଡା ପକାଇଥିବା ବେଳେ ଧାନ ପାଣିରେ ବୁଡି ଯାଇଛି। ବନ୍ତ ବ୍ଲକର ଅଧିକାଂଶ ସ୍ଥାନରେ ହେକ୍ଟର ହେକ୍ଟର ଜମିର ଚିତ୍ର ଦୟନୀୟ ପରିସ୍ଥିତି ସୃଷ୍ଟି କରିଛି। ଗତ ଶନିବାର ଓ ରବିବାର ବର୍ଷା ହୋଇଥିବା ବେଳେ ପୁଣି ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଲାଗି ରହିଥିବା



ବର୍ଷା ଧାନ ବିଲ ସହ ପରିବା ବିଲରେ ପାଣି ଛିଡ଼ା କରିଦେଇଛି। ପରିବା ଚାଷ ପାଇଁ ଆବଶ୍ୟକଠୁ ଅଧିକ ବର୍ଷା ପାଣି ଜମିବାରୁ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଦେଖାଦେଇଛି। ଚାଷୀଙ୍କ ପରିବା ଚାଷ ଅଧିକ କ୍ଷତି ହୋଇଛି। ନଦୀପଠାକୁ ଛାଡ଼ିଲେ ଅନ୍ୟ ସ୍ଥାନରେ ହୋଇଥିବା ଚାଷ ୫୦ ପ୍ରତିଶତ ନଷ୍ଟ କରିଦେଇଛି। ଏହି ଅଦିନିଆ ବର୍ଷା ହେବା ଫଳରେ ପନିପରିବା ଫସଲ ପାଇଁ ମୁଖ୍ୟ ସମସ୍ୟା ହେଉଛି ମୂଳ ସଢ଼ା ରୋଗ। ବର୍ଷା ଯୋଗୁଁ ଚାଷ ଜମିରେ ଫୁଲ କୋବି, ବନ୍ଧାକୋବି, ଟମାଟୋ, କଲରା, ମୂଳା, ଶାଗ ଆଦି ଗଛ ସବୁ ଝାଉଁଳି ପଡ଼ିଥିବା ଦେଖା ଦେଇଛି। କିଛି ପରିବା ଚାଷୀଙ୍କ କହିବାନୁଯାୟୀ, ବର୍ତ୍ତମାନ ପରିବା ଚାଷ ପାଇଁ ସ୍ୱଳ୍ପ ପରିମାଣ ପାଣିରେ ଚାଷ କରାଯାଏ। ଚାଷ ଜମି ପାଣି ଖୋଜୁ ନଥିବା ସମୟରେ ଅଦିନିଆ ବର୍ଷା ଫସଲକୁ ନଷ୍ଟ କରିଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିହନ, ସାର ଓ କୀଟନାଶକ ବ୍ୟବହାର କରି ଆମେ ଚାଷ କରିଥିବାରୁ ସେମାନେ ଏବେ କଣ କରିବେ ତାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ପୁନର୍ବାର ଚାଷ କରିବା ଆଉ ସମ୍ଭବ ନୁହେଁ କାରଣ ପରିବା ଚାଷର ସମୟ ଚାଲିଯାଉଛି ବୋଲି ପ୍ରକାଶ କରିବା ସହ ବର୍ତ୍ତମାନ କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା

### ● ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର



**ବନ୍ତ/ଆଗରପଡ଼ା, ୨୫।୧୨(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ପଂଚବିଂଶତମ ବାର୍ଷିକ କ୍ରୀଡ଼ାଉତ୍ସବ ଶାନ୍ତିବନଠାରେ ଅନୁଷ୍ଠିତ ହୋଇଯାଇଛି। ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୭୫ ଜଣ ଛାତ୍ରଛାତ୍ରୀଙ୍କୁ ୫ଟି ବିଭାଗରେ ବିଭକ୍ତ କରାଯାଇ ବିଭିନ୍ନ କ୍ରୀଡ଼ା ହୋଇଥିଲା। ଦୁଇ ଦିନଧରି ଚାଲିଥିବା ବେଳେ ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣଚନ୍ଦ୍ର ସାମଲ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ପ୍ରାକ୍ତନ ଶିକ୍ଷକ ତଥା ସଭାପତି ସୂର୍ଯ୍ୟମଣୀ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଡ଼. ମୁରଲୀଧର ସୁତାର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣଚନ୍ଦ୍ର ମାମଲ, ସଭାପତି ପ୍ରକାଶଚନ୍ଦ୍ର ସାହୁ, ଶିକ୍ଷକ ଉଦୟନାଥ ସାହୁ, କଳିଗାଁ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ରାମନାରାୟଣ ମିଶ୍ର, ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର, ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ସନାତନ ସେଠୀ, ଅର୍ଜୁନ ବାରିକ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହଯୋଗ କରିଥିଲେ ଗୁରୁଜୀ ସୁନିଲ ରାଉଳ, ଗୁରୁମା ଦମୟନ୍ତି ପାଣିଗ୍ରାହୀ, ଉଷାରାଣୀ ବେହେରା, ମିନତିଲତା ରାଉତ, ସବିତା ଦାସ, ସସ୍ମିତା ପତି, ପ୍ରଭାତି ପତି, ସୌଭାଗ୍ୟମଂଜରୀ ପରିଡ଼ା, ସାବିତ୍ରୀ ମାଝୀ, ରେବତୀ ବାରିକ ପ୍ରମୁଖ।

### ● ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର



**ଭଣ୍ଡାରିପୋଖରୀ:** ଭଣ୍ଡାରିପୋଖରୀ ବ୍ଲକର ରଣଜିତ ପଞ୍ଚାୟତର ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର ପଞ୍ଚମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଧାନଗୁରୁଜୀ ନିର୍ମଳଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକିର ଚରଣ ଧଳ ଉଦଘାଟନ କରିଥିଲେ। ସରପଞ୍ଚ ସୁଜାତା ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଗୁରୁମା ଦମୟନ୍ତୀ ବେହେରା, ସବିତା ରାଉତ, ଜ୍ୟୋତିରାଣୀ ରାଉତ ଓ ସସ୍ମିତା ମହାନ୍ତିଙ୍କ ସଂଯୋଜନାରେ ବିଭିନ୍ନ ଖେଳକୁଦ ଅନୁଷ୍ଠିତ ହୋଇଥିଲା। ଗୁରୁମା ସୌମିତ୍ରୀ ପାତ୍ର ଓ ରୁବିରାଣୀ ଜେନାଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ଚକୋଲେଟ ଦୌଡ଼ ଓ ସଟପୁଟ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ପ୍ରଦ୍ୟୁମ୍ନ ନାୟକ ଓ ସନ୍ତୋଷ ପଣ୍ଡା କ୍ରୀଡା ପରିଚାଳନା କରିଥିଲେ।

# 'ଅଟଳଜୀ ଥିଲେ ରାଷ୍ଟ୍ରବାଦୀ ଚେତନାର ମହାନାୟକ'

### ଜିଲ୍ଲାସ୍ତରୀୟ ସୁଶାସନ ଦିବସ ମହାସମାରୋହରେ ପାଳିତ

ଭଦ୍ରକ, ୨୫।୧୨(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ସମାରୋହ ସୁଶାସନ ଦିବସ ଜିଲ୍ଲାସ୍ତରରେ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମ୍ବକାର ଅଭୟ ଦ୍ୱିବେଦୀ, ଅନ୍ୟତମ



ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଠିଦକାରୀ ସରୋଜ କୁମାର ଦତ୍ତ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବଜନାଦୃତ ଅଟଳଜୀ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ, ରାଷ୍ଟ୍ରନାୟକ, ଅନନ୍ୟ ଆଦର୍ଶବାଦୀ ଚିନ୍ତାନାୟକ, ଜାତୀୟବାଦୀ ସାରସ୍ୱତ ସାଧକ, ଜାତୀୟ ସ୍ୱାଭିମାନ ସୁଶାସନ ଓ ଆଦର୍ଶର ପ୍ରତୀକ ସର୍ବୋପରି ସର୍ବମାନ୍ୟ ସର୍ବାଧିକ ଲୋକପ୍ରିୟ ରାଜନେତା ବୋଲି ଅତିଥିମାନେ କହିଥିଲେ। ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଅଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗ ଦେଇଥିଲେ। କବି କିଶୋର ପାଣିଗ୍ରାହୀ ଏବଂ କବୟିତ୍ରୀ ସରୋଜିନୀ ନାୟକ କବିତା ପାଠ ସଂଯୋଜନା କରିଥିଲେ। ୩୦ରୁ ଉର୍ଦ୍ଧ୍ୱ କବି ଏହି କବିତା ପାଠରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଏବଂ କବିମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରଣୟ ନାୟକ ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ମଧୁସୂଦନ ସିଂ ପ୍ରମୁଖଙ୍କ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂ ସହାୟିକା ମହିଳା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ପୂର୍ତ୍ତ ବିଭାଗ କଲଭର୍ଟ



**ବାରିକପୁର, ୨୫।୧୨(ସମିସ):** ଭଦ୍ରକ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ଯାଜପୁର ସହରକୁ ସଂଯୋଗ କରୁଥିବା ରାସ୍ତା ଏବେ ଗମନାଗମନ ଅନୁପଯୋଗୀ ହୋଇ ପଡ଼ିଛି। ରାସ୍ତାଟିର ଦୈର୍ଘ୍ୟ ପ୍ରାୟ ୧୩କିମି ହୋଇଥିବା ବେଳେ ଅନେକ ସ୍ଥାନରେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ଲୋକଙ୍କ ପାଇଁ ବିପଦ ଆଣୁଛି। ବିଶେଷ କରି ମୋଟରସାଇକଲ ଓ ସାଇକଲ ଆରୋହୀମାନେ ଦୈନନ୍ଦିନ ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସରସଦା ବରଦା ବଜାର ନିକଟରେ ଦୁଇ ବର୍ଷ ହେବ ଏକ କଲଭର୍ଟର ଉପର ଅଂଶ କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି। ଜଣେ ଠିକାଦାର ଏଠାରେ ଏକ ବକ୍ସେଲ କଲଭର୍ଟ ନିର୍ମାଣ କରି ପାଖାପାଖି ୧୨ଲକ୍ଷ ଟଙ୍କା ବ୍ୟୟ ବରାଦ ଅର୍ଥ ନେଇ ଛୁ' ମାରିଛି। ରାସ୍ତା ଓ ନିର୍ମାଣାଧୀନ କଲଭର୍ଟର ସଂଯୋଗ ସ୍ଥାନ କୁ ଠିକାଦାର ନିର୍ମାଣ କରିନଥିବା ବେଳେ ଦୈନନ୍ଦିନ ଯାତାୟାତରେ ଏହା ଘୋର ସମସ୍ୟା ସୃଷ୍ଟି କରୁଛି। ସ୍କୁଲ ଅଟୋ ସମେତ ବାଇକ, ସାଇକେଲ, ବସ ଓ ଭାରିଯାନ ଚଳାଚଳ କରିିବା ଅତ୍ୟନ୍ତ କଷ୍ଟକର ହେଉଛି। ଏପରିକି ଏଥିପାଇଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ସେହିଭଳି ପଟାପୋଲ, ସାନମାଳଦା, ସରସଦା ପ୍ରମୁଖ ସ୍ଥାନରେ ମଧ୍ୟ ୨୦ରୁ ୩୦ ମିଟର ଯାଏଁ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ହେବ ଅସମ୍ପୂର୍ଣ୍ଣ ଭାବେ ପଡ଼ି ରହିଛି। ତେଣୁ ଏହା ଉପରେ ବିଭାଗୀୟ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ତୁପ ସହ ବୌଦ୍ଧ ମୂର୍ତ୍ତି ଆବିଷ୍କୃତ

**ଭଣ୍ଡାରିପୋଖରୀ, ୨୫।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳ ଗ୍ରାମର ବୈତରଣୀ ନଦୀକୂଳରୁ ବୁଧବାର ବୌଦ୍ଧସ୍ତୁପସହ ମୂର୍ତ୍ତିରି ଆବିଷ୍କୃତ ହୋଇଛି। ଦାଣ୍ଡକୂଳ ଗ୍ରାମର ରାଜକିଶୋର ରାଉତ ସ୍ତୁପ ସହ ମୂର୍ତ୍ତି ଠାବ କରି ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ସୂଚନା ଦେଇଥିଲେ। ସାଥୀ ଚିନ୍ମୟ ନାୟକଙ୍କ ସହାୟତାରେ ଶ୍ରୀ ରାଉତ ସ୍ତୁପ ସହ ମୂର୍ତ୍ତି ଉଦ୍ଧାର କରି ଷୋଳମପୁର ବୌଦ୍ଧବିହାର ସଂଗ୍ରହାଳୟକୁ ଆଣିଥିଲେ। ଅଷ୍ଟମ ଓ ନବମ ଶତାବ୍ଦୀରେ ଖାଣ୍ଡୋଲାଇଟ ପ୍ରସ୍ତରରେ ନିର୍ମିତ ଏକଫୁଟ ଉଚ୍ଚତାର ବୁଦ୍ଧମୂର୍ତ୍ତିରେ ବୌଦ୍ଧଭିକ୍ଷୁ ହାତଯୋଡି ଭକ୍ତି ଭାବ ପ୍ରକାଶ କରୁଥିବା ଚିତ୍ର ଖୋଦିତ ହୋଇଛି। ୩ ଫୁଟ ଉଚ୍ଚତା ବିଶିଷ୍ଟ ବୌଦ୍ଧସ୍ତୁପରେ ବୌଦ୍ଧ ଉପାସିକା ଅଶ୍ୱସ୍ତ ବୃକ୍ଷମୂଳେ ଭକ୍ତି ନୈବେଦ୍ୟ ଅର୍ପଣ କରୁଥିବା ଚିତ୍ର ଖୋଦିତ ହୋଇଛି ବୋଲି ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡ. ସୁନିଲ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। କ୍ରମାଗତ ଭାବେ ବୁଦ୍ଧମୂର୍ତ୍ତି ଓ ସ୍ତୁପ ବିପୁଳ ସଂଖ୍ୟାରେ ଏବେ ଉଦ୍ଧାର ହୋଇ ଷୋଳମପୁର ବୌଦ୍ଧବିହାର ଗାରିମା ବୃଦ୍ଧିରେ ସହାୟକ ହୋଇଛି।



### ୨୬ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରକୁ ହରାଇ ଭଦ୍ରକ ଚାମ୍ପିଅନ

ସୋର, ୨୫।୧୨(ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମହାବୀର ମିନି ଷ୍ଟାଡିୟମରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୬ ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ୟୁଏଣ୍ଡମି ବାଲେଶ୍ୱରକୁ ହରାଇ ଉତ୍କଳିକା ସ୍ପୋର୍ଟିଂ, ଭଦ୍ରକ ଚାମ୍ପିଅନ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୟୁଏଣ୍ଡମି ବାଲେଶ୍ୱର ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୨୫ ଓଭର ବିଶିଷ୍ଟ ମ୍ୟାଚରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ଭଦ୍ରକ ୧୯.୪ ଓଭରରେ ୭ ୱିକେଟ ହରାଇ ୧୨୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଭଦ୍ରକ ଦଳର ବ୍ୟାଟର ସତ୍ୟକାମ



ଭରଦ୍ୱାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ସହ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ, ବେଷ୍ଟ ଫିଲଡର ଭାବେ ବାଲେଶ୍ୱର ଦଳର ଦିବ୍ୟଶକ୍ତି ଚକ୍ରବର୍ତ୍ତୀ, ବେଷ୍ଟ ବ୍ୟାଟ୍ସମ୍ୟାନ ଭଦ୍ରକ ଦଳର ଚନ୍ଦ୍ରଶେଖର ବେହେରା, ବେଷ୍ଟ ବୋଲର ଭାବେ ଦୀନବନ୍ଧୁ ବେହେରା ଏବଂ ବେଷ୍ଟ ଏମରଜିଙ୍ଗ ପ୍ଲେୟାର ଭାବେ ବାଲେଶ୍ୱରର ସର୍ବ କନିଷ୍ଠ ଖେଳାଳି(୧୩ ବର୍ଷ) ରିତେଶ ମହାଳିକଙ୍କୁ ପୁରସ୍କୃତ କରା ଯାଇଥିଲା। ସନ୍ଧ୍ୟାରେ ମହାବୀର କ୍ଲବର ସଭାପତି ଅଖିଳରାମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷ ଶ୍ରୀକାନ୍ତ ଜେନା, ସରପଞ୍ଚ ଗଦାଧର ମହାପାତ୍ର, ଯୁବନେତା ରାଜେଶ ମହାପାତ୍ର, ଅଶୋକ କୁମାର ଜେନା, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ଚମ୍ପିୟାନ ଏବଂ ରନର୍ସ ଅପ ଟିମକୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥଲେ। ଆଜିର ମ୍ୟାଚକୁ ଓସିଏ ଲେଭୁଲ ଅମ୍ପାୟାର ସାର୍ଥକ ରଞ୍ଜନ ବିଶ୍ୱାଳ ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ରାଜେଶ କୁମାର ଜେନା କାର୍ଯ୍ୟ ତୁଲାଇଥିଲେ। ଭାଷ୍ୟକାର ଭାବେ ବୁବୁ ସିହ୍ନା, ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିଲେ। କ୍ଲବ ସମ୍ପାଦକ ବୀରେନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଏହି ମ୍ୟାଚକୁ ମହାବୀର କ୍ଲବର ସଦସ୍ୟ ଓମ ପ୍ରକାଶ ଦେ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ଉତ୍ତମ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ




**ବାଲେଶ୍ୱର, ୨୫।୧୨(ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଗୋନାରାୟଣ ଦାସଙ୍କ ସ୍ମୃତିରେ ବାଲେଶ୍ୱର ରୋଟାରୀ କ୍ଲବ ଅଂଗୀକୃତ ଆଦର୍ଶ କ୍ଲବ ପକ୍ଷରୁ ଆରମ୍ଭ ହୋଇଛି କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପରମିଟ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଏବଂ ରୋଟାରୀ କ୍ଲବର ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ରୋଟାରୀ ଚକ୍ଷୁ ଚିକିତ୍ସାଳୟର ସଭାପତି ବିଷ୍ଣୁଦାସ କୁଣ୍ଡୁ, ରାଜ୍ୟ ଫୁଟବଲ ଆସୋସିଏସନର ଯୁଗ୍ମ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ବାଲେଶ୍ୱର ରୋଟାରୀ କ୍ଲବର ପୂର୍ବତନ ସଭାପତି ଇଂ ସୌରଭ ବେହେରା, ଜିଲ୍ଲା କ୍ରୀଡାସଂଘର ଯୁଗ୍ମ ସମ୍ପାଦକ ଅଜିତ ପାତ୍ର ଓ ବି ଏନ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରିଆନ ସୁବ୍ରତ କରଙ୍କ ପୌରହିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଆଦର୍ଶ କ୍ଲବର ସମ୍ପାଦକ ଇଂ ବିଭୁପଦ ଦାସ ଟୁର୍ଣ୍ଣାମେଂଟ ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଉଦଘାଟନୀ ଦିବସରେ ବାଲେଶ୍ୱରର ସମ୍ରାଟ କ୍ଲବ ଓ ଅଲରାଉଣ୍ଡର କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମ୍ରାଟ କ୍ଲବ ଟସ ଜିତି ଫିଲଡିଂ ପାଇଁ ନିଷ୍ପତି ନେଇଥିବା ବେଳେ ବ୍ୟାଟିଂ ଆରମ୍ଭ କରି ଅଲରାଉଣ୍ଡର କ୍ଲବ ୧୧୭ ରନରେ ସମସ୍ତ ୱିକେଟ ହରାଇଥିଲା। ଜବାବରେ ସମ୍ରାଟ କ୍ଲବ ୮ଟି ୱିକେଟ ହରାଇ ଶେଷ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ନରୋତ୍ତମ ଭଞ୍ଜଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। କୁମାର ଚନ୍ଦନ ଓ ଶାନ୍ତନୁ ଦାସ ମ୍ୟାଚ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଂଟରେ ବାଲେଶ୍ୱରର ୬ଟି ଟିମ ସହିତ ଭଦ୍ରକ, କେଉଁଝର, ଯାଜପୁର ଓ ଗଞ୍ଜାମ ଜିଲ୍ଲାର ଗୋଟିଏ ଲେଖାଏଁ ଟିମକୁ ମିଶାଇ ମୋଟ ୧୦ଟି ଟିମ ଅଂଶ ଗ୍ରହଣ କରିଛନ୍ତି। ଆସନ୍ତା ୧ ତାରିଖ ଦିନ ଏହାର ଫାଇନାଲ ମ୍ୟାଚ ଖେଳାଯିବ। ରୋଟାରିଆନ ମାତୃଦତ୍ତ ଦାସ, ଆଦର୍ଶ କ୍ଲବର ସଦସ୍ୟ ସେକ ମିନାଜ, ଜ୍ଞାନେନ୍ଦ୍ର ପରିଡ଼ା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।



## ■ ଟଙ୍କା ଦୁର୍ବଳ

ଚଳିତବର୍ଷ ସବୁଠୁ ଅଧିକ ଦୁର୍ବଳ ହୋଇଛି ଘରୋଇ ମୁଦ୍ରା 'ଟଙ୍କା'। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ୮୫ ଟଙ୍କା ସ୍ତର ଅତିକ୍ରମ କରି ନୂଆ ଇତିହାସ ରଚିଛି। ବର୍ଷ ସାରା ବିଶ୍ୱ ବଜାରରେ ଡଲାରର ରାଜୁତି ଜାରି ରହିଥିଲା। ଏଥିଯୋଗୁ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ରେକର୍ଡ ୮୫.୧୨ ଟଙ୍କାକୁ ଖସି ଆସିଛି। ଆମଦାନୀକାରୀମାନଙ୍କ ନିକଟରେ ଡଲାର ଚାହିଦା ବୃଦ୍ଧି ପରେ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ଜାରି ରହିଛି। ଡଲାର ମୂଲ୍ୟ କମିବା ଦ୍ୱାରା ଦେଶ ପାଇଁ ଆମଦାନୀ ମହଙ୍ଗା ହୋଇଯାଇଛି। ଫଳରେ ଅଶୋଧିତ ତୈଳ ଦର ଆହୁରି ମହଙ୍ଗା ହୋଇଯିବ।

## ■ ଚମକିଲା ସୁନା

କେତେକ ବୈଶ୍ୱିକ ଉତ୍ତେଜନା କାରଣରୁ ଚଳିତବର୍ଷ ଦେଶରେ ଉଭୟ ସୁନା ଏବଂ ରୁପା ମୂଲ୍ୟରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ଘରୋଇ ବଜାରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୮୦ ହଜାର ଟଙ୍କା ଏବଂ ରୁପା କିଲୋ ପିଛା ୧ ଲକ୍ଷ ଟଙ୍କା ଅତିକ୍ରମ କରିଯାଇଥିଲା। ଉଚ୍ଚ ବଜାର ଦର ସତ୍ତ୍ୱେ ସୁନା ଓ ରୁପାର ଚାହିଦା କମି ନ ଥିଲା। ଏହାଛଡା ସାରା ବିଶ୍ୱରେ ଷ୍ଟକ୍ ବଜାର ଧରାଶାୟୀ ହେବା କାରଣରୁ ସୁନା ହିଁ ନିବେଶକଙ୍କ ଲାଗି ଏକ ମାତ୍ର ଭରସାଯୋଗ୍ୟ ନିବେଶ ବିକଳ୍ପ ରହିଥିଲା, ଯାହାକି ସୁନା ଓ ରୁପା ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ।







## ■ ବର୍ଷ ତମାମ୍ ମୁଦ୍ରାସ୍ଫୀତି ଚିନ୍ତା

ଚଳିତବର୍ଷ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ସହ ତେଲ ଓ ରନ୍ଧନ ଗ୍ୟାସ୍ ଦର ଖୁବ୍ ଉପରେ ରହିଥିଲା। ଏଥିଯୋଗୁ ମୁଦ୍ରାସ୍ଫୀତି ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏପରିକି ଅଧିକାଂଶ ସମୟରେ ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସହନଶୀଳ ସୀମା ୬ ପ୍ରତିଶତ ଉପରେ ହିଁ ରହିଥିଲା। ଉଚ୍ଚ ମୁଦ୍ରାସ୍ଫୀତିକୁ ଯୋଗୁ ରିଜର୍ଭ ବ୍ୟାଙ୍କ ଏହାର ପ୍ରମୁଖ ସୁଧ ହାର ଏବଂ ରେପୋ ହାରରେ ହ୍ରାସ ଘଟାଇ ପାରିଲାନାହିଁ। ପ୍ରତି ମୁଦ୍ରା ନୀତି ସମୀକ୍ଷା ବୈଠକରେ ରିଜର୍ଭ ବ୍ୟାଙ୍କକୁ ସୁଧହାରରେ ହ୍ରାସ ଘଟାଇବା ଲାଗି ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ଉଚ୍ଚ ମୁଦ୍ରାସ୍ଫୀତି ପ୍ରଭାବରେ ଗ୍ରାହକଙ୍କ ପାଇଁ ଗୃହଠାରୁ ଆରମ୍ଭ କରି ଶିକ୍ଷା ଏବଂ ଅଟୋ ଋଣ ମହଙ୍ଗା ହୋଇଥିଲା। ଏଥିରେ ବିଦେଶରେ ପାଠପଢ଼ା ଖର୍ଚ୍ଚ ବଢ଼ିଯାଇଥିଲା। ବର୍ତ୍ତମାନ ସୁଧ ହାର ହ୍ରାସ ପାଇଁ ଗ୍ରାହକଙ୍କୁ ଫେବୃଆରୀ ମାସକୁ ଅପେକ୍ଷା କରିବାକୁ ପଡିବ।

## ■ କମିଲାନି ଏଲ୍‌ପିଜି କଷ୍ଟ



ବର୍ଷ ତମାମ୍ ପେଟ୍ରୋଲ ଏବଂ ଡିଜେଲ ଦର ଖୁବ୍ ଉପରେ ରହିଥିବାବେଳେ ରନ୍ଧନ ଗ୍ୟାସ୍ ବା ଏଲ୍‌ପିଜି ଦର ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଚଳିତବର୍ଷ ଏଲ୍‌ପିଜି ଦର ସିଲିଣ୍ଡର ପିଛା ରେକର୍ଡ ୧୩୦୦ ଟଙ୍କା ଟପିଯାଇଥିଲା। ଖାଉଟି ଅନେକ ଆଶା ପରେ ବି ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଏଲ୍‌ପିଜି ମୂଲ୍ୟ କ୍ଷେତ୍ରରେ ଉପଭୋକ୍ତାଙ୍କୁ ସେପରି କିଛି ଆଶ୍ୱସ୍ତି ମିଳିପାରିନାହିଁ। ଏହାଫଳରେ ଚଳିତବର୍ଷ ଗ୍ରୀଷ୍ମ ତାତିକୁ ତେଲ ଦର ତାତି ଟପିଯାଇଥିଲା।

ନୂତନ ବର୍ଷ ୨୦୨୫କୁ ଆଉ ମାତ୍ର ୬ ଦିନ ବାକି। ୨୦୨୪ ଭାରତୀୟ ଅର୍ଥନୀତି ପାଇଁ ବଡ଼ ଆହ୍ୱାନର ବର୍ଷ ରହିଥିଲା। ସେୟାର ବଜାରଠାରୁ ଆରମ୍ଭ କରି ଜିଡିପି, ବୈଦେଶିକ ମୁଦ୍ରା ଭଣ୍ଡାର, ମୁଦ୍ରାସ୍ଫୀତି, ଘରୋଇ ମୁଦ୍ରା ଟଙ୍କା ଅବମୂଲ୍ୟାୟନ ଆଦି ସବୁ କ୍ଷେତ୍ରରେ ଅଧୋଗତି ଦେଖିବାକୁ ମିଳିଥିଲା। ତୈଳ ସହ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ଦର ଏସବୁଥିରେ ଇନ୍ଧନ ଭରିଥିଲା। ତେଣୁ ବର୍ଷ ୨୦୨୪ ଭାରତୀୟ ଅର୍ଥନୀତି ପାଇଁ ଏକ ଅସ୍ଥିର ରହିଥିଲା। ଜିଡିପିକୁ ନେଇ ସାରା ବର୍ଷ ସରକାରଙ୍କ ଚିନ୍ତା ବଢ଼ିଥିଲା। ଏହାସହ ଘରୋଇ ବଜାରରେ ଉପଭୋକ୍ତା ଚାହିଦାରେ ହ୍ରାସ ଅନ୍ୟତମ ମୁଣ୍ଡବିନ୍ଧାର କାରଣ ସାଜିଥିଲା। କିଛି ପ୍ରମୁଖ ଶିଳ୍ପପତିଙ୍କ ନିଧନ ଦେଶ ପାଇଁ ଆଉ ଏକ ଝଟ୍‌କା ଥିଲା। ପୁରୁଣା ବର୍ଷର ସ୍ମୃତିକୁ ନେଇ ବିଜ୍‌ନେସ୍ ଡେସ୍କର ଏହି ସ୍ୱତନ୍ତ୍ର ଉପସ୍ଥାପନା 'ସ୍ମୃତିରୁ ଝୁରି'।






# ଅସ୍ଥିର ଅର୍ଥନୀତି

## ଦରଦାମ ତାତି; ଜିରା ଆଠ ଶହ

ବର୍ଷ ୨୦୨୪ରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ପୂର୍ବର ସମସ୍ତ ରେକର୍ଡ ପାର କରିଯାଇଥିଲା। ବର୍ଷ ତମାମ୍ ତେଜରାତିଠାରୁ ଆରମ୍ଭ କରି ପନିପରିବା ଏବଂ ଆମିଷ ଭଳି ଜରୁରୀ ଜିନିଷପତ୍ରର ଦର ଆକାଶଛୁଆଁ ହୋଇଥିଲା। ଦରଦାମ୍ ସ୍ଥିତି ଏମିତି ଥିଲା ଯେ, ଏଥିରେ ଖାଉଟି ତ୍ରାହି ତ୍ରାହି ଡାକିଥିଲେ। ବର୍ଷ ତମାମ୍ ଖାଇବା ତେଲ, ଡାଲି, ଅଟା ଏବଂ ଚାଉଳ ଦର ଖୁବ୍ ଉପରେ ଥିଲା। ପନିପରିବା ଭିତରେ ବର୍ଷରେ ଆଳୁ, ପିଆଜ ଓ ଟମାଟୋ ଦର ସବୁକୁ ଟପିଯାଇଥିଲା। ତେଜରାତି ସାମଗ୍ରୀ ମଧ୍ୟରେ ଖାଇବା ତେଲ ଏବଂ ହରଡ ଡାଲି ସବୁ ସମୟରେ ପାଖାପାଖି ୨୦୦ ଟଙ୍କା ସ୍ତରରେ ରହିଥିବାବେଳେ ଚାଉଳ ଏବଂ ଅଟା କିଲୋ ପିଛା ୫୦ ଟଙ୍କା ଟପିଯାଇଥିଲା। ସେହିପରି ଜିରା କିଲୋ ପିଛା ୮୦୦ ଟଙ୍କା ଅତିକ୍ରମ କରି ସବୁ ରେକର୍ଡ ଭାଙ୍ଗିଥିଲା। ପନିପରିବା ଶ୍ରେଣୀରେ ଟମାଟୋ ଏବଂ ବିନ୍ସ କିଲୋ ପିଛା ୩୦୦ ଟଙ୍କି ନୂଆ ଇତିହାସ ରଚିଥିଲା। ଆଳୁ ପିଆଜ କଥା ନ କହିଲେ ଭଲ। ଆଳୁ କିଲୋ ୨୦ ରୁ ୪୦ ଟଙ୍କାରେ ସ୍ଥିର ରହିଯାଇଥିବାବେଳେ ବର୍ଷରେ ପିଆଜ କିଲୋ ପିଛା ଶହେ ଟପିଯାଇଥିଲା। ଅପରପକ୍ଷେ ରସୁଣ କିଲୋ ୪୦୦ ଟଙ୍କା ଟପି ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି।



● ଧୋଇଗଲା ସେୟାର ବଜାର

## ଆଦାନୀକୁ ଝଟ୍‌କା ପରେ ଝଟ୍‌କା

୨୦୨୪ ବିଶେଷକରି ପୁଞ୍ଜିବଜାରର ନିବେଶକଙ୍କ ଲାଗି ସବୁଠାରୁ ଖରାପ ରହିଥିଲା। ଘରୋଇ ସମେତ ବିଭିନ୍ନ ଅନ୍ତର୍ଜାତୀୟ କାରକର ପ୍ରଭାବରେ ଅଧିକାଂଶ ସମୟରେ ପୁଞ୍ଜି ବଜାର ତଳମୁହାଁ ରହିଥିଲା। ବର୍ଷର ପ୍ରାରମ୍ଭରୁ ବଜାରରେ ଏଭଳି ଉତ୍ସାହ ଥିଲା ଯେ, ଏଥିରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ରେକର୍ଡ ସର୍ବୋଚ୍ଚ ୮୫,୯୭୮ ପଏଣ୍ଟ ସ୍ତର ଟପିଯାଇଥିଲା। ପରେ ବଜାର କାରବାରରେ ଗ୍ରହଣ ଲାଗିଯାଇଥିଲା। ସାଧାରଣ ନିର୍ବାଚନ ପରଠାରୁ ବଜାରରେ ଅଧୋଗତି ଆରମ୍ଭ ହୋଇଯାଇଛି। ବିଶେଷକରି ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ହିଣ୍ଡେନ୍‌ବର୍ଗ ଲାଞ୍ଚ ମାମଲା ଅଭିଯୋଗ ଘରୋଇ ପୁଞ୍ଜି ବଜାରକୁ ବୁଡାଇଥିଲା। ଏଥିଯୋଗୁ ନିବେଶକଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି।

ଖେଳ କଲେ ଏଫ୍‌ଆଇଆଇ







## ■ ପରପାରିରେ ଶିଳ୍ପପତି

## ରତନ ଟାଟା, ଶଶି ରୁୟା, ରାମୋଜୀ ରାଓ

ଦେଶ ଚଳିତବର୍ଷ ଅନେକ ଖ୍ୟାତନାମା ଉଦ୍ୟୋଗପତିଙ୍କୁ ହରାଇଛି। ଏଥିରେ ଟାଟା ସନ୍ସର ଅଧ୍ୟକ୍ଷ ରତନ ଟାଟାଙ୍କ ପରଲୋକ ଭାରତୀୟ ଶିଳ୍ପ ଜଗତ ପାଇଁ ବଡ଼ ଧକ୍କା ଥିଲା। ୮୬ ବର୍ଷ ବୟସରେ ରତନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୨୦୦୮ ରେ ରତନ ଟାଟାଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଥିଲା। ଭାରତର ଗଣମାଧ୍ୟମର ଅନ୍ୟତମ ପୁରୋଧା ତଥା ମିଡିଆ ବାଦ୍‌ଶାହ ରାମୋଜି ରାଓଙ୍କ ନିଧନ ଚଳିତବର୍ଷର ଅନ୍ୟତମ ପ୍ରମୁଖ ଘଟଣା ଥିଲା। ୮୭ ବର୍ଷ ବୟସରେ ଚଳିତବର୍ଷ ଜୁନ୍ ୮ ରେ ତାଙ୍କର ପରଲୋକ ଘଟିଛି। ରାମୋଜି ରାଓ ମନୋରଞ୍ଜନ ଜଗତର ଏକ ଆଇକନ୍ ଥିଲେ। ସେ ହାଇଦ୍ରାବାଦରେ ଗ୍ରାଣ୍ଡ ରାମୋଜି ଫିଲ୍ମ ସିଟି ପ୍ରତିଷ୍ଠା କରିଥିଲେ। ବିଲିୟନେୟାର ବ୍ୟବସାୟୀ ତଥା ଏସାର ଗ୍ରୁପର ସହ-ପ୍ରତିଷ୍ଠାତା ଶଶି ରୁୟାଙ୍କର ୮୧ ବର୍ଷ ବୟସରେ ଦେହାନ୍ତ ହୋଇଛି। ଶଶି ରୁୟା, ତାଙ୍କ ଭାଇ ରବି ରୁୟାଙ୍କ ସହ ୧୯୬୯ ମସିହାରେ ଏସର ଗ୍ରୁପ୍ ପ୍ରତିଷ୍ଠା କରିଥିଲେ।




## ■ ଡିଜିଟାଲ ଆରେଷ୍ଟ ଠକେଇର ନୂଆ ଫଣ୍ଡା

ଅନ୍‌ଲାଇନ୍ ଠକେଇ ପରେ ଡିଜିଟାଲ ଆରେଷ୍ଟ ଚଳିତବର୍ଷ ଏକ ନୂଆ ଠକେଇ ମାଧ୍ୟମ ଭାବେ ଉଭା ହୋଇଥିଲା। ଡିଜିଟାଲ ଆରେଷ୍ଟ ଜରିଆରେ ଠକମାନେ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଚଳୁ କରିଥିଲେ। ଏଥିରେ ଭିଡିଓକଲ୍‌ରେ ଆସି ଠକମାନେ ଲୋକଙ୍କୁ ସେମାନଙ୍କର ଶିକାର ବନାଉଛନ୍ତି। ଏହି ଘଟଣା ୨୦୨୪ରେ ସାରା ବେଶ୍ ଚହଳ ସୃଷ୍ଟି କରିଥିଲା। ଦେଶରେ ପ୍ରତିଦିନ ଡିଜିଟାଲ ଆରେଷ୍ଟ ମାମଲାଗୁଡିକ ସାମ୍ନାକୁ ଆସିବାରେ ଲାଗିଛି। ଅଦ୍ୟାବଧି ଡିଜିଟାଲ ଆରେଷ୍ଟ ମାଧ୍ୟମରେ ଲୋକଙ୍କୁ କୋଟି କୋଟି ଟଙ୍କା ଠକେଇ କରାଯାଇଛି। ଡିଜିଟାଲ୍ ଗିରଫଦାରୀରୁ ଦୂରେଇ ରହିବା ବଡ଼ କଷ୍ଟସାଧ୍ୟ କାର୍ଯ୍ୟ କିନ୍ତୁ ସତର୍କତା ଏବଂ ସଚେତନତା ହିଁ ଲୋକଙ୍କୁ ଏଥିରୁ ବଞ୍ଚାଇପାରିବ।

## ବିବାହ ବନ୍ଧନରେ ଅନନ୍ତ ଅମ୍ବାନୀ-ରାଧିକା ମର୍ଚ୍ଚାଣ୍ଟ



ଅମ୍ବାନୀ ପରିବାରର ବାହାଘର ଚଳିତବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧ୍ୟକ୍ଷ ତଥା ଦେଶର ସବୁଠାରୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଏବଂ ବ୍ୟବସାୟୀ ବିରେନ୍ ମର୍ଚ୍ଚାଣ୍ଟଙ୍କ ଝିଅ ରାଧିକା ମର୍ଚ୍ଚାଣ୍ଟଙ୍କ ବାହାଘର ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ୍ ସେଣ୍ଟରରେ ହୋଇଥିଲା। ଏହି ବିବାହରେ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ସହ ବଲିଉଡ, ହଲିଉଡ ତାରକାଠାରୁ ଆରମ୍ଭ କରି ଅନେକ ରାଜନେତା ଏବଂ ପ୍ରସିଦ୍ଧ ବ୍ୟବସାୟୀ ମଧ୍ୟ ଯୋଗଦେଇଥିଲେ। ଏଥିରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଟନି ବ୍ଲେୟାର ଏବଂ ସାମସଙ୍ଗ ସିଇଓ ପ୍ରମୁଖ ସାମିଲ ହୋଇଥିଲେ।

## ■ ଆଇଫୋନ୍ ୧୬ ସିରିଜ୍ ଓଡ଼ିଶା ବଜାରରେ



୨୦୨୪ରେ ଭାରତକୁ ଆସିଥିଲା ଆଇଫୋନ୍-୧୬ ସିରିଜ୍। ସେପ୍ଟେମ୍ବର ମାସରେ ଓଡ଼ିଶାରେ ଏହାର ବିକ୍ରି ଆରମ୍ଭ ହୋଇଛି। ଏହି ନୂଆ ଆଇଫୋନ୍ ଉଭୟ ରିଟେଲ ଓ ଅନଲାଇନ ଷ୍ଟୋରରେ ଉପଲବ୍ଧ ହୋଇଛି। ରାଜ୍ୟ ବଜାରରେ ଆଇଫୋନ୍ ୧୬, ଆଇଫୋନ୍ ୧୬+, ଆଇଫୋନ୍ ୧୬ ପ୍ରୋ ଏବଂ ଆଇଫୋନ୍ ୧୬ ପ୍ରୋ ମ୍ୟାକ୍ସର ବଜାର ପ୍ରବେଶ କରାଯାଇଥିଲା।

ସାକ୍ଷାତକାର

# "ବଡ଼ ପରଦାରେ କାମ କରିବାକୁ ଆଗ୍ରହୀ"



ସସ୍ମିତା ପଣ୍ଡା, ଅଭିନେତ୍ରୀ

**ନିଶା ଥିଲା ମଡେଲିଂ । ମଡେଲିଂ କରୁକରୁ ତାଙ୍କୁ ବିଜ୍ଞାପନରେ କାମ କରିବାର ସୁଯୋଗ ମିଳିଲା । ଆଉ ଏହା ପରେ ସେ ଅନେକ ମ୍ୟୁଜିକ୍ ଭିଡିଓରେ ନଜର ଆସିଲେ । ତାଙ୍କ ଅଭିନୀତ 'ବିନ୍‌ବାଲା' ମ୍ୟୁଜିକ୍ ଭିଡିଓଟି ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି ଜଗତସିଂହପୁର ବାଲିକୁଦା ଅନ୍ତର୍ଗତ ବ୍ରାହ୍ମଣଡିହିର ସସ୍ମିତା ପଣ୍ଡା । ଏବେ ମ୍ୟୁଜିକାଲ୍ ସର୍ଟ ଫିଲ୍ମ 'ଦ ହିରୋ'ରେ ସେ ଅଭିନୟ କରିଛନ୍ତି । ମଡେଲିଂରେ ଥାଇ କାହିଁକି ସେ ଅଭିନୟ ଜଗତକୁ ବାଛିଥିଲେ, ଜାଣିବା ତାଙ୍କ ମୁହଁରୁ ...**

### ମଡେଲିଂରୁ ଅଭିନୟ । ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ ?

● ଦିଲ୍ଲୀରୁ ମଡେଲିଂ କ୍ୟାରିୟର ଆରମ୍ଭ ହୋଇଥିଲା । ଅନେକ ସରକାରୀ ବିଜ୍ଞାପନରେ କାମ କରିଛି । ଯେହେତୁ ଅଭିନୟ କରିବାକୁ ଆଗ୍ରହ ରହିଥିଲା, ତେଣୁ ମ୍ୟୁଜିକ୍ ଭିଡିଓରେ କାମ କରିବା ସୁଯୋଗକୁ ହାତଛଡ଼ା କରିନଥିଲି । 'ମୁଁ ହେଲି ତୋର', 'ନଜର', 'ନାଲି ଓଢ଼ଣୀ', 'ବିନ୍‌ବାଲା' ଆଦି ଅନେକ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛି । ଭଲ ଅଭିନେତ୍ରୀଟିଏ ହେବାକୁ ଅନେକ ଅଡିସନ୍ ଦେଇଛି । ହେଲେ ସୌଭାଗ୍ୟବଶତଃ ପ୍ରଥମଥର ପାଇଁ ଏକ ମ୍ୟୁଜିକାଲ ସର୍ଟ ଫିଲ୍ମରେ କାମ କରିବାକୁ ମୋତେ ସୁଯୋଗ ମିଳିଛି । ସମସ୍ତଙ୍କଠାରୁ ପ୍ରେରଣା ପାଇବା ପରେ ଏ ଲାଇନ୍‌ରେ କାମ କରିବାକୁ ଗୁରୁତ୍ୱ ଦେଇଥିଲି । ଅଭିନୟ ସହ ଏବେ ଓଡ଼ିଶୀ ନୃତ୍ୟ ଶିଖୁଛି । ଆଇନଜୀବୀ ହେବା ମୋର ନିଶା, ଏଥିପାଇଁ ଏଲ୍‌ଏଲ୍‌ବି ସାରିଛି । ପଢ଼ା ପାଇଁ ସମୟ ଦେବାକୁ ପଡୁଥିବାରୁ ଧାରାବାହିକ କରିପାରୁନି ।

### 'ଦ ହିରୋ' ପ୍ରୋଜେକ୍ଟ ବିଷୟରେ କ'ଣ କହିବେ?

● 'ଦ ହିରୋ' ଏକ ଏକ ମ୍ୟୁଜିକାଲ୍ ସର୍ଟ ଫିଲ୍ମ । ମାତ୍ର ୨୦ ମିନିଟ୍‌ର ଏହି ମ୍ୟୁଜିକାଲ୍ ସର୍ଟ ଫିଲ୍ମରେ ଗୀତ ଓ କାହାଣୀ ରହିଛି । ନିକଟରେ ଜିଆର୍ ରେକର୍ଡ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ଫିଲ୍ମଟି ରିଲିଜ୍ ହୋଇସାରିଛି । ଏହା ଏକ ଥ୍ରିଲର କାହାଣୀ । ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟି ଦେଇ ଓଡ଼ିଶାରେ ଏମିତି ଏକ ପ୍ରୟାସ କରାଯାଇଛି । ଛୋଟ କାହାଣୀକୁ ଫିଲ୍ମ ତିଆରି କରି କିପରି ଲୋକଙ୍କ ସାମ୍ନାକୁ ଅଣାଯାଇପାରିବ, ତାହା ନିର୍ମାତା ହାପି ଚନ୍ଦନଙ୍କ ମୂଳ ଉଦ୍ଦେଶ୍ୟ । ଏଥିରେ ବହୁ କଳାକାରଙ୍କୁ ଦେଖିବାକୁ ପାଇବେ । ମୋ ବିପକ୍ଷରେ ଅଛନ୍ତି ରାକେଶ ପାଢ଼ୀ । ତପି ମିଶ୍ର ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି । 'ଦ ହିରୋ' ଚାପ୍ଟର-୧ ପରେ ଖୁବ୍‌ଶୀଘ୍ର ଦର୍ଶକ ଏହାର ଚାପ୍ଟର -୨ ଦେଖିବାକୁ ପାଇବେ । ଏଥିରେ ବହୁତ କିଛି ଶିଖିବାର ଅଛି । ଲୋକମାନେ ନିଶ୍ଚିତ ଭଲପାଇବା ଦେବେ ।

### କ୍ୟାମେରା ଆଗରେ ପ୍ରଥମ ଦିନ କେମିତି ଥିଲା ?

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ । ଅଭିନୟ ବାବଦରେ ମୋତେ କିଛି ଜଣାନଥାଏ । ଯେହେତୁ ମୋ ବାପା ଜଣେ କଳାପ୍ରେମୀ ଲୋକ ତାଙ୍କଠୁ ଅଭିନୟ ସଂପର୍କରେ ବହୁତ କିଛି ଶିଖେ । ତାଙ୍କ ଆଶୀର୍ବାଦରୁ କ୍ୟାମେରା ସାମ୍ନାରେ ଭୟ କରିନଥିଲି ।

### ଅଭିନୟକୁ ଘରେ କିଭଳି ଗ୍ରହଣ କରିଥିଲେ ?

● ଆରମ୍ଭରୁ ପରିବାରର ଲୋକେ ମୁଁ କାହିଁକି ଏ ଲାଇନ୍‌କୁ ବାଛିଲି ବୋଲି ଭାବୁଥିଲେ । ଗାଁ ଗହଳିରେ ଘର, ତେଣୁ ମୋ ମାଆ ବି ମୋ ପାଇଁ ଚିନ୍ତାରେ ଥିଲେ । ଘରୁ ମିଠା ମିଠା ଗାଳି ବି ଖାଇଛି । ହେଲେ ବାହାରୁ ମୋ କାମ ବିଷୟରେ ଭଲ ଶୁଣିବା ପରେ ପରିବାର ଲୋକଙ୍କ ଗାଳି ମୋ ପାଇଁ ତାଳିରେ ପରିଣତ ହୋଇଥିଲା । ଏହା ହିଁ ମୋ ସଂଘର୍ଷର ଯନ୍ତ୍ରଣାକୁ କମ୍ କରିଥାଏ । କାମରେ ଟିକେ ଭୁଲ୍ ଠିକ୍ ହେଲେ ସେଟ୍‌ରେ ବି ମୋ ସିନିୟରଙ୍କଠାରୁ ଗାଳି ଶୁଣିବାକୁ ମିଳି ଥାଏ ।

### ଆଗକୁ ଲକ୍ଷ୍ୟ କ'ଣ?

● ଏ ଲାଇନ୍‌ରେ ଆଗକୁ ଯିବାକୁ ମୋତେ ବହୁ ସଂଘର୍ଷ କରିବାକୁ ପଡ଼ିଛି । ଅନେକ ଅଡିସନ୍‌ରେ ଭାଗ ନେଇଛି । କେବେ ହାର୍ ମାନିନି । କାମ ଶେଷ ନ ହେବା ଯାଏଁ ମୁଁ କାମ କରିଚାଲିଥାଏ । ହେଲେ ଆଗାମୀ ଦିନରେ ବଡ଼ ପରଦାରେ କାମ କରିବାକୁ ମୋର ଆଗ୍ରହ ରହିଛି । ଲିଡ୍ ଚରିତ୍ରରେ ନଜର ଆସିବା ମୋର ଲକ୍ଷ୍ୟ । ତେବେ ମଡେଲିଂ କରିବା ସହ ଅଭିନୟକୁ ଗୁରୁତ୍ୱ ଦେବି ।

### ଡ୍ରିମ୍ ରୋଲ?

● ମୁଁ ସବୁ ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି ବୋଲି ଆଶା ରହିଛି ।



## 'ପରମ ସୁନ୍ଦରୀ'ରେ ଜାହ୍ନବୀ



ଦୀର୍ଘ ସମୟ ଧରି ଚର୍ଚ୍ଚାରେ ଅଛି ଦୀନେଶ ଭିଜାନ୍‌ଙ୍କ ନୂଆ ହିନ୍ଦୀ ସିନେମା 'ପରମ ସୁନ୍ଦରୀ' । ପ୍ରଥମ ଥର ପାଇଁ ଏହି ସିନେମାରେ ଜାହ୍ନବୀ ଏବଂ ସିଦ୍ଧାର୍ଥଙ୍କ ଯୋଡ଼ି ଦେଖିବାକୁ ମିଳିବ । ସେହିପରି 'ପରମ୍' ଚରିତ୍ରରେ ସିଦ୍ଧାର୍ଥ ଥିବା ବେଳେ 'ସୁନ୍ଦରୀ' ଚରିତ୍ରରେ ଅଛନ୍ତି ଜାହ୍ନବୀ । 'ପରମ' ଉତ୍ତର ଭାରତର ହୋଇଥିବା ବେଳେ 'ସୁନ୍ଦରୀ' ଦକ୍ଷିଣ ଭାରତର । ଏହି ଦୁଇ ଜଣଙ୍କ ମଧ୍ୟରେ କିଭଳି ପ୍ରେମ ସମ୍ପର୍କ ସୃଷ୍ଟି ହେଉଛି, ତାହା ହିଁ ହେଉଛି ଏହି ସିନେମାର କାହାଣୀ । ସିନେମାଟି ପ୍ରେମ କାହାଣୀ ଉପରେ ଆଧାରିତ ହୋଇଥିଲେ ହେଁ ଏହାକୁ ନୂଆ ତଥା ନିଆରା ଶୈଳୀରେ ଦେଖାଇବାକୁ ଚେଷ୍ଟା କରାଯାଇଛି । ଆସନ୍ତା ଜୁଲାଇ ୨୫ରେ ଏହା ରିଲିଜ୍ ହେବ । ■

## ସଂସ୍କୃତି ଓ ପରମ୍ପରାର କାହାଣୀ 'ଦେବକନ୍ୟା'

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା' ଦେବତାଙ୍କୁ ସମର୍ପିତ କଳାର ଏକ ବାସ୍ତବ ରୂପ ଆଉ ରୂପାନ୍ତର । ସେ ପୁରୁଷ ନୁହେଁ, ସେ ନାରୀ ନୁହେଁ, ସେ 'ଦେବକନ୍ୟା' । ସମାଜ ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷର ଆରମ୍ଭ ହୁଏ । ଆଉ ପରିବାର ଯେଉଁଠି ପ୍ରତିବନ୍ଧକ ହୁଏ, ସେଠି ସଂଘର୍ଷ ହାରିଯାଏ । ପରିବାର ଆଉ ସମାଜର ବିରୋଧାଭାସରେ ଲୋକ କଳାକାରଟିଏ କେମିତି ନିଆଁର ଶେଯରେ ଚାଲୁଛି, ତାହାକୁ ନେଇ 'ଦେବକନ୍ୟା'ର କାହାଣୀ ଗତିଶୀଳ । 'ସୁପ୍ରିମ୍ ଏଣ୍ଟରଟେନ୍‌ମେଣ୍ଟ'ର ଦ୍ୱିତୀୟ ଅବଦାନ ହେଉଛି 'ଦେବକନ୍ୟା' । ପୁରୀ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ବିଶିଷ୍ଟ ନାଟ୍ୟକାର ଶଙ୍କର ତ୍ରିପାଠୀ । ପ୍ରଯୋଜନାରେ ସୁରେଶ ସାହୁ ଥିବା ବେଳେ ସହ ପ୍ରଯୋଜକ ଅଛନ୍ତି ଭାର୍ଗବୀ ତ୍ରିପାଠୀ । ନିର୍ଦ୍ଦେଶନାରେ ରାସେଶ ମହାନ୍ତି (ସିଲୁ) ରହିଥିବା ବେଳେ କ୍ରିଏଟିଭ ହେଡ୍ ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ର । ଶୁଭାଶିଷ ଶର୍ମା (ମଣ୍ଟୁ), କୁନା ତ୍ରିପାଠୀ, ଅଶ୍ରୁ ମୋଚନ ମହାନ୍ତି, ରବି ମିଶ୍ର, ସୁଶ୍ରୀ, ନୂତନ କେଦାର ମିଶ୍ର, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର ନାଥ ସିଂ, ଦେବ, ଶମ୍ଭୁ ଖୁଣ୍ଟିଆ ପ୍ରମୁଖ ଏହି ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି । ଚିତ୍ରୋତ୍ତୋଳନ ସୁଦର୍ଶନ ସେନାପତି କରିଥିବାବେଳେ ପ୍ରଡକ୍ସନ ମୁଖ୍ୟ ଅଛନ୍ତି ଭାରତ ଚନ୍ଦ୍ର ସେଠୀ । ସହଯୋଗୀ ମହେଶ ବାରିକ ଥିବାବେଳେ ନୃତ୍ୟ ନିର୍ଦ୍ଦେଶକ ଅଛନ୍ତି ବିଦ୍ୟୁତ୍ ସେଠୀ । ଅନ୍ୟତମ ପ୍ରଯୋଜକ ଆଶୁତୋଷ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ସିନେମା ଦର୍ଶକମାନଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି । ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ନାମ ସମର୍ପଣ ଓ ଦୀପଦାନ ପୂଜା ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପବ୍ଲିସିଟି ମୁଖ୍ୟ ହର ପ୍ରସାଦ ମହାପାତ୍ର, କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ବଦ୍ରି ମିଶ୍ର, ପୁରୀ ଜିଲ୍ଲା ସୂଚନା ଲୋକସମ୍ପର୍କ ସହ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ । ■





ଟେଲିଭିଜନ

## 'ବୋହୂକୁ ଲାଗିଚି ରିଲ୍ସ ଭୂତ'

ଜି ସାର୍ଥକ ଫିଲ୍ମସ୍‌ର ନୂଆ ସିନେମା 'ବୋହୂକୁ ଲାଗିଚି ରିଲ୍ସ ଭୂତ' ଡିସେମ୍ବର ୨୯ ତାରିଖରେ ସନ୍ଧ୍ୟା ୬ଟା ୩୦ରେ ଟିଭି ପ୍ରିମିୟର୍ ହେବ । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ନିକିତା ମିଶ୍ର ଏବଂ ରିଷିକ୍ ମିଶ୍ର । ରିଷିକ୍ ଏଥିରେ ଜିତେନ୍ଦ୍ର ଚରିତ୍ରରେ ଅଭିନୟ କରିଥିବା ବେଳେ ରିତୁ ମିଶ୍ର ଭୂମିକାରେ ନିକିତା ଅଛନ୍ତି । ଏଥିରେ କିଭଳି ଜଣେ ବୋହୂକୁ ରିଲ୍ସ ନିଶା ଘାରିଛି, ତାହା ଦେଖିବାକୁ ମିଳିବ । ତେବେ ରିତୁ ତାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ କ୍ୟାମେରାରେ ସାଇତି ରଖନ୍ତି ଏବଂ ସେୟାର୍ କରନ୍ତି । କହିବାକୁ ଗଲେ, ରିଲ୍ସକୁ ନେଇ ଏହାର କାହାଣୀ ଗତିଶୀଳ । ପ୍ରିୟବ୍ରତ ଗିରିଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପ୍ରଯୋଜକ ଅଛନ୍ତି ସୁଜନ ଫିଲ୍ମସ୍ । ସିନେମାର ସଂଗୀତରେ ଶାନ୍ତନୁ ନାୟକ ଥିବା ବେଳେ ଗୀତିକାର ଅଛନ୍ତି ବାପୁ ଗୋସ୍ୱାମୀ । ସଂଗୀତ ନିର୍ଦ୍ଦେଶନାରେ ଶୁଭମ୍ ଅଛନ୍ତି । ତେବେ ଏହାର କାହାଣୀ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି । ■



ପରଦା ପଛର କାହାଣୀ

## ସମ୍ବାଦପତ୍ର ଖବରରୁ ମିଳିଥିଲା ଫିଲ୍ମର କାହାଣୀ

୧୯୭୭ ମସିହାରେ ପରଦାରେ ମୁକ୍ତିଲାଭ କରିଥିଲା ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଅମର ଆକବର ଆନ୍ଥୋନୀ' । ଏହି ଫିଲ୍ମରେ ଅମିତାଭ ବଚ୍ଚନ, ବିନୋଦ ଖାନ୍ନା, ଋଷି କପୁର ମୁଖ୍ୟ ଭୂମିକାରେ ମନଛୁଆଁ ଅଭିନୟ କରିଥିଲେ । ଏହାର କାହାଣୀକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ତେବେ ଏହି ଫିଲ୍ମ ନିର୍ମାଣକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ନିର୍ଦ୍ଦେଶକ ମନମୋହନ ଦେଶାଇ ଯେତେବେଳେ ଏହି ଫିଲ୍ମ କରିବାକୁ ଭାବିଥିଲେ, ପ୍ରଥମେ ତାଙ୍କ ମୁଣ୍ଡକୁ କିଛି କାହାଣୀ ଜୁଟି ନଥିଲା । ୧୯୭୫ ମସିହାରେ ମନମୋହନ ପ୍ରତିଦିନ ପରି ସକାଳୁ ଏକ ଖବରକାଗଜ ପଢୁଥିଲେ, ଯେଉଁଥିରେ ଜଣେ ବ୍ୟକ୍ତି ତିନି ପୁଅଙ୍କୁ ଏକ ପାର୍କରେ ଛାଡ଼ି ଆତ୍ମହତ୍ୟା କରିଥିଲେ । ଏହି ଘଟଣାକୁ ନେଇ ସେ ଏକ ଫିଲ୍ମର ନିର୍ମାଣ କରିବା ପାଇଁ କଳ୍ପନା କରିଥିଲେ । ଏହା ଜଣାଇବାକୁ ସେ ଲେଖକ ପ୍ରୟାଗ ରାଜଙ୍କ ପାଖକୁ ଯାଇଥିଲେ । ସେଠାରେ ଦୁଇଜଣ ମିଶି ଏହି ଘଟଣାକୁ ନେଇ ଏକ ଫିଲ୍ମ ନିର୍ମାଣ କରିବା ପାଇଁ ଚିନ୍ତା କରିଥିଲେ । ଆଉ ସେଇ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ଫିଲ୍ମ ପାଇଁ ଜଣେ ହିନ୍ଦୁ, ଜଣେ ମୁସଲିମ୍ ଏବଂ ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାବେ ତିନୋଟି ଚରିତ୍ରକୁ ମନୋନୀତ କରିଥିଲେ । ନିର୍ଦ୍ଦେଶକ ଖବର ପଢ଼ି ଯେଭଳି ଫିଲ୍ମ ତିଆରି କରିବା ପାଇଁ ଭାବିଥିଲେ, ସେଭଳି ପରଦାରେ ତାହାକୁ ଉତାରିଥିଲେ । ମଲ୍‌ଟିଷ୍ଟାରର୍ ଅଭିନୀତ ଏହି କମେଡି ଆକ୍ସନ ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ ସଂଖ୍ୟକ ଆୟ କରିଥିଲା । ତିନି ଭାଇଙ୍କ କାହାଣୀ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା । ସେହିପରି ଫିଲ୍ମର ଗୀତଗୁଡ଼ିକ ମଧ୍ୟ ବେଶ୍ ହିଟ୍ ହୋଇଥିଲା । ଏହି ଫିଲ୍ମରେ ଅମର ଭୂମିକାରେ ବିନୋଦ , ଆକବର ଚରିତ୍ରରେ ଋଷି କପୁର ଓ ଅନ୍ଥୋନୀ ଭୂମିକାରେ ଅମିତାଭ ହୃଦୟସ୍ପର୍ଶୀ ଅଭିନୟ କରିଥିଲେ । ସେମାନେ ଛୋଟ ବେଳୁ ପରସ୍ପରଠାରୁ ଅଲଗା ହୋଇ ଯାଇଥିଲେ । ଆଉ ତିନୋଟି ଅଲଗା ଅଲଗା ପରିବାରରେ ପାଳନପୋଷଣ ହୋଇଥିଲେ । ଏହି ଚଳଚ୍ଚିତ୍ରରେ ତିନି ଭାଇଙ୍କ ଚରିତ୍ରକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ■



## ଓଟିଟି ପ୍ଲାଟ୍‌ଫର୍ମରେ 'ଡାଲ୍‌ଚିନି'

ଦୀର୍ଘ ଦିନଧରି ଚର୍ଚ୍ଚାରେ ରହିଥିବା ଓଡ଼ିଆ ରୋମାଣ୍ଟିକ ଚଳଚ୍ଚିତ୍ର 'ଡାଲ୍‌ଚିନି' ଓଟିଟି ପ୍ଲାଟ୍‌ଫର୍ମ 'ଆଓ ନେକ୍ସଟ୍'ରେ ଏଇ ମାସ ୨୮ ତାରିଖରେ ପ୍ରସାରିତ ହେବ । ରିଲିଜ୍ ପୂର୍ବରୁ ଏହି ଚଳଚ୍ଚିତ୍ରଟି ପ୍ରଶଂସା ସାଉଁଟି ସାରିଛି । ଚଳଚ୍ଚିତ୍ର ଉତ୍ସବରେ ଏହା ଶ୍ରେଷ୍ଠ ଫିଲ୍ମ ଭାବରେ ଘୋଷଣା ହେବା ସହିତ ଏଥିରେ ଅଭିନୟ କରିଥିବା ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି । 'କୌସ୍ତୁଭ ଡ୍ରିମ୍ ୱାର୍କ୍ସ' ଏବଂ 'ରିତୁପ୍ରିୟା ପ୍ରଡକ୍ସନ୍'ର ଏହି ଚଳଚ୍ଚିତ୍ରରେ ପାର୍ଥ ସାରଥି ରାୟ ଓ ସୂର୍ଯ୍ୟମୟୀ ମହାପାତ୍ର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି । ଲୋକପ୍ରିୟ ନିର୍ଦ୍ଦେଶକ ପିନାକୀ ସିଂ ଓ ଶିଶିର କୁମାର ସାହୁଙ୍କ ଯୋଡ଼ି କାହାଣୀକୁ ଜୀବନ୍ତ କରିବାରେ ସାହାଯ୍ୟ କରିଛି । ଏହାସହ ଏହି ଚଳଚ୍ଚିତ୍ରରେ ଅନେକ ନୂତନତ୍ୱ ଦେଖିବାକୁ ମିଳିବ । ଜଣେ ମଧ୍ୟବର୍ଗୀୟ ବ୍ୟାଙ୍କ କର୍ମଚାରୀ ଛୁଟିରେ ଅନ୍‌ଲାଇନ୍ ଡେଟିଂ ସାଇଟ୍‌ରୁ ସମୟ ଅତିବାହିତ କରିବା ପାଇଁ ଜଣେ ସାଥୀ ଚୟନ କରନ୍ତି । କିନ୍ତୁ ସାଥୀ ସହିତ ତାଙ୍କର ଏମିତି ସଂପର୍କ ଯୋଡ଼ି ହୁଏ ଯେ, କେତେବେଳେ ଏହି ସମ୍ପର୍କ ପ୍ରେମର ରୂପ ନିଏ, ତାହା କେହି ଜାଣିପାରନ୍ତି ନାହିଁ । ଏଭଳି କିଛି ଭିନ୍ନ ସ୍ୱାଦର କାହାଣୀ 'ଡାଲ୍‌ଚିନି'ରେ ଦେଖିବାକୁ ମିଳିବ । ■



# କ୍ରୀଡ଼ା

ସକାଳ
www.sakalaepaper.com

## ସାନ୍ତା କ୍ଲଜ୍ ଲୁକ୍‌ରେ ଧୋନି



**ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି):** ଖ୍ରୀଷ୍ଟମାସ୍‌ରେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ଏକ ନୂଆ ଲୁକ୍ ସାନ୍ତା କ୍ଲଜ୍ ରୂପରେ ଦେଖିବାକୁ ମିଳିଛି । ପତ୍ନୀ ସାକ୍ଷୀ ଓ ଝିଅ ଜିଭାଙ୍କ ସହ ତାଙ୍କର ଏହି ଫଟୋଗୁଡିକ ଇଣ୍ଟନେଟ୍‌ରେ ଭାଇରାଲ ହୋଇଛି । ବୁଧବାର ଧୋନି ନିଜ ପରିବାର ସହ ଖ୍ରୀଷ୍ଟମାସ ପାଳନ କରିଥିଲେ । ସାକ୍ଷୀଙ୍କ ଦ୍ୱାରା ସେୟାର ହୋଇଥିବା ଫଟୋରେ ଜିଭାଙ୍କୁ ଧୋନି ଆଲିଙ୍ଗନ କରୁଥିବା ଦେଖାଯାଇଛି । ଫଟୋରେ ଧୋନି ବଡ଼ବଡ଼ ଦାଢ଼ି ସହ ଲାଲ ଟୋପି ପିନ୍ଧିଛନ୍ତି । ଜିଭାଙ୍କ ସହ ସେ ଖୁବ୍ ମଜା କରିଛନ୍ତି । ଧୋନିଙ୍କ ଟୋପିରେ ମାହି ଲେଖାଯାଇଛି ଓ ବହୁତ ସାରା ଉପହାର ସହ ସେ ସାନ୍ତା କ୍ଲଜ ରୂପରେ ବସିଥିବାର ଦେଖାଯାଇଛି । ଏହି ଅବସରରେ ଧୋନିଙ୍କ ସହ ବଲିଉଡ ଅଭିନେତ୍ରୀ କ୍ରିତି ସାନନଙ୍କ ଓ ତାଙ୍କ ବନ୍ଧୁ ତଥା ବ୍ୟବସାୟୀ କବୀର ବହିଆ ଏବଂ ପରିବାର ସଦସ୍ୟଙ୍କୁ ମଧ ଦେଖିବାକୁ ମିଳିଥିଲା ।

### ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

## ପୂଜାଙ୍କୁ ରାଜ୍ୟ ଦଳର ନେତୃତ୍ୱ

**କଟକ, ୨୫।୧୨(ସମିସ):** ୧୯ ବର୍ଷରୁ କମ୍ ଜାତୀୟ ମହିଳା ଏକଦିବସୀୟ ଟ୍ରଫି ଆସନ୍ତା ୪ ତାରିଖରୁ ଆରମ୍ଭ ହେବ । ଏନେଇ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବୁଧବାର ରାଜ୍ୟ ଦଳ ଘୋଷଣା କରାଯାଇଛି । ଓଡ଼ିଶା ମହିଳା ଦଳ ଚୟନ କମିଟି ସଦସ୍ୟା ଗଙ୍ଗୋତ୍ରୀ ବେହେରା ଏବଂ ୧୯ ବର୍ଷରୁ କମ୍ ଦଳର ମୁଖ୍ୟ କୋଚ୍ ସ୍ୱାଗତିକା ରଥ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦଳ ଘୋଷଣା ନେଇ ସୂଚନା ଦେଇଥିଲେ । ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ପୂଜା ଯାଦବଙ୍କୁ ମିଳିଛି । ଏହାଛଡ଼ା ପ୍ରାର୍ଥନା ପ୍ରତିଶ୍ରୁତି, ପ୍ରିୟଙ୍କାରି ମୁଦୁଲି, ଅନନ୍ୟା ମିଶ୍ର, ଅର୍ଚ୍ଚନା ରାଉତ, ମିତାଲି ଶର୍ମା, ଏସ୍ ବି ଲରେନ୍ସ, ଶୁଭଶ୍ରୀ ପରମାଣିକ, ବିଜୟଲକ୍ଷ୍ମୀ ବେହେରା, ଗାୟତ୍ରୀ ଖୁଣ୍ଟିଆ, ଅନନ୍ୟା ରାଉତ, ସ୍ୱାତିକା ବେହେରା, ଇସିତା ପାଣି ଦଳରେ ସ୍ଥାନ ପାଇଛନ୍ତି । ଘୋଷିତ ଦଳରେ ୩ଜଣ ୱିକେଟ୍‌କିପର ଆଞ୍ଚୋଲ ରାଜ, ଶ୍ରେୟା ପ୍ରିୟଦର୍ଶିନୀ ଓ ଶୁଭଲକ୍ଷ୍ମୀ ସିଂହଙ୍କୁ ନିଆଯାଇଛି । ବେଙ୍ଗାଲୁରୁରେ ପ୍ରଥମ ମ୍ୟାଚ୍ ଓଡ଼ିଶା ବିହାର ବିପକ୍ଷରେ ଖେଳିବ ।

## ଧାବିକା ହିମା ଦାସ ବାସନ୍ଦ

**ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି):** ହୋୟାରଏବାଉଟ୍ ଫେଲ୍ୟୁଅର ଅର୍ଥାତ ଠିକଣା ସଂକ୍ରାନ୍ତରେ ସୂଚନା ଦେବାରେ ବିଫଳ ହୋଇଥିବାରୁ ଆସାମ ତାରକା ଧାବିକା ହିମା ଦାସଙ୍କୁ ୧୬ ମାସ ପାଇଁ ବାସନ୍ଦ



କରାଯାଇଛି । ଏହି ବାସନ୍ଦ ଅବଧୀ ୨୦୨୩ ଜୁଲାଇ ୨୨ରୁ ଆରମ୍ଭ ହୋଇଛି । ତେଣୁ ଏହି ବାସନ୍ଦାଦେଶ ୨୦୨୪ ନଭେମ୍ବର ୨୧ରେ ଶେଷ ହୋଇଛି । ଫଳରେ ସେ ଏବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ କୌଣସି ସମସ୍ୟା ନାହିଁ ବୋଲି କୁହାଯାଇଛି । ହୋୟାରଏବାଉଟ୍ ଫେଲ୍ୟୁଅର କାରଣରୁ ସେ ନିଶା ନିବାରଣ ନିୟମ ଉଲ୍ଲଂଘନ କରିଛନ୍ତି । ଏହି କାରଣ ଯୋଗୁଁ ତାଙ୍କୁ ବାସନ୍ଦ କରାଯାଇଛି ବୋଲି ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ତରଫରୁ କୁହାଯାଇଛି ।

### ବକ୍ସିଂ ଡେ’ ଟେଷ୍ଟ ଆଜିଠାରୁ

# ସିରିଜ ଅଗ୍ରଣୀ ଲକ୍ଷ୍ୟରେ ଭାରତ

**ମେଲବୋର୍ଣ୍ଣ, ୨୫ ।୧୨(ଏଜେନ୍ସି):** ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିସି)ରେ ଗୁରୁବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ବର୍ଡର- ଗାଭାସ୍କର ଟ୍ରଫି(ବିଜିଟି)ର ଚତୁର୍ଥ ତଥା ବକ୍ସିଂ ଡେ’ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ଏହି ଟେଷ୍ଟ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି । ଭାରତ ଏହି ମ୍ୟାଚ୍ ଜିତିଲେ ତା’ର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଆଶାକୁ ଉଜ୍ଜୀବିତ ରଖିବ । ଏଥିସହ ଭାରତ ୨-୧ରେ ସିରିଜ ଅଗ୍ରଣୀ ହେବ ଓ ଅତିକମ୍‌ରେ ସିରିଜ ହାରିବ ନାହିଁ ବୋଲି ସ୍ପଷ୍ଟ ହେବ । ଏହାହେଲେ ଭାରତ ଟ୍ରଫି ବଜାୟ ରଖିବ ।

### ରୋହିତ ଓପନିଂ କରିପାରନ୍ତି

ଭାରତୀୟ ବ୍ୟାଟିଂକ୍ରମରେ ପରିବର୍ତ୍ତନ ହୋଇପାରେ । ଯଶସ୍ୱୀ ଜୟସ୍ୱାଲଙ୍କ ସହ ଅଧିନାୟକ ରୋହିତ ଶର୍ମା ପୁଣି ଓପନିଂ କରିବାର ସମ୍ଭାବନା ରହିଛି । ଏପରି ହେଲେ ଲୋକେଶ ରାହୁଲ ନଂ-୩, କୋହଲି ନଂ-୪, ଋଷଭ ପନ୍ତ ନଂ-୫ରେ ବ୍ୟାଟିଂ କରିପାରନ୍ତି । ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କମ୍ ରହିଛି । ରବୀନ୍ଦ୍ର ଜାଡେଜା ଖେଳିବେ ବୋଲି ଆଶା କରାଯାଉଛି । ସେହିପରି କ୍ରମାଗତ ଭାବେ ଭଲ ବ୍ୟାଟିଂ କରିଆସୁଥିବା ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିବ ।

### ଅଷ୍ଟ୍ରେଲିଆ ଦଳରେ ଦୁଇ ପରିବର୍ତ୍ତନ

ଘରୋଇ ଦଳରେ ଦୁଇଟି ପରିବର୍ତ୍ତନ ହୋଇଛି । ଦୁର୍ବଳ ଫର୍ମ ଦେଇ ଗତି କରୁଥିବା ଓପନର ନାଥନ ମ୍ୟାକସ୍ୱିନୀଙ୍କ ସ୍ଥାନରେ ୧୯ ବର୍ଷୀୟ ସାମ କୋନଷ୍ଟାସ ଖେଳିବେ ଓ ସେ ଟେଷ୍ଟ ପଦାର୍ପଣ



କରିବେ । ସେହିପରି ଅଭିଜ୍ଞ ଦ୍ରୁତ ବୋଲର ଜୋଶ ହାଜଲେଉଡ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଛି ।

### ଦ୍ରୁତ ବୋଲରଙ୍କୁ ସୁହାଇବ ପିଚ୍

ଏମ୍‌ସିଜିର ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଇବ । ପିଚ୍‌ରେ ୬ ମିଲିମିଟରର ଘାସ ରହିଛି । ବଲ୍ ଏଠାରେ ସିମ୍ ଓ ବାଉନ୍ସ ହେବ । କିନ୍ତୁ ଉଷ୍ମ ପରିବେଶ କାରଣରୁ ପିଚ୍ ଶୁଖିଲା ମଧ ରହିବ । ଫଳରେ ବ୍ୟାଟରମାନେ ମଧ ଏଠାରେ ଦମ୍ ଦେଖାଇବାର ସୁଯୋଗ ପାଇବେ । ତୃତୀୟ ଦିନ ପରେ ପିଚ୍ ଖରାପ ହେବ ସେତେବେଳେ ସ୍ପିନରମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ଟସ୍ ଜିତିବା ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ ।

**ମ୍ୟାଚ୍ ଆରମ୍ଭ:** ଭୋର ୫ଟା

**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ, ଡିଡି ସ୍ପୋର୍ଟ୍ସ, ଡିଜନୀ-ହଟ୍‌ଷ୍ଟାର

**ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କୁମିନ୍ସ (ଅଧିନାୟକ), ଉସମାନ ଖୱାଜା, ସାମ କୋନଷ୍ଟାସ, ମାର୍ନସ ଲାବୁସେନ, ଷ୍ଟିଭ ସ୍ମିଥ୍, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କାରେ (ୱିକେଟରକ୍ଷକ), ମିଚେଲ ଷ୍ଟାର୍କ, ନାଥନ ଲିଅନ ଓ ସ୍କଟ ବୋଲାଣ୍ଡ ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମ୍‌ରା (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ଶୁବମାନ ଗିଲ୍, ବିରାଟ କୋହଲି, ଲୋକେଶ ରାହୁଲ, ଋଷଭ ପନ୍ତ, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟକିପର), ରବୀନ୍ଦ୍ର ଜଡେଜା, ମହମ୍ମଦ ସିରାଜ, ଆକାଶ ଦୀପ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ନୀତୀଶ କୁମାର ରେଡ୍ଡୀ, ୱାସିଂଟନ ସୁନ୍ଦର, ଦେବଦତ୍ତ ପଡ଼ିକାଲ ଓ ତନୁଷ କୋଟିଆନ ।

### ମାଇଲଖୁଣ୍ଟ ଅପେକ୍ଷାରେ ବୁମ୍‌ରା, ଜାଡେଜା

ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏହି ମ୍ୟାଚ୍‌ରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାର ସୁଯୋଗ ପାଇବେ । ଆଉ ୬ ୱିକେଟ ଅକ୍ତିଆର କଲେ ବୁମ୍‌ରା ଦ୍ୱାଦଶ ଭାରତୀୟ ବୋଲର ଭାବେ ୨୦୦ ଟେଷ୍ଟ ୱିକେଟ ଏବଂ ଆଉ ୭ଟି ୱିକେଟ ନେଲେ ଜାଡେଜା ୬୦୦ ଅନ୍ତର୍ଜାତୀୟ ୱିକେଟ ଅକ୍ତିଆର କରିବେ । ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ସମେତ ଆକାଶଦୀପ ତୃତୀୟ ଦ୍ରୁତ ବୋଲର ଭାବେ ପଡ଼ିଆକୁ ଓହ୍ଲାଇବେ ।

### ଏମ୍‌ସିଜିରେ ଭାରତ ୪ଟି ଟେଷ୍ଟ ଜିତିଛି

ଏଠାରେ ଭାରତ ୧୪ଟଟି ଟେଷ୍ଟ ଖେଳିଛି ଓ ୪ଟିରେ ବିଜୟୀ ହୋଇଛି ଓ ୮ଟିରେ ପରାସ୍ତ ହୋଇଛି । ୨୦୧୧ ପରଠାରୁ ଭାରତ ଏଠାରେ ପରାସ୍ତ ହୋଇନାହିଁ । ୨୦୧୮-୧୯ରେ ଭାରତ ମ୍ୟାଚ୍ ଡ୍ର ରଖିଥିଲା । ସେହିପରି ଗତ ୨୦୨୦-୨୧ରେ ଭାରତ ଏଠାରେ ବିଜୟୀ ହୋଇଥିଲା ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

## ବୁମ୍‌ରାଙ୍କୁ ରେକର୍ଡ ୯୦୪ ରେଟିଂ ପଏଣ୍ଟ

**ଦୁବାଇ, ୨୫ ।୧୨(ଏଜେନ୍ସି):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ରେକର୍ଡ ୯୦୪ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଛନ୍ତି । ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ପରିମାଣର ରେଟିଂ ପଏଣ୍ଟ ହାସଲ କରିଛନ୍ତି । ଏଥିସହ ସେ ରବିଚନ୍ଦ୍ରନ ଅଶ୍ୱିନ୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ଅଶ୍ୱିନ ୨୦୧୬ ଡିସେମ୍ବରରେ ଏହି ପରିମାଣର ରେଟିଂ ହାସଲ କରିଥିଲେ । ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଦ୍ୱିତୀୟ, ଅଷ୍ଟ୍ରେଲିଆର ଜୋଶ ହାଜଲେଉଡ ତୃତୀୟ, ଅଭିଜ୍ଞ ପ୍ୟାଟ କୁମିନ୍ସ ଚତୁର୍ଥ ଓ ଅବସର ନେଇଥିବା ଭାରତୀୟ ସ୍ପିନର ଅଶ୍ୱିନ ୫ମ ସ୍ଥାନରେ ରହିଛନ୍ତି । ଭାରତର ରବୀନ୍ଦ୍ର ଜାଡେଜା ୧୦ମ ସ୍ଥାନରେ ରହିଛନ୍ତି ।

ଗାବା ଟେଷ୍ଟର ପ୍ରଥମ ପାଳିରେ ୮୪ ରନର



ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଭାରତର ଲୋକେଶ ରାହୁଲ ବ୍ୟାଟିଂ ତାଲିକାରେ ଉନ୍ନତି କରିଛନ୍ତି । ସେ ୧୦ଟି ସ୍ଥାନ ଉପରକୁ ଉଠି ୪୦ତମ ସ୍ଥାନରେ ପହଞ୍ଚିଛନ୍ତି । ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି । ଇଂଲଣ୍ଡର ଜୋ ରୁଟ୍ ପ୍ରଥମ, ହ୍ୟାରୀ ବ୍ରୁକ୍ ଦ୍ୱିତୀୟ, ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ତୃତୀୟ, ଚଳିତ ବର୍ଡର- ଗାଭାସ୍କର ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରି ଟ୍ରାଭିସ ହେଡ୍ ଚତୁର୍ଥ ସ୍ଥାନରେ ରହିଛନ୍ତି ।

### ଜାଡେଜା ଶ୍ରେଷ୍ଠ ଅଲରାଉଣ୍ଡର

ଅଲରାଉଣ୍ଡର ତାଲିକାରେ ଭାରତର ଜାଡେଜା ୪୨୪ ରେଟିଂ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି । ଶ୍ରେଷ୍ଠ-୧୦ ଅଲରାଉଣ୍ଡର ମଧ୍ୟେରେ ଜାଡେଜାଙ୍କୁ ବାଦ୍ ଦେଲେ ଅଶ୍ୱିନ ତୃତୀୟ ସ୍ଥାନରେ ରହିଛନ୍ତି । ବାଂଲାଦେଶ ମେହେଦି ହାସନ ଦ୍ୱିତୀୟ, ଶକିବ-ଉଲ ହାସନ ତୃତୀୟ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ୫ମ ସ୍ଥାନରେ ରହିଛନ୍ତି ।

### ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଓ ଡାଇଭିଂ

## ପ୍ରତ୍ୟାଶା, ଦିବ୍ୟଙ୍କାଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୫ ।୧୨(ସମିସ):** ଚେନ୍ନାଇରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଓ ଡାଇଭିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ଦୁଇ ମହିଳା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ମହିଳା ୨୦୦ ଏଲ୍‌ସି ମିଟର ବ୍ରେଷ୍ଟଷ୍ଟ୍ରୋକରେ କିଟ୍‌ରେ ପଢୁଥିବା ଦିବ୍ୟଙ୍କା ୨ ମିନିଟି ୪୬. ୮୩ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ । ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଶା ମହିଳା ୧୦୦ ଏଲସି ମିଟର ବ୍ରେଷ୍ଟଷ୍ଟ୍ରୋକରେ





ଏକ ମିନିଟ୍ ୦୮. ୧୪ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିବା ସହ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି ।

### ଜାତୀୟ ଜୁନିଅର ସଫ୍ଟ ଟେନିସ

## ଓଡ଼ିଶା ଦଳର ନେତୃତ୍ୱ ନେବେ ଶିବ



**ଭୁବନେଶ୍ୱର, ୨୫ ।୧୨ (ସମିସ):** ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟଠାରେ ଚଳିତ ମାସ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିଅର ସଫ୍ଟ ଟେନିସ ଚାମ୍ପିଅନସିପ୍‌ର ଉନବିଂଶ ସଂସ୍କରଣ ଖେଳାଯିବ । ଏଥିଲାଗି ଶିବ ବିରୁଆଙ୍କୁ ଘୋଷିତ ୮ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ଏହି ଅବସରରେ ବୁଧବାର ଓଡ଼ିଶା ଦଳ ଚଣ୍ଡିଗଡ଼ ଯାତ୍ରା ପୂର୍ବରୁ ରାଜ୍ୟ ସଫ୍ଟ ଟେନିସ ସଂଘର ସାଧାରଣ ସମ୍ପାଦକ ମହମ୍ମଦ ଆଜାମ, ସ୍ୱାମୀ ସତ୍ୟ କୁମାର ନନ୍ଦ ସରସ୍ୱତୀ, ଜୟଚନ୍ଦ୍ର ନାୟକ ପ୍ରମୁଖ ଓଡ଼ିଶା ଦଳକୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଦିଲ୍ଲୀପ ମହାନ୍ତି, ରୁଦ୍ର ନାରାୟଣ ବେହେରା, ଟିଟନ ସାହୁ, ଆଇନଜୀବୀ ନିର୍ଭୟ ସାମନ୍ତରାୟ, ରଞ୍ଜନ କୁମାର ନନ୍ଦ ପ୍ରମୁଖ ଓଡ଼ିଶା ଦଳର ଶୁଭକାମନା ଜଣାଛନ୍ତି । ଓଡ଼ିଶା ସଫ୍ଟ ଟେନିସ ଦଳ: ଶିବ ବରୁଆ (ଅଧିନାୟକ), ସ୍ୱାଧୀନ ସାମଲ, ସାଇ ପ୍ରୀତମ ମହାନ୍ତି, ଆର୍ଯ୍ୟ କୁମାର ପ୍ରଥମେଶ, ନିରୋବାସ ଆସେମ, କୁନାଲ ନାଓରବାମ, ବୁଲିଆନ ଲାଇଶ୍ରମ, ଲୋଉକ୍ରାମପାମ ଥାୟାଙ୍ଗବା ମାଙ୍ଗାଗ । ପ୍ରଶିକ୍ଷକ- ମହମ୍ମଦ ଅନଶାରୁଲ ହକ୍ ।

## ଓଡ଼ିଶା ଏଫ୍‌ସିରେ ବ୍ରାଜିଲର ଡୋରୀ

**ଭୁବନେଶ୍ୱର, ୨୫ ।୧୨(ସମିସ):** ଓଡ଼ିଶା ଏଫ୍‌ସିରେ ଆଉ ଜଣେ ଅନ୍ତର୍ଜାତୀୟ ଫୁଟବଲର ଯୋଗ ଦେଇଛନ୍ତି । ଡୋରୀ ନାମରେ ଜଣାଶୁଣା ଥିବା ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ୩୪ ବର୍ଷୀୟ ବ୍ରାଜିଲ ଫରୱାର୍ଡ ଡୋରିଏଲଟୋନ ଗୋମ୍ସ ନାସିମେଣ୍ଟୋ ଚଳିତ ସେସନ ଶେଷ ପର୍ଯ୍ୟନ୍ତ ଦଳରେ ରହିବା ନେଇ ଚୁକ୍ତି କରିଛନ୍ତି । ଏଥିସହ ଆଉ ଗୋଟିଏ ବର୍ଷ ଚୁକ୍ତି ବୃଦ୍ଧି କରାଯିବାର ବିକଳ୍ପ ମଧ ରହିଛି । ୨୦୦୮ରୁ ଏପର୍ଯ୍ୟନ୍ତ ସେ ବିଶ୍ୱ ବିଭିନ୍ନ କ୍ଲବ ତରଫରୁ ଖେଳି ବେଶ ସଫଳତା ଅର୍ଜନ କରିଛନ୍ତି । ସେ ୨୦୨୪ ସୁପର ଲିଗ୍ କେରଳାରେ ୧୧ଟି ମ୍ୟାଚ୍ ଖେଳି ୮ଟି ଗୋଲ ସ୍କୋର କରି ଗୋଲ୍ଡେନ ବୁଟ୍ ପୁରସ୍କାର ହାସଲ କରିଥିଲେ । ସେ ଯୋଗ ଦେବାପରେ ଓଡ଼ିଶା ଏଫସି ଆହୁରି ଶକ୍ତିଶାଳୀ ହେବ ବୋଲି କୋଚ୍ ସର୍ଗିଓ ଲୋବେରା କହିଛନ୍ତି ।

## ଷ୍ଟେଟ-ଏ ଟ୍ରଫି: ଗୋଆକୁ ହରାଇଲା ଓଡ଼ିଶା



ସାୱନ ପହରିୟା



ସାଇଦୀପ ମହାପାତ୍ର



ବିନାୟକ ସାହୁ

**କଟକ, ୨୫।୧୨(ସମିସ):** ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି । ରାୟପୁରର ସହୀଦ ବୀରନାରାୟଣ ସିଂହ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ୫ମ ଲିଗ୍‌ରେ ଓଡ଼ିଶା ୬୭ ରନରେ ଗୋଆକୁ ପରାସ୍ତ କରିଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୧୮ ରନରେ ଅଲଆଉଟ ହୋଇଥିଲା । ସାଇଦୀପ ମହାପାତ୍ର ସର୍ବାଧିକ ୪୯ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱିକେଟକିପର ସାୱନ ପହରିୟା ୪୫, ଓମ ଟି ମୁଣ୍ଡେ ୩୧, ସୋହେଲ ଖାନ ୨୮ ଏବଂ ପାନକଳ ଶଶାଙ୍କ ୨୬ ରନର ପାଳି ଖେଳିଥିଲେ । ଗୋଆ ପକ୍ଷରୁ ଏସ୍ ପାଲକର ଏବଂ ସଦାବ ଖାନ ୩ଟି ଲେଖାଏ ୱିକେଟ ନେଇଥିଲେ । ଜବାବରେ ଗୋଆ ୧୫୧ ରନରେ ଅଲଆଉଟ ହୋଇଥିଲା । ଯଶ କଶଭନକର ୬୪ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ । ବିଜୟୀ ଓଡ଼ିଶା ପକ୍ଷରୁ ବିନାୟକ ସାହୁଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା । ବାଦଲ ବିଶ୍ୱାଳ ଏବଂ ବିମଳ କୁମାର ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ ।

## ଶରଣକୁଳ ସର୍ବଭାରତୀୟ ମହିଳା ଫୁଟବଲ୍ ଆରମ୍ଭ




**ଶରଣକୁଳ, ୨୫ ।୧୨(ସମିସ):** ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାର ଶରଣକୁଳ ସ୍ପୋର୍ଟ୍ସ ଆସୋସିଏସନର ଆନୁକୂଲ୍ୟରେ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଲଡୁବାବାଙ୍କ ମନ୍ଦିରଠାରୁ ଆସୋସିଏସନର କର୍ମକର୍ତ୍ତାମାନେ ଏକ ମଶାଲ ଶୋଭାଯାତ୍ରାରେ ଆସି ଖେଳ ପଡ଼ିଆରେ ପହଞ୍ଚିବା ପରେ ଆସସିଏସନର ସଭାପତି ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ.ସୁଶ୍ରୀ, ମୋହି ଫାଉଣ୍ଡେସନର ମାନସ କୁମାର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ବୁଧବାର ଦିନତମାମ ବର୍ଷା ଲାଗି ରହିଥିବାରୁ ଆସୋସିଏସ ନିଷ୍ପତ୍ତି ଅନୁଯାୟୀ ଉଦଘାଟନି ମ୍ୟାଚ ଭାବେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା । ଏଥିରେ ମିତା ଏକାଡେମୀ ଓ ରାଞ୍ଚିର ଜେଏସଏସପିଏସ୍ ପରସ୍ପରକୁ ଭେଟିଥିଲେ । ଏଥିରେ ୧-୦ରେ ମିତା ଏକାଡେମୀ ବିଜୟୀ ହୋଇଥିଲା । ବିଷ୍ଣୁପ୍ରିୟା ଦାସ ମ୍ୟାଚ୍ ପରିଚାଳନା କରିଥିଲେ ।

ସେହିପରି ବାଳୀ ଗଡ଼ନାୟକ, ଆରତୀ ମହାନ୍ତି, ଚିତ୍ରମ୍ବଦା ପାତ୍ର ଲାଇନ୍‌ରେ ସହାୟତା ପ୍ରଦାନ କରିଥିଲେ । ଆସୋସିଏସନ କର୍ମକର୍ତ୍ତା ଭବାନୀ ଶଙ୍କର ମହାପାତ୍ର, ଜ୍ୟୋତିର୍ମୟ ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଲିଙ୍ଗରାଜ ପାତ୍ର, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁବାର ଦିନ ୧୨ଟାରେ ମିତା ଏକାଡେମୀ ଓ ଜେଏସଏସପିଏସ ପ୍ରଥମ ମ୍ୟାଚ୍‌ରେ ଓ ଓଡ଼ିଶା ପୁଲିସ୍ ଓ ବିହାର ଏକାଦଶ ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ।

## ରାଜ୍ୟ ପାରା ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୨୫ ।୧୨(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗତ ୩ ଦିନଧରି ଚାଲିଥିବା ରାଜ୍ୟସ୍ତରୀୟ ଓଡ଼ିଶା ପାରା ଆଥଲେଟିକ ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଛି । ଟି ପାରା ଆସୋସିଏସନ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥିରୂପେ, ସମ୍ମାନିତ ଅତିଥି ଭାବେ ସୋନାଲି ଚାନ୍ଦ ଓ ହରେଶ ପଟ୍ଟନାୟକ ଯୋଗ ଦେଇ ସମସ୍ତ ବିଜେତାଙ୍କୁ ପଦକ ପିନ୍ଧାଇବା ସହ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଆଗାମୀ ଜାତୀୟ ପାରା ଆଥଲେଟିକ ଚାମ୍ପିଅନସିପ୍‌ରେ ଖେଳିବାର ସୁଯୋଗ ମିଳିବ ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS